ଧରିତ୍ରୀ
DHARITRI
ପୃଷ୍ଠା-୧୨+୮
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ (୧୨+୮=୨୦ ପୃଷ୍ଠା) | Bhubaneswar, Friday, August 15/2025 | Page 20 | ₹ 7.00
୫୧ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 261 | ମୂଲ୍ୟ ₹୭/-


ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମ ଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

## ଶୁଭେଚ୍ଛା

ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଶୁକ୍ରବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଆଜିର ସମ୍ପାଦକୀୟ

ଟ୍ରମ୍ପଙ୍କ ଟାରିଫ୍ ଯନ୍ତା

# ବାଦଲଫଟା ବର୍ଷାରେ ୪୬ ମୃତ

**ଉତ୍ତରାଖଣ୍ଡର ଉତ୍ତରକାଶୀ ପରେ ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାକୁ ଦାଉ ସାଧିଛି ବାଦଲଫଟା ବର୍ଷା। କିସ୍ତୱାର ଜିଲା ଚଶୋତି ଗ୍ରାମକୁ ଗୁରୁବାର ଅପରାହ୍ନରେ ଆକାଶରୁ ମାଡ଼ି ଆସିଥିଲା ବିପତ୍ତି। ଚାହୁଁ ଚାହୁଁ ଧୋଇହୋଇଗଲା ଗାଁ। ଘରଦ୍ୱାର ସହ ଭାସିଗଲେ ଅନେକ ଶହ ଲୋକ। ସେମାନଙ୍କ ମଧ୍ୟରୁ ୧୬୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅଦ୍ୟାବଧି ୨ ସିଆଇଏସ୍ଏଫ୍ ଯବାନଙ୍କ ସମେତ ୪୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ଅନ୍ୟ କେତେଜଣ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।**

ଜମ୍ମୁ,୧୪।୮

ମଚାଇଲ ମାତା ମନ୍ଦିରକୁ ଯିବାକୁ ହେଲେ କିସ୍ତୱାର ସହରରୁ ୯୦ କି.ମି. ଦୂର ଚଶୋତି ଗ୍ରାମ ପର୍ଯ୍ୟନ୍ତ ଗାଡ଼ିରେ ଯିବାକୁ ପଡ଼ିଥାଏ। ୯,୫୦୦ ଫୁଟ୍ ଉଚ୍ଚତାରେ ଥିବା ମଚାଇଲ ମାତା ପୀଠକୁ ୮.୫ କି.ମି. ବ୍ୟାପୀ ଟ୍ରେକିଂ ଏଇଠୁ ଆରମ୍ଭ ହୁଏ। ଜୁଲାଇ ୨୫ରୁ


ଜମ୍ମୁ-କଶ୍ମୀର କିସ୍ତୱାର ଜିଲା ଚଶୋତି ଗ୍ରାମରେ ବାଦଲ ଫଟା ବର୍ଷାଜନିତ ବନ୍ୟା ମାଡ଼ି ଆସିଥିବାବେଳେ ଜୀବନ ବଞ୍ଚାଇବା ପାଇଁ ଲୋକେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

### ୧୬୭ ଉଦ୍ଧାର, ଅନେକ ନିଖୋଜ

ଚାଲିଥିବା ମଚାଇଲ ମାତା ଯାତ୍ରା ସେପ୍ଟେମ୍ବର ୫ରେ ଶେଷ ହେବ। ଏହି ବାର୍ଷିକ ଯାତ୍ରାରେ ସାମିଲ ହେବା ପାଇଁ ଗୁରୁବାର ସେଠାରେ ବହୁ ଭକ୍ତ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ହଠାତ୍ ବାଦଲଫଟା ବର୍ଷା ହୋଇଥିଲା। ଏଥିରେ ଘରଦ୍ୱାର, ଦୋକାନ, ପୋଲିସ ଫାଣ୍ଡି ଓ ଭକ୍ତଙ୍କ ଆଶ୍ରୟସ୍ଥଳୀ ଭାସିଯାଇଥିଲା। ପାହାଡ଼ ଉପରୁ କାଦୁଅ ପାଣି ମାଡ଼ିଆସି ଧ୍ୱଂସଲୀଳା ଭିଆଉଥିବାବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଓ ସେନା ଯବାନଙ୍କ ସହ ପୋଲିସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯବାନମାନେ ଅଦ୍ୟାବଧି ୪୬ ମୃତଦେହ ଠାବ ☞ ପୃଷ୍ଠା-୯

## ବୁଲା କୁକୁର ମାମଲା ରାୟ ସଂରକ୍ଷିତ

# ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାରୁ ସବୁ ସମସ୍ୟା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୮(ପି.ଟି.)

ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ନିଷ୍କ୍ରିୟତା କାରଣରୁ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବୁଲା କୁକୁରକୁ ନେଇ ସବୁ ସମସ୍ୟା ସୃଷ୍ଟି ହେଉଥିବା ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଗତ ୧୧ ତାରିଖର ରାୟ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳର ସମସ୍ତ ବୁଲା କୁକୁରଙ୍କୁ ଯଥାଶୀଘ୍ର ସମ୍ଭବ ଧରିନେଇ ସେମାନଙ୍କୁ ଆଶ୍ରୟସ୍ଥଳରେ ରଖିବା ପାଇଁ ଗତ ୧୧ ତାରିଖରେ ୨ ଜଣିଆ ଖଣ୍ଡପୀଠ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଏଭଳି ରାୟକୁ ନେଇ ପ୍ରାଣୀପ୍ରେମୀ ସଂଗଠନ ସମେତ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏହାର ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା। ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁବାର ଏହାର ଶୁଣାଣି କରି ସବୁ ସମସ୍ୟା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ଯେଉଁମାନେ ସୁପ୍ରିମକୋର୍ଟ ଆସି ରାୟର ☞ ପୃଷ୍ଠା-୯









DSPL-213



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୩୧ ଅଗଷ୍ଟକୁ ବୃଦ୍ଧି

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ମୟୂରଭଞ୍ଜ, ନବରଙ୍ଗପୁର, କେନ୍ଦ୍ରାପଡ଼ା ଓ ଦେବଗଡ଼ ଜିଲ୍ଲାର ଅଣଋଣୀ ଚାଷୀଙ୍କ ପାଇଁ ଏହି ବର୍ଦ୍ଧିତ ଅବଧି କେବଳ ଧାନ ଫସଲ ପାଇଁ ଉପଲବ୍ଧ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

ପଞ୍ଜିକରଣର ଶେଷ ତାରିଖ
**୩୧ ଅଗଷ୍ଟ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0033/2526

DSPL - 209

B-MAAN
ଆମ ବିମାନ ସେବା

Wings of Progress
## Aviation for All
Commencement of Flight from Bhubaneswar to Jharsuguda



Shri Narendra Modi
Prime Minister



Shri Mohan Charan Majhi
Chief Minister, Odisha

Flag off by
**Shri Mohan Charan Majhi**
Chief Minister

16th August 2025 *

Biju Patnaik International Airport, Bhubaneswar
Tuesday, Wednesday, Thursday, Friday & Saturday

*Direct flights from Bhubaneswar to Jharsuguda will operate daily, starting from 1st September 2025

- Operated under Odisha's New Destination Policy
- Enhances regional air connectivity
- A major boost for industrial growth & tourism
- Inclusive & accessible aviation infrastructure



Bhubaneswar — Jharsuguda

| BBI Bhubaneswar | Star Air | Domestic | All Days | JRG Jharsuguda |
|---|---|---|---|---|




Commerce & Transport Department, Government of Odisha

OIPR-38001/13/0040/2526

DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ | Bhubaneswar, Friday, August 15/2025 | ପୃଷ୍ଠା-୧

# ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ପ୍ରକାଶ କର

## ବିହାର ଏସ୍ଆଇଆର୍: ଇସିଆଇଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ବିହାର ବିଧାନସଭା ଭୋଟ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ କରାଯାଇଥିବା ଭୋଟର ତାଲିକାର ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଗୁରୁବାର ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ନାମ, ବିବରଣୀ ଓ ଡିଲିଟ୍ କରାଯିବାର ଯୁକ୍ତିଯୁକ୍ତ କାରଣ ଦର୍ଶାଇବାକୁ ଶୀର୍ଷ ଅଦାଲତ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତାଲିକା ଏବଂ ଏତେ ସଂଖ୍ୟକ ମତଦାତାଙ୍କୁ ହଟାଯିବା ପଛର କାରଣ ସମ୍ପର୍କରେ ଇସିଆଇଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ। ଏହି ତାଲିକାକୁ ଏପରି ବ୍ୟାପକ ଭାବେ ପ୍ରକାଶ କରାଯିବା ଆବଶ୍ୟକ, ଯେମିତିକି ସମସ୍ତେ ଏହାକୁ ଦେଖିପାରିବେ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ନୂଆଦିଲ୍ଲୀ,୧୪।୮

ଜୁନ୍ ୨୪ରେ ଇସିଆଇ ବିହାର ଭୋଟର ତାଲିକାର ଏସ୍ଆଇଆର୍ କରାଇବାକୁ ନିଷ୍ପତ୍ତି ନେଇଥିଲେ। ଏସ୍ଆଇଆର୍ ନାଗରିକମାନଙ୍କ ମତଦାନ ଅଧିକାର ଛଡ଼ାଇନେବା ପାଇଁ ଉଦ୍ଦିଷ୍ଟ କହି ଏହା ବିରୋଧରେ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆବେଦନ କରାଯାଇଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରି କହିଛନ୍ତି, ମୃତକ, ଅନ୍ୟ ନିର୍ବାଚନମଣ୍ଡଳୀକୁ ପଳାୟନ କରିଥିବା କିମ୍ବା ସ୍ଥାନାନ୍ତରିତ ବ୍ୟକ୍ତିମାନଙ୍କ ନାମ ସମ୍ବଳିତ ତାଲିକା ସହ ସେମାନଙ୍କୁ କେଉଁ କାରଣରୁ ବାଦ୍ ଦିଆଯାଇଛି ସେ ସମ୍ପର୍କରେ କାରଣ ଉଲ୍ଲେଖ କରି ପଞ୍ଚାୟତସ୍ତରୀୟ କାର୍ଯ୍ୟାଳୟ ଏବଂ ଜିଲାସ୍ତରୀୟ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ କରିବାକୁ ଇସିଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସ୍ଥାନୀୟ ଭାଷାର ଖବରକାଗଜ ଓ ଇଂଲିଶ୍ ଦୈନିକ ସହ ଟିଭି ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ବିଜ୍ଞାପନ ଜରିଆରେ ବିସ୍ତୃତ ଭାବେ ପ୍ରକାଶ କରିବେ। ଏହି ତାଲିକା କେଉଁଠି ଉପଲବ୍ଧ ହେବ ତାହା ମଧ୍ୟ ଲୋକଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ରହିଛି।

ଖଣ୍ଡପୀଠ ଆହୁରି କହିଛନ୍ତି, ତାଲିକାରୁ ଯେଉଁମାନଙ୍କ ନାମ କଟିଯାଇଛି, ସେମାନେ ନିଜ ଆଧାର କାର୍ଡ ସହ ନିର୍ବାଚନ ☞ ପୃଷ୍ଠା-୯

## କେନ୍ଦ୍ର ସହଯୋଗରେ ହେବ ମେଟ୍ରୋ ରେଳ ପ୍ରକଳ୍ପ: ମନ୍ତ୍ରୀ

ଭୁବନେଶ୍ୱର,୧୪।୮ (ସୁନିତ୍ ମିଶ୍ର)

ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କରାଯିବ। ନୂଆ ଢାଞ୍ଚାରେ ମେଟ୍ରୋ ପାଇଁ ଟେକ୍ନିକାଲ କମିଟି ଗଠନ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହି କମିଟି ବିଭିନ୍ନ ସହରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ। ନୂଆ ଟ୍ରାକ୍ ନେଇ କମିଟି ରିପୋର୍ଟ ଦେବେ। ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟିର ଦ୍ୱିତୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ବୈଠକରେ କମ୍ପ୍ରେହେନ୍‌ସିଭ ମୋବିଲିଟି ପ୍ଲାନ୍ ତିଆରି ହୋଇଛି। କେଉଁ ଅଞ୍ଚଳରେ ଲାଇନ ଯିବ, କେଉଁ ଜାଗାରେ ପାର୍କିଂ ଅଞ୍ଚଳ ହେବ ତା'ର ରିପୋର୍ଟ ଟେକ୍ନିକାଲ କମିଟି ଦେବେ। ସାଧାରଣ ଲୋକଙ୍କ ମତାମତ ମଧ୍ୟ ନିଆଯିବ। ପୁରୁଣା ପ୍ରକଳ୍ପ ବନ୍ଦ ହୋଇଛି। ସେସବୁ ରାସ୍ତାରେ ଟ୍ରାଫିକ୍ ☞ ପୃଷ୍ଠା-୯







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସମର କ୍ରାନ୍ତି ସେନା ପକ୍ଷରୁ ନେତାଜୀ ସୁଭାଷ ବୋଷଙ୍କ ମୂର୍ତ୍ତି ପରିସରରେ ପତାକା ଉତ୍ତୋଳନ , ସ୍ଥାନ ରସୁଲଗଡ଼ ଛକ, ସମୟ: ସକାଳ ୬ଟା।
- ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ସକାଳ ୬ଟା ୩୦।
- ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ୟୁନିଟ୍ ୮, ସମୟ: ସକାଳ ୮ଟା।
- ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ମହାତ୍ମାଗାନ୍ଧୀ ମାର୍ଗ, ଭୁବନେଶ୍ୱର, ସମୟ: ସକାଳ ୯ଟା।
- ଭୁବନେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାର୍ ଆସୋସିଏଶନ୍ , କୋର୍ଟ କ୍ୟାମ୍ପସ୍, ସମୟ: ସକାଳ ୯ଟା।
- ବକ୍ସି ଜଗବନ୍ଧୁ ଇଂଲିସ ମେଡ଼ିୟମ୍ ସ୍କୁଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା।
- ରସୁଲ୍‌ଗଡ଼ ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା ୩୦।
- ବିଏମ୍‌ପିଏସ୍ ତକ୍ଷଶିଳା ସ୍କୁଲ୍‌ର ବାର୍ଷିକ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ସ୍କୁଲ୍ ପରିସର, ସମୟ: ୯ଟା ୩୦।
- ପୂଜ୍ୟପୂଜା, ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ୟୁନିଟ୍ ୯, ସମୟ: ସକାଳ ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତୀୟ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାରବାଟୀ ଷ୍ଟାଡିୟମ୍ ପରିସର, ସମୟ: ସକାଳ ୯ଟା।
- ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ସକାଳ ୯ଟା।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୫।
- ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଜୀବନାନୁଭୂତି ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଭୀପ୍ସା ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଦି ଲିଙ୍ଗ୍ ଚକ୍ଷୁ ଚିକିତ୍ସାଳୟ ସଭାଗୃହ, ସମୟ: ଅପରାହ୍ନ ୫ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ଚତୁର୍ଥ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ସରସ୍ୱତୀ ଶିଶୁ ମନ୍ଦିରରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ସକାଳ ୬ଟା ୩୦।
- ସାରସ୍ୱତ ବିଦ୍ୟା ନିକେତନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ନେବଳଦାସ ମଠ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା।
- ବଡ଼ଶଙ୍ଖ ୟୁଥ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ ଗୋପବନ୍ଧୁ ଆୟୁର୍ବେଦିକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃଷ୍ଣ ଜନ୍ମୋତ୍ସବ ଓ ସାଂସ୍କୃତିକ ସମାରୋହ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।
- ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ନୀତି, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୨ଟା।

## ଖୋର୍ଦ୍ଧା
- ଜଟଣୀ ୟୁଥ ଫେଡେରେଶନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ, ସ୍ଥାନ: ଥାନା ଛକ, ଜଟଣୀ, ସମୟ: ସକାଳ ୮ଟା।
- ଶ୍ରୀ ଗୁରୁକୃପା କୁଟୀର ପକ୍ଷରୁ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବ ଓ ଶ୍ରୀକୃଷ୍ଣ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଗୁରୁକୃପା କୁଟୀର, ଶ୍ରୀହରି ବିହାର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟାରୁ।
- ଶ୍ରୀ ସିଦ୍ଧ ମହାବୀର ବାଲାଜୀ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଏବଂ ୧୪ତମ ହନୁମାନ ଚାଳିଶା ପାଠ ଓ ଭଜନ ସମାରୋହ, ସ୍ଥାନ: ଆନ୍ଧ୍ରା ବ୍ୟାଙ୍କ ନିକଟ ଶ୍ରୀ ସିଦ୍ଧ ମହାବୀର ମନ୍ଦିର ପରିସର, ଜଟଣୀ, ସମୟ: ଅପରାହ୍ନ ୫ଟା।
- ପିପୁଲ ଫର ସୋଶାଇଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଓ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିଙ୍କ ଭୂମିକା ଆଲୋଚନାଚକ୍ର, ଟାଉନ ହଲ (ସ୍ରଷ୍ଟା), ଜଟଣୀ, ସମୟ: ଅପରାହ୍ନ ୫ଟା ୩୦।

## ବାଲେଶ୍ୱର
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ, ସ୍ଥାନ: ଥାନା ଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ପୋଲିସ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା ୧୫।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ରାମଧୂନ ପରିକ୍ରମା, ସ୍ଥାନ: ଭଦ୍ରକ ପୌରପାଳିକା, ସମୟ: ଭୋର ୪ଟା ୩୦।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର ପ୍ରେସ୍ କ୍ଲବ୍, ଅବସରପ୍ରାପ୍ତ ସୈନିକ ସଂଘ, ବାସୁଦେବପୁର, ସମୟ: ସକାଳ ୮ଟା।
- ମା' ତୁଝେ ସଲାମ କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ୍, ତିହିଡ଼ି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ୭୯ତମ ସ୍ୱାଧୀନତା ଦିବସ ପାଳନ, ଜାତୀୟ ସଙ୍ଗୀତ ଗାନ, ସ୍ଥାନ: ପଞ୍ଚାୟତ ସମିତି, ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ ଓ ପ୍ରସାଦ ସେବନ, ସ୍ଥାନ: ଯୋଡ଼ା ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ,ସ୍ଥାନ: ପରେଡ ପଡ଼ିଆ ଭଞ୍ଜପୁର, ବାରିପଦା,ସମୟ: ସକାଳ ୯ଟା।
- ବଡ଼ସାହି ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବଡ଼ସାହି ମଇ ସ୍କୁଲ ପଡ଼ିଆ, ବଡ଼ସାହି, ସମୟ: ସକାଳ ୯ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା୧୫।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ– ସକାଳ ୭ଟା ୩୦।
- ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗଜପତି ନଗର ୧ମ ଲେନ,ସମୟ: ସକାଳ ୮ଟା ୩୦।
- ଆୟୁର୍ବେଦିକ କଲେଜର ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ବାସ୍କେଟ ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏସପି ଅଫିସ ବାସ୍କେଟ ବଲ୍ କୋର୍ଟ, ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ
- ଶ୍ରୀଅରବିନ୍ଦଙ୍କ ଜନ୍ମ ଉତ୍ସବ ପାଳନ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୁଗୁଡ଼ା, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ ଢେଙ୍କାନାଳ, ସମୟ: ସକାଳ ୯ଟା ୧୫।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ଅପରାହ୍ନ ୫ଟା ୩୦।
- ଜାତୀୟ ଦିବସ ପାଳନ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ
- ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ସକାଳ ୯ଟା ୧୫।
- ପ୍ରଶାସନ ତରଫରୁ ରକ୍ତଦାନ ଶିବିର, ସ୍ଥାନ: ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ, ସମୟ : ସକାଳ ୯ଟା ୩୦।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ସମବେତ ପରେଡ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ୭ଟା୩୦।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଧର୍ମଶାଳା ପଞ୍ଚାୟତ ସମିତି ଓ ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।
- ଜାରକା ରୋଟାରି ଓ ଇନରହୁଇଲ୍ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜାରକା ଫ୍ଲାଏ ଓଭରବ୍ରିଜ୍ ତଳ, ସମୟ: ସକାଳ ୮ଟା।
- ବ୍ୟାସନଗର ସ୍ୱୟଂ ଶାସିତ କଲେଜରେ ସ୍ୱାଧୀନତା ଦିବସ ପାଳନ,ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ସ୍ୱାଧୀନତା ଦିବସ ପାଳନ,ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସମୟ:ସକାଳ ୭ଟା ୩୦।
- ଜନ୍ମାଷ୍ଟମୀ ଅବସରରେ ନବାହ୍ନ ପ୍ରସାଦ ବଣ୍ଟନର ୨ୟ ବାର୍ଷିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ ପୁରୁଣା ସହର ଗୋପିନାଥ ମନ୍ଦିର, ସମୟ:ସକାଳ ୭ଟା୩୦।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ଼ ପିଟିଏସ୍, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ଲାଇନ ପଡିଆ, ସମୟ : ସକାଳ ୯ଟା୧୫।
- ଉତ୍ସର୍ଗ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା ୩୦।
- ଶୃଙ୍ଖଳା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମଣ୍ଡଳ କାରାଗାର, ନାରୀ ବନ୍ଦୀ ନିକେତନ, ଜିଲା ମୁଖ୍ୟ ଚିକିତ୍ସାଳୟ, ଓ ଦୁର୍ଗାପାଲିସ୍ଥିତ ଦୟାମଣୀ ଜରା ନିବାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୭ଟା।
- କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲାପାଳ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ସ୍ଥାନ: ମିଶନ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ଆର୍‌ଏସ୍‌ପି ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜର୍ନାଲିଷ୍ଟ ଆସୋସିଏଶନର ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୨୧, ସମୟ: ସକାଳ ୮ଟା।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ସୁନ୍ଦରଗଡ ସରକାରୀ କଲେଜ ନିକଟ ଯତରା ପଡିଆ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ, ଜିଲା ପ୍ରେସ୍ କ୍ଲବ ଏବଂ ଜିଲା ପ୍ରେସ୍ କ୍ଲବ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ, ସ୍ଥାନ: ଭବାନୀ ଭବନ ଷ୍ଟାଡିୟମ, ସୁନ୍ଦରଗଡ, ସମୟ: ଅପରାହ୍ନ ୧୨ଟା ୩୦।

## ବରଗଡ଼
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ: ସକାଳ ୭ଟା ୩୫।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ,ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ: ପୂର୍ବାହ୍ନ ୯ଟା ୧୫।

## କଳାହାଣ୍ଡି
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଭବାନୀପାଟଣା ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ, ସମୟ: ପୂର୍ବାହ୍ନ ୯ଟା।

## ବୌଦ୍ଧ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୬ଟା।
- ସ୍ୱାଧୀନତା ଦିବସ ଅବସରରେ ଜିଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।

## ସୁବର୍ଣ୍ଣପୁର
- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ଜିଲା ପ୍ରଶାସନ ଏକାଦଶ ଓ ନଗରପାଳ ଏକାଦଶ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ଜାତିର ପିତା ମହାତ୍ମା ଗାନ୍ଧୀ ଓ ନୂଆପଡା ଜିଲା ଗଠନର ବିନ୍ଧାଣୀ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ଓ ଏକତା ଛକ ନୂଆପଡା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୯ଟା ୧୫।
- ଆଞ୍ଚଳିକ ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଳନ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଜିଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଚୟନ ପ୍ରକ୍ରିୟା, ସ୍ଥାନ: ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ସ୍ମୃତି ସମାରୋହ, ସ୍ଥାନ: ଗୁଣପୁର ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ, ଜାତୀୟ ପତାକା ଉତ୍ତୋଳନ ଓ ପରେଡ୍ ପ୍ରଦର୍ଶନ, ସାଂସ୍କୃତିକ ବିଚିତ୍ରା, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୯ଟା ୧୫।

## କୋରାପୁଟ
- ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ପ୍ରେସ୍ କ୍ଲବ, କୋରାପୁଟ, ସମୟ: ସକାଳ ୭ଟା ୩୦।
- କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଦିବସ, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ସକାଳ ୮ଟା ୪୫।
- ପଞ୍ଚାୟତ ସ୍ତରରେ ଗ୍ରାମସଭା, ସ୍ଥାନ: ନନ୍ଦପୁର ବ୍ଲକର ୨୩ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସହ ନୂତନ ବସ୍ତ୍ର, ଆଭୂଷଣ ଲାଭ କରିପାରନ୍ତି। ପିଲାଙ୍କ ଦାବି ମୁତାବକ ଜିନିଷ ନ ଆଣିପାରିବାରୁ ମାନସିକ ଅଶାନ୍ତି ଉପୁଜିପାରେ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ଟେନ୍ସନ ଲାଗି ରହିବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେଇପାରେ। ଅବଶ୍ୟ ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରର ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ ।

**ମିଥୁନ** କର୍ମକ୍ଷେତ୍ରରେ, ବାଣିଜ୍ୟ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କଲେ ଭଲ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ, କିନ୍ତୁ ସାମାନ୍ୟ ବିତର୍କର ସ୍ଥିତି ଉପୁଜିପାରେ। ଯାତ୍ରାକାଳୀନ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କଳା, ସାହିତ୍ୟ ଓ କ୍ରୀଡ଼ା ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି।

**କର୍କଟ** ଆପଣଙ୍କ ଶାନ୍ତ, ସରଳ, ଉଦାରତା ଗୁଣରେ ଶତ୍ରୁ ମଧ୍ୟ ପ୍ରଶଂସାରେ ଶତମୁଖ ହେବ। କର୍ମକ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ଆଶା କରୁଥିବା ଶୁଭ ଖବର ପ୍ରିୟଜନଙ୍କ ନିକଟରୁ ଶୁଣି ଖୁସି ହେବେ।

**ସିଂହ** ଆଜି ଯେତେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ଯେତେପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହୋଇପଡିବ। ଅବଶ୍ୟ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିପାରେ। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକର ସୂଚନା ମଧ୍ୟ ରହିଛି।

**କନ୍ୟା** ଆଜି ଆପଣଙ୍କ ଯୁକ୍ତିଯୁକ୍ତ କଥାବାର୍ତ୍ତା, ତଥ୍ୟ ସମ୍ବଳିତ ଭାଷଣ ପ୍ରଶଂସା ଓ ଉପଢୌକନ ପ୍ରାପ୍ତିରେ ସହାୟକ ହେବ। ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଘରେ ଆସି ଦେଇଯିବ। ନିଜ ଲୋକଙ୍କ ଭୁଲ୍‌ରୁ ଅଫିସରେ ମତାନ୍ତର ସୃଷ୍ଟି ହେବ। ପରିବହନ, ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘର ସଜାଡିବାରେ ମନୋନିବେଶ କରିବେ।

**ତୁଳା** ମନରେ ଶୁଦ୍ଧ ଭାବନା ଉଦ୍ରେକ ହେଲେ ମଧ୍ୟ ପାରିବାରିକ ଅସହଯୋଗ ଆଶା ପୂରଣ ଦିଗରେ ପ୍ରତିବନ୍ଧକ ସାଜିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନିଜର ବିଚାର ଅନୁଯାୟୀ କାମ କରିବା ଭଲ ହେବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ଧନୁ** ପରିବର୍ତ୍ତିତ ପରିସ୍ଥିତିଜନିତ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହେବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ଖୁସି ରହିପାରନ୍ତି। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କରି କାମ ହାତକୁ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା କରାଯାଇପାରେ।

**ମକର** ଗତକାଲିଠାରୁ ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ଅବିଳମ୍ବେ ଆରମ୍ଭ କରିନେବା ଭଲ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହୃଦୟତାରୁ ଆକସ୍ମିକ ଉପସ୍ଥିତରୁ ମୁକୁଳି ଯାଇ ପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରକାଶନ, ସାହିତ୍ୟ ଚର୍ଚ୍ଚାରେ ସଫଳତା ପାଇବେ। ଶିକ୍ଷା, ଆଲୋଚନା, ଗଠନମୂଳକ କାମ, ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ। ତଥାପି ସାମୟିକ ଘାତପ୍ରତିଘାତ ମଧ୍ୟଦେଇ କାର୍ଯ୍ୟ ସମ୍ପନ୍ନ ହେବାର ଆଶଙ୍କା ଦେଖାଦେଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବାର ଆଶଙ୍କା ଜାଗ୍ରତ ହେବ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ସମସ୍ୟା ସମାଧାନ ଦିଗକୁ ଗତି କରୁଥିବା ଲକ୍ଷ୍ୟକରି ସାମୟିକ ମନ ଖୁସି ହୋଇଯାଇପାରେ। କୌଣସି ବନ୍ଧୁ କିଛି ଖବର ନ ଦେଇ ହଠାତ୍ ଆସିଯିବେ, ଯାହାକି ଆପଣଙ୍କ ମନରେ ଭାବାନ୍ତର ସୃଷ୍ଟିକରିବ। ଆଜିର ଯାତ୍ରା, ବ୍ୟବସାୟ, ଲେଖାପଢାରେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ପ୍ରେରଣାରେ ସମାଜକଲ୍ୟାଣ କାମରେ ଯୋଗ ଦେଇପାରନ୍ତି।

ଆଜି ସ୍ୱାଧୀନତା ଦିବସ, ଅଗଷ୍ଟ ୧୫ ତାରିଖ, ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀଅରବିନ୍ଦ ଜୟନ୍ତୀ, ଭାଦ୍ରବ କୃଷ୍ଣ ସପ୍ତମୀ ଶୁକ୍ରବାର, ରାତ୍ର ଘ.୧୧।୫୦ ମି. ଗତେ, ଅଷ୍ଟମୀ, ରାଶିନକ୍ଷତ୍ର–ସକାଳ ଘ. ୦୭।୩୫ ଗତେ, ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୫୦ ଗତେ, ଘ.୦୮।୨୯ ମଧ୍ୟେ, ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ଅମୃତବେଳା, ସକାଳ ଘ.୦୫।୩୦ଗତେ,ଘ.୦୬।୨୧ମଧ୍ୟେ,ଘ.୦୭।୧୨ଗତେ,ଘ.୦୮।୪୦ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୧୫ ଗତେ, ଘ.୧୧/୫୧ ମଧ୍ୟେ ରାହୁକାଳ ।

DSPL-212



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୫

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ ଓ ଡେ଼ଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ। ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ଉପାୟ ଆପଣାନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୁଅନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0246/2526

**ଆଜି ୫ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ**

ପୁରୀ,୧୪।୮ (ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଅର୍ଥାତ ଶୁକ୍ରବାର ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଓ ସୂଚନା ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

# ସ୍ୱାଭିମାନ ସହ ଖେଳିଲେ ଦଣ୍ଡ ଦେବୁ:ମୁଖ୍ୟମନ୍ତ୍ରୀ



- ଏକତା ସୁଦୃଢ଼ ପାଇଁ ସଂକଳ୍ପ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ
- ରାଜଭବନରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ

ଭୁବନେଶ୍ୱର,୧୪।୮ (ରବିନାରାୟଣ ଜେନା)

ଦେଶ ବିଭାଜନ ଦୃଶ୍ୟପଟରେ ଘୃଣାକୁ ପ୍ରତ୍ୟାଖ୍ୟାନ କରି କରୁଣା, ସହନଶୀଳତାର ସହ ଏକତାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି। ଗୁରୁବାର ରାଜଭବନ ନ୍ୟୁ-ଅଭିଷେକ ସଭାକକ୍ଷରେ 'ବିଭାଜନ ବିଭୀଷିକା ସ୍ମୃତି' ଦିବସ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ଆମ ଦେଶର ଇତିହାସର ସବୁଠାରୁ ବିଭୀଷିକାମୟ ଅଧ୍ୟାୟ ମଧ୍ୟରୁ ଭାରତ ବିଭାଜନ ଅନ୍ୟତମ। ଏହି ବିଭାଜନକୁ ଆମେ ଗମ୍ଭୀରତାର ସହ ସ୍ମରଣ କରୁଛୁ, ଯାହା ଆମର କଷ୍ଟଲବ୍ଧ ସ୍ୱାଧୀନତା ସହିତ ଆସିଥିଲା। ଅକଳ୍ପନୀୟ ଯନ୍ତ୍ରଣା ସହିତ ଲକ୍ଷ ଲକ୍ଷ ଲୋକ ନିଜର ଘର, ଜମି ଏବଂ ଶତାବ୍ଦୀ ଶତାବ୍ଦୀର ସହଭାଗୀ ଜୀବନକୁ ପଛରେ ପକାଇ ନୂତନ ସୀମା ପାର ହୋଇ ଭାରତ ଚାଲି ଆସିଥିଲେ। ଆଜି ସ୍ମୃତି ଦିବସରେ ଆମେ କେବଳ ହରାଇଥିବା ଲୋକଙ୍କ ସ୍ମୃତି ନୁହେଁ ବରଂ ବଞ୍ଚିଥିବା ଲୋକଙ୍କ ଦୃଢ଼ତାକୁ ମଧ୍ୟ ସମ୍ମାନ କରିବା। ସେମାନଙ୍କ ଜୀବନକୁ ପୁନଃ ନିର୍ମାଣ କରିବାରେ ସେମାନଙ୍କର ସାହସ ହେଉଛି ସେହି ମୂଳଦୁଆ, ଯାହା ଉପରେ ଆଧୁନିକ ଭାରତ ଛିଡ଼ା ହୋଇଛି। ଭବିଷ୍ୟତ ପିଢ଼ି ଏହି ଦୁଃଖଦ ଘଟଣାର ପରିଣାମ, ସହ୍ୟ କରାଯାଇଥିବା ବଳିଦାନ ଏବଂ ଆମ ଜାତି ପାଇଁ ଏହାଦ୍ୱାରା ରହିଥିବା ଶିକ୍ଷାକୁ ବୁଝିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଓ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, କେନ୍ଦ୍ରର ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏବେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଆମେ ଶାନ୍ତିପ୍ରିୟ, ହେଲେ ଆମ ସ୍ୱାଭିମାନ ସହିତ କେହି ଖେଳିଲେ ଛାଡ଼ିବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ଏହି ଦିବସ କେବଳ ବିଭାଜନ ଓ ବିସ୍ଥାପନ ସମୟର ସ୍ମୃତିଚାରଣ କରିବାର ଅବସର ନୁହେଁ ବରଂ ଭବିଷ୍ୟତ ସମୟକୁ ସୁରକ୍ଷିତ କରିବାର ପ୍ରତିଜ୍ଞା। ବିଭାଜନ ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି 'ସୀମା ସିନା ଦେଶକୁ ବାଣ୍ଟିପାରେ, କିନ୍ତୁ ମନକୁ କେହି ବାଣ୍ଟିପାରିବେ ନାହିଁ।' ଧର୍ମ, ଭାଷା, ଜାତିଠାରୁ ବଡ଼ ହେଉଛି ମାନବତା। ଆମେ ଭାରତୀୟ ସର୍ବଦା ସହିଷ୍ଣୁତା, ଭାଇଚାରା, ପ୍ରେମ ଓ ସମ୍ମାନକୁ ପ୍ରଥମରେ ରଖିଛୁ, ଆଉ ସେଥିପାଇଁ କୌଣସି ଶକ୍ତି ଆମକୁ ବାଣ୍ଟିପାରିବ ନାହିଁ। ଆସନ୍ତୁ, ଆମେ ସେହି ସ୍ୱପ୍ନକୁ ଆଗକୁ ନେବା ଓ ଏକ ବିକଶିତ ସାର୍ବଭୌମ ଭାରତ ଗଠନରେ ଯୋଗଦାନ ଦେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଜନ ବିଭୀଷିକାର ସ୍ମୃତି ଚାରଣ ବିନା ସ୍ୱାଧୀନତା ଦିବସ ପାଳନ ଅପୂର୍ଣ୍ଣାଙ୍ଗ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍‌ପାଟି, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଏହି ବିଭାଜନ ବିଭୀଷିକା ସ୍ମୃତି ଦିବସ ଲାଗି ଜୁନିୟର ମେଣ୍ଟେନାନ୍ସ ଇଞ୍ଜିନିୟର (ଆଇଟି) ପ୍ରୀତମ କୁମାର ବେହେରା ନିମନ୍ତ୍ରଣ କରିଥିବାବେଳେ କାର୍ଯ୍ୟକ୍ରମରେ ନରୁଲା ଓ ହଂସ ପରିବାରର ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭୋଟ୍ ଚୋର ଗାଦି ଛାଡ଼:ଭକ୍ତ




## କଂଗ୍ରେସର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,୧୪।୮ (ରବିନାରାୟଣ ଜେନା)

ଭାଜପାର ଭୋଟ ଚୋରି ସାରା ଦେଶରେ ପ୍ରମାଣିତ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶାଳ ମଶାଲ ଶୋଭାଯାତ୍ରା ଅବସରରେ ଭକ୍ତ କହିଛନ୍ତି, ନିର୍ବାଚନ କମିଶନଙ୍କ ଜରିଆରେ ଭୋଟ ଚୋରି କରି ଭାଜପା କ୍ଷମତାକୁ ଆସିଛି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଶବାସୀଙ୍କ ଆଗରେ ତଥ୍ୟ ଓ ପ୍ରମାଣ ଦେଇ ସାରିଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଗୁରୁବାର ରାଜମହଲଛକଠାରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରାଯାଇଛି। ନିର୍ବାଚନ ଆୟୋଗକୁ ବ୍ୟବହାର କରି ଭାଜପା 'ଗଣତନ୍ତ୍ର'ର ହତ୍ୟା ଉଦ୍ୟମ କରୁଛି। ଭାରତ ବର୍ଷର ଗଣତନ୍ତ୍ର ଏବେ ସମ୍ପୂର୍ଣ୍ଣ ବିପଦଗ୍ରସ୍ତ। ନିର୍ବାଚନ କମିଶନ ଭାରତରେ ଭାଜପାକୁ କ୍ଷମତାରେ ରଖିବା ପାଇଁ ଗତ ସାଧାରଣ ନିର୍ବାଚନରେ ଭୋଟ୍ ଚୋରି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରରେ କ୍ଷମତାସୀନ କରିବା ସହିତ ମହାରାଷ୍ଟ୍ର, ହରିୟାଣା, ମଧ୍ୟପ୍ରଦେଶ, ଛତିଶଗଡ଼ରେ ଭାଜପା ସରକାର ପ୍ରତିଷ୍ଠା କରିବାରେ ସହାୟକ ହୋଇଛନ୍ତି। ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏହି ଶୋଭାଯାତ୍ରା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ବରିଷ୍ଠ କଂଗ୍ରେସ ନେତା ସାମିଲ ଥିଲେ।




# ଯୁବମୋର୍ଚ୍ଚା ପକ୍ଷରୁ ବିଶାଳ ତ୍ରିରଙ୍ଗାଯାତ୍ରା



ଭୁବନେଶ୍ୱର,୧୪।୮(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଭାଜପା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଗୁରୁବାର ଭୁବନେଶ୍ୱର ରୂପାଲୀ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ୧ କି.ମି.ର ତ୍ରିରଙ୍ଗା ପତାକା ଧରି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତ୍ରିରଙ୍ଗା, ବାଦ୍ୟ ଓ ନୃତ୍ୟ ସହ ଏହି ପଦଯାତ୍ରାରେ ୨୦୦୦ରୁ ଅଧିକ ଯୁବତୀଯୁବକ ସାମିଲ ହୋଇଥିଲେ। ଏହି ଅବସରରେ ଅଭିଳାଷ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଭଳି ଭାବେ ଆହ୍ୱାନ ଦେଇଛନ୍ତି, ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ିବ ଏବଂ ତ୍ରିରଙ୍ଗା ଆମ ଦେଶର ସ୍ୱାଭିମାନ, ଅସ୍ମିତା ଦେଶ ପ୍ରୀତିର ପରିଚୟ । ତେଣୁ ଏହି ଏକୀକୃତ ପରିଚୟ ଅଛି ଆମ ଦେଶ ପ୍ରେମକୁ ଜାହିର କରିବା ପାଇଁ ତାହା କେବଳ ସ୍କୁଲ କିମ୍ବା କଲେଜ ଓ ଅନୁଷ୍ଠାନଗୁଡିକରେ ନୁହେଁ ପ୍ରତ୍ୟେକ ଘରେ ପ୍ରତ୍ୟେକ ବ୍ୟକ୍ତି ଆମ ତ୍ରିରଙ୍ଗା ଉଡ଼ାଇବା ଆବଶ୍ୟକ। ମୋଦିଙ୍କ ଏହି ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଦଳର ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ସବୁ ସ୍ଥାନରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏହି ତ୍ରିରଙ୍ଗା ଯାତ୍ରାରେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି, ତ୍ରିରଙ୍ଗା ଯାତ୍ରା ଭାରତମାତାର ଏକତା ଓ ଅଖଣ୍ଡତାର ପ୍ରତୀକ। ଭାରତମାତା କୋଳରେ ଏହି ତ୍ରିରଙ୍ଗା ପତାକା ଉଡାଇବା ପାଇଁ କେତେ ମହାପୁରୁଷ ଏବଂ ଆମ ପୂର୍ବଜମାନେ ବଳିଦାନ ଦେଇଛନ୍ତି ବୋଲି ସେ କହିଛନ୍ତି। ବର୍ତ୍ତମାନ ସମୟରେ ଭାରତର ସୀମା ସୁରକ୍ଷିତ ଅଛି। ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ହେଉଥିବା ଏହି ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ସମର୍ପିତ ବୋଲି ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

# ରାଜ୍ୟ ସରକାର-ସିଇଜିଆଇଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର, ୧୪।୮(ସୁନିତ୍ ମିଶ୍ର)

ଓଡ଼ିଶା ସରକାର ଏବଂ ସେଣ୍ଟର ଫର ଇଫେକ୍ଟିଭ ଗଭର୍ଣ୍ଣାନ୍ସ ଅଫ ଇଣ୍ଡିଆ ଷ୍ଟେଟ୍ସ(ସିଇଜିଆଇଏସ୍)ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ପତ୍ର ତଥ୍ୟ ଆଧାରିତ ଶାସନ ବ୍ୟବସ୍ଥାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବ। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏନେଇ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଲକ୍ଷ୍ୟ ସାଧନରେ ପ୍ରଶାସନିକ ତଥା ସଂସ୍ଥାଗତ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ବୁଝାମଣା ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଏକ ୫ ବର୍ଷିଆ ଅଣ-ଆର୍ଥିକ ବୁଝାମଣା ପତ୍ର ଏବଂ ଏହା ବିଶେଷକରି ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ଏହାଦ୍ୱାରା ନୀତି ନିର୍ଦ୍ଧାରକ ଏବଂ ପ୍ରଶାସକମାନେ ଯଥା ସମୟରେ ନିଷ୍ପତ୍ତି ନେବା ପାଇଁ ତଥ୍ୟ ପାଇପାରିବେ। ଯାହା ଯୋଜନାକୁ ସୁଦୃଢ କରିବ, ଶାସନକୁ କାର୍ଯ୍ୟକ୍ଷମ କରିବ ଓ ସେବା ପ୍ରଦାନକୁ ସୁଦୃଢ କରିବ। ସିଇଜିଆଇଏସ୍ ଫାଉଣ୍ଡେସନ ଦେଶରେ ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟାଳୟ ମନ୍ତ୍ରଣାଳୟ, ନୀତି ଆୟୋଗ, ଦକ୍ଷତା ବିକାଶ କମିଶନ, କର୍ମଯୋଗୀ ଭାରତ, ଇଣ୍ଡିଆ ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ଅଫିସ ସହିତ ଦେଶର ୭ଟି ରାଜ୍ୟ ଓ ଭାରତ ସରକାରଙ୍କ ୫ଟି ସଂସ୍ଥା ସହିତ କାର୍ଯ୍ୟ କରୁଛି। ସେଥିରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବାରେ ତଥ୍ୟ(ଡାଟା), ପ୍ରମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି।



# ଟ୍ରମ୍ପଙ୍କ ଟାରିଫ୍ ଯନ୍ତା


କୌଶିକ ବସୁ

ଭାରତରୁ ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ (ଆଇଫୋନ୍,ଫାର୍ମାସ୍ୟୁଟିକାଲ ଉତ୍ପାଦ ବ୍ୟତୀତ) ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଟାରିଫ୍ ଲାଗୁକରିବା ପରେ ୨ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କ ବିଗିଡ଼ିଯାଇଛି। ଟ୍ରମ୍ପ ପ୍ରଶାସନର ଅତ୍ୟଧିକ ଟାରିଫ୍ ବ୍ୟବସ୍ଥା ମଧ୍ୟରେ ଥିବା ବ୍ରାଜିଲ(୫୦%), ସିରିଆ(୪୧%) ଲାଓସ୍(୪୦%) ଏବଂ ମ୍ୟାନ୍‌ମାର(୪୦%) ସହ ଭାରତ ପଞ୍ଚମ ରାଷ୍ଟ୍ରଭାବେ ଯୋଡ଼ିହୋଇଛି। ବିଶେଷକରି ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଖୋଲା ସମର୍ଥନକୁ ଦେଖିଲେ ଏହି ଘୋଷଣା ଯୋଗୁ ଭାରତୀୟ ନୀତିନିର୍ଦ୍ଧାରକମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ହ୍ୱାଇଟ୍ ହାଉସ୍ କଡ଼ା ବିବୃତି ଦେଇଛି ଯେ, ରୁଷିଆର ତେଲ ଭାରତ କିଣୁଥିବାରୁ ଦଣ୍ଡ ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି । ନିକଟରେ ଓ୍ୱାଲ୍‌ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା ଯେ, ଏହି କାରଣର କୌଣସି ସତ୍ୟାସତ୍ୟ ନାହିଁ, କାରଣ ରୁଷିଆରୁ ସବୁଠୁ ବେଶି ତେଲ ଚାଇନା କିଣୁଥିଲେ ମଧ୍ୟ ଏହା ପାଇଁ ତାକୁ ଦଣ୍ଡିତ କରାଯାଇ ନାହିଁ।

ଏହି ଗତିଶୀଳତା ଆଣ୍ଟୋନ ଚେଖୋଭଙ୍କ କ୍ଷୁଦ୍ର ଗଳ୍ପ 'ଦି ନିନି'କୁ ସ୍ମରଣ କରାଇଦିଏ। ଏହା କାଶେରେ ସ୍ୱେଚ୍ଛାଚାରୀ ଭାବେ ଜଣେ ମାଲିକ ତାଙ୍କ ପିଲାଙ୍କୁ ଘରେ ପଢ଼ାଉଥିବା ଶିକ୍ଷୟିତ୍ରୀଙ୍କର ପ୍ରାୟ ୧ ମାସର ଦରମା ସହିତ ସମାନ ଅର୍ଥ କାଟି ରଖନ୍ତି। ଦରମାରୁ କଟୁଥିବା ଟଙ୍କା ବିଷୟରେ ଶିକ୍ଷୟିତ୍ରୀ ପ୍ରତିବାଦ କରନ୍ତି ନାହିଁ। ଏହି ସହନଶୀଳତାକୁ ନିଯୁକ୍ତିଦାତା ଦୁର୍ବଳତା ମନେକରି ଦଣ୍ଡିତ କରୁଥିଲେ। ପରେ ସମର୍ପଣ ଭିଭଳି ଶୋଷଣକୁ ଆମନ୍ତ୍ରଣ କରେ ତାହା ଦର୍ଶାଇବା ପାଇଁ ଚେଖୋଭଙ୍କ ଗଳ୍ପକୁ ଦେଖି ଅର୍ଥନୀତିଜ୍ଞ ଏରିଏଲ ରୁବିନ୍‌ଷ୍ଟାଇନ୍ ଏକ ମଡେଲ ବିକାଶ କରିଥିଲେ। ଟ୍ରମ୍ପଙ୍କ ପ୍ରତି ଭାରତର ଏବକାର ଆନୁଗତ୍ୟ ଘୃଣିତ କରୁଛିଯେ, ଭାରତ ଏକ ଦୃଢ଼ ସ୍ୱାଧୀନ ଦେଶ ଭାବେ ଏହାର ଦୀର୍ଘମିଆଦୀ ଭୂମିକାକୁ ଦୁର୍ବଳେଇଯାଇଛି। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସହ-ପ୍ରତିଷ୍ଠାତା ଭାବେ ଏହା ଏକଦା ରଣନୀତିକ ସ୍ୱାୟତ୍ତତାରେ ଆଗୁଆ ଥିଲା ଏବଂ ଆମେରିକା କିମ୍ବା ରୁଷିଆ ଭଳି ବୃହତ୍ ଶକ୍ତିର ବଶତା ବିନା ଅନେକ ଦେଶ ସହ ସମ୍ପର୍କ ରକ୍ଷା କରୁଥିଲା। ଏଣୁ ଭାରତ ସେହି ପରମ୍ପରାକୁ ଆପଣାଇ ମେକ୍ସିକୋ, କାନାଡା ତଥା ଚାଇନା ଭଳି ଦେଶଗୁଡ଼ିକ ସହ ଆର୍ଥିକ ଓ କୂଟନୈତିକ ବୁଝାମଣା କରିବା ପାଇଁ ଏହା ଉପଯୁକ୍ତ ସମୟ। ଅର୍ଥାତ୍ ଟ୍ରମ୍ପଙ୍କ ଟାରିଫ୍‌ର ପ୍ରଭାବ ସମ୍ପର୍କରେ ସଚେତନ ଥିବା ବିଶେଷକରି



ୟୁରୋପ ଓ ଲାଟିନ୍ ଆମେରିକାର ଦେଶଗୁଡ଼ିକ ସହ ବାଣିଜ୍ୟ ଓ ସହଯୋଗ ଦୃଢ଼କରିବା ଦରକାର।

ଭାରତର ପ୍ରତିଷ୍ଠିତ ଆର୍ଥିକ ସମୀକ୍ଷକମାନେ ଯୁକ୍ତି ଦର୍ଶାଉଛନ୍ତି ଯେ, ପ୍ରତିଶୋଧାତ୍ମକ ଟାରିଫ୍ ଲାଗୁକରିବା ମୋଦିଙ୍କ ପାଇଁ ଏକ ଭୁଲ ହେବ। ପ୍ରତିଶୋଧାତ୍ମକ ଟାରିଫ୍ ଆମେରିକାର କ୍ଷତି କରିବ, ହେଲେ ଏଥିରେ ଭାରତର ପ୍ରଭୂତ କ୍ଷତି ହୋଇପାରେ। ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରୀ। ହେଲେ ଭାରତ ହେଉଛି ଆମେରିକା ପାଇଁ କେବଳ ଦଶମ ବୃହତ୍ ଭାଗୀଦାରୀ, ଯାହା ମେକ୍ସିକୋ, କାନାଡା, ଚାଇନା ଓ ଜର୍ମାନୀ ପଛକୁ ରହିଛି। ଆମେରିକାର ଅର୍ଥ ବ୍ୟବସ୍ଥା ଖୁବ୍ ବଡ଼। ଏଣୁ ବଡ଼ ଆର୍ଥିକ ଝଟକାକୁ ସହିପାରିବା ପାଇଁ ଏହାର କ୍ଷମତା ଅଛି। ତେବେ ଦୀର୍ଘଦିନର ବାଣିଜ୍ୟିକ ଭାଗୀଦାରୀମାନଙ୍କ ଉପରେ ଅତ୍ୟଧିକ ଟାରିଫ୍ ଲାଗୁକରି ଆମେରିକା ଏକ ଗୁରୁତର ଭୁଲ କରୁଛି। ଏହା ନିଜକୁ ଦୁର୍ବଳେଇ ନେବା ସହ ତା' ଅର୍ଥ ବ୍ୟବସ୍ଥା ପ୍ରତି ବ୍ୟାପକ କ୍ଷତି ପହଞ୍ଚାଉଛି।

ଏହା ନିଶ୍ଚିତ ଯେ, ଆର୍ଥିକ ନୀତିରେ ଟାରିଫ୍ ଏକ ପ୍ରମୁଖ ଭୂମିକା ନେଇପାରେ। ଏହାର ଏକ କ୍ଳାସିକ୍ ଦୃଷ୍ଟାନ୍ତ ହେଉଛି ଇନ୍‌ଫାଣ୍ଟ ଇଣ୍ଡଷ୍ଟ୍ରି (ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ନୂଆ ଶିଳ୍ପ) ନୀତି ବା ଯୁକ୍ତି। ଏହା ଦର୍ଶାଏ, ଯେତେବେଳେ ଏକ ସେକ୍ଟରର ବିକାଶର ପ୍ରାରମ୍ଭିକ ସ୍ତରରେ ଥାଏ, ସେତେବେଳେ ସାମୟିକ ଟାରିଫ୍ ସୁରକ୍ଷିତ ବିଜ୍ଞନେସ୍‌କୁ ନିବେଶକରିବା ପାଇଁ ଭରସା ଦିଏ। ସେକ୍ଟରର ବିକାଶ ତଥା ଆର୍ଥିକ ଉନ୍ନତି ହାସଲକରିବା ସହ ପ୍ରତିଯୋଗୀ ହେବା ସକାଶେ ଅନୁମତି ଦିଏଉଥାଏ। କିନ୍ତୁ ଶିଳ୍ପ ଯେତେବେଳେ ପରିପକ୍ୱ ଅବସ୍ଥାକୁ ଆସିଯାଏ, ସେତେବେଳେ ଟାରିଫ୍ କମ୍ କରାଯିବା ଉଚିତ, ଯେଉଁଥିପାଇଁ ମୁକ୍ତ ପ୍ରତିଯୋଗିତାର ବ୍ୟବସ୍ଥା ଏହାକୁ ଆହୁରି ଭଲ ପ୍ରଦର୍ଶନ କରିବା ଲାଗି ସାହାଯ୍ୟ କରିପାରିବ। ଏହାର ଏକ ଉଦାହରଣ ହେଉଛି ଭାରତ। ୧୯୭୦ରେ, ଏକ ରାଜନୈତିକ ବିବାଦ ଯୋଗୁ ସରକାର ଆଇବିଏମ୍‌କୁ ଓଡ଼ିଦେଇ ଦେଶକୁ ନିଜସ୍ୱ ମିନି ଓ ମାଇକ୍ରୋ କମ୍ପ୍ୟୁଟର ବିକାଶ କରିବା ନିମନ୍ତେ ବାଧ୍ୟ କରିଥିଲା। ବାଣିଜ୍ୟିକ ବାଧାଗୁଡ଼ିକରୁ ସୁରକ୍ଷିତ ରହି ଘରୋଇ କମ୍ପ୍ୟୁଟର ସେକ୍ଟର ଖୁବ୍ ଶୀଘ୍ର ବୃଦ୍ଧି ପାଇଲା। କିନ୍ତୁ ୧୯୯୧-୯୩ର ଆର୍ଥିକ ସଂସ୍କାର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ -ମାର୍କେଟ ପ୍ରବେଶ କରିବା ଦ୍ୱାରା ଭାରତର ଆଇଟି ସେକ୍ଟର ଅଭିବୃଦ୍ଧି କରିବାକୁ ସକ୍ଷମ ହେଲା। ଏହା ସହ ଇନ୍‌ଫୋସିସ୍, ୱିପ୍ରୋ ଏବଂ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସ ଭଳି ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱସ୍ତରୀୟ କମ୍ପାନୀ ଭାବେ ଉଭା ହେଲେ ଏବଂ ଅପ୍ରତ୍ୟାଶିତ ଆର୍ଥିକ ଅଭିବୃଦ୍ଧି ଘଟାଇଥିଲେ।

କୌତୂହଳର ବିଷୟ ହେଉଛି, ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ଶିଳ୍ପର ଆର୍ଥିକ ବିକାଶର ଧାରଣା ଆଧୁନିକ ଆମେରିକାରୁ ଆସିବା ପୂର୍ବରୁ ରହିଛି। ଏହାର ଇତିହାସ ଆମେରିକାର ପ୍ରଥମ ଟ୍ରେଜେରି(ଅର୍ଥ) ସଚିବ ଆଲେକ୍‌ଜାଣ୍ଡର ହାମିଲ୍‌ଟନ୍‌ଙ୍କ ସହ ଯୋଡ଼ିହୋଇ ରହିଛି। ଆମେରିକାର ଟାରିଫ୍ ତାହାର ନୂଆ ଶିଳ୍ପଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ସେ ଦୃଢ଼ ଦାବି କରିଥିଲେ। ୧୮୭୦ ପରେ ବାଣିଜ୍ୟ ନୀତିରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଉଚ୍ଚ ଟାରିଫ୍ ୧୯୩୪ ପର୍ଯ୍ୟନ୍ତ ଜାରି ରହିଥିଲା। ପରେ ତାହା ଦ୍ରୁତଗତିରେ ହ୍ରାସ ପାଇଥିଲା ଏବଂ ବିରାଟ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିର କାରଣ ହୋଇଥିଲା। ଭାରତ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆ ଭଳି ବିକାଶଶୀଳ ଦେଶଗୁଡ଼ିକ ସହ ପ୍ରତିଯୋଗିତା କରିବାକୁ ହେଲେ ଆମେରିକାର କର୍ମଚାରୀଙ୍କ ବେତନ ହ୍ରାସ କରିବା ଦରକାର ପଡ଼ିବ, ଯାହା ବାସ୍ତବବାଦୀ କିମ୍ବା ବାଞ୍ଛନୀୟ ରଣନୀତି ହେବନାହିଁ। ଏହା ମଧ୍ୟ ଭାରତ ପାଇଁ ପ୍ରଯୁଜ୍ୟ। ରାଜନୈତିକ ସଫଳତା ପାଇଁ ଟାରିଫ୍‌କୁ ବ୍ୟବହାର କରାଯିବା ଉଚିତ ନୁହେଁ। ଟ୍ରମ୍ପଙ୍କ ଟାରିଫ୍ ନୀତି ଦୃଷ୍ଟିରୁ ଆମେ କେବଳ ଆଶା କରିବା ଯେ, ସେ ନିଜ ତ୍ରୁଟିକୁ ସ୍ୱୀକାର କରିବେ ଏବଂ ଆମେରିକା ଅର୍ଥ ବ୍ୟବସ୍ଥାକୁ ଅଧିକ କ୍ଷତି ପହଞ୍ଚାଇବା ପୂର୍ବରୁ ତାଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରିବେ।

ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ

# ନୂଆ ଓଡ଼ିଶାର ନୂଆ ପିଢ଼ିକୁ ଆହ୍ୱାନ


ମୋହନ ଚରଣ ମାଝୀ

ଆଜି ପବିତ୍ର ସ୍ୱାଧୀନତା ଦିବସ। ପିଢ଼ି ପରେ ପିଢ଼ିର ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳଦୁଆ ଉପରେ ଠିଆ ହୋଇଛି ଆମ ସ୍ୱାଧୀନତା ଓ ଗଣତନ୍ତ୍ରର ସୌଧ। ଆମର ବନ୍ଦିତ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀରୁ ପଲ୍ଲୀ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ମୃତିରେ କୋଟି କୋଟି ପ୍ରଣାମ। ଆମର ସ୍ୱାଧୀନତା ସଂଗ୍ରାମ ଯେତେବେଳେ ହାଜରେ ଶତ ପରିବାରର ଅବଦାନ ନ ଥିଲା ବରଂ ଏହା ଥିଲା ଗତ ଶତାବ୍ଦୀର ସବୁଠାରୁ ବଡ଼ ଜନ ଆନ୍ଦୋଳନ।

ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାରା ଦେଶ ଓ ମୋ ପ୍ରିୟ ରାଜ୍ୟବାସୀଙ୍କ ସହ ଏହି ମହାନ ଉତ୍ସବରେ ସାମିଲ। ଆଜି ରାଜଧାନୀର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ଼ରେ ଯୋଗଦେବାର ଉତ୍ସାହ ଅଛି। ଏହି ଅବସରରେ ମୁଁ ନିଶ୍ଚିତ ଭାବରେ ମୋ ସରକାର, ଜନ ଆକାଂକ୍ଷା ଓ ବିକାଶର ଆଲୋଚନା କରିବି। କିନ୍ତୁ ତା' ପୂର୍ବରୁ ମୋ ରାଜ୍ୟର ନୂଆ ଓଡ଼ିଶାର ନୂଆ ପିଢ଼ି ସହ କିଛି କଥା - କିଛି ବ୍ୟଥା ବାଣ୍ଟିବାକୁ ଚାହୁଁଛି।

ଆମ ମାତୃଭୂମି ଓଡ଼ିଶା କେବଳ ଏକ ଭୂଖଣ୍ଡ ନୁହେଁ। କେବଳ ଏକ ଭୌଗୋଳିକ ଅବସ୍ଥିତି ନୁହେଁ, ଏହା ୪.୫ କୋଟି ଓଡ଼ିଆଙ୍କ ଭାବାବେଗର ଅଭିବ୍ୟକ୍ତି। ହଜାର ହଜାର ବର୍ଷର ଆମ ଇତିହାସରୁ ପ୍ରେରଣା ନେଇ ବିକାଶର ରାସ୍ତାରେ ଯିବା ସତ, କିନ୍ତୁ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର 'ବିକାଶ ଭି ବିରାସତ୍ ଭି' ଏହି ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା ପାଇଁ ମୁଁ ନୂଆ ଓଡ଼ିଶାର ନୂଆ ପିଢ଼ିକୁ ସ୍ୱାଧୀନତା ଦିବସର ଏହି ଶୁଭ ଅବସରରେ ଆହ୍ୱାନ ଜଣାଉଛି।

ସାରା ବିଶ୍ୱରେ ଅନେକ ସଭ୍ୟତା ଜନ୍ମ ନେଇଛି। ଏହାର ବିଲୟ ବି ହୋଇଛି। ଭାରତୀୟ ସଭ୍ୟତା ଅନାଦି-ଅନନ୍ତ କାଳରୁ ଅଛି ଏବଂ ଭାରତର ସନାତନୀ ବିଚାର ଆହୁରି ଯୁଗ ଯୁଗ ଧରି ବଞ୍ଚି ରହିବ, କାରଣ ଆମେ ଭାରତୀୟ ଆମ ଐତିହ୍ୟ ପରମ୍ପରାକୁ ସାଙ୍ଗରେ ନେଇ ହିଁ ଆଗକୁ ଯାଉଛୁ। ମହମ୍ମଦ ଇକ୍‌ବାଲଙ୍କ 'ସାରେ ଜହାଁ ସେ ଅଚ୍ଛା' କବିତାର ପଦଟିଏ କହିବି- "ୟୁନାନ-ଓ-ମିଶ୍ର-ଓ-ରୋମା, ସବ୍ ମିଟ୍ ଗୟେ ଜହାଁ ସେ
ଅବତକ ମଗର ହେ ବାକି, ନାମ ଓ'ର ନିଶାନ ହମାରା
କୁଛ ବାତ୍ ହେ କି ହସ୍ତୀ ମିଟତି ନେହିଁ ହମାରି"

ସେଇ 'କୁଛ ବାତ୍ ହେ କି ହସ୍ତୀ' ହେଉଛି ଆମ ଭାରତୀୟ ସମାଜର ସଂସ୍କୃତି-ପରମ୍ପରା ଓ ଅସ୍ମିତା। ୧୯୬୦ରେ ଆମର ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ଏ ଓଡ଼ିଆ ଜାତି ସମାନ୍ତରାଳ ଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଭାରତରୁ ବିଲାତ ପର୍ଯ୍ୟନ୍ତ ସଂଘର୍ଷ ଲଢ଼ିଥିଲା। ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ହେଲା। ଆମେ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ଲଢ଼େଇ ଲଢ଼ିଲୁ। ଦେଶର ମୁକ୍ତି ଆନ୍ଦୋଳନ ବି ଲଢ଼ିଲୁ। ଗୋଟିଏ ପଟେ ଆଞ୍ଚଳିକ ପରିଚୟ ପାଇଁ ଲଢ଼େଇ, ସେପଟେ ରାଷ୍ଟ୍ରୀୟ ସ୍ରୋତ। ଓଡ଼ିଶା ସାରା ଦେଶକୁ ରାଷ୍ଟ୍ରୀୟ ଏକତାର ନୂଆ ସନ୍ଦେଶ ଦେଇଥିଲା। ଦୁଇଟି ଆନ୍ଦୋଳନ, ଆଞ୍ଚଳିକ ସ୍ୱତନ୍ତ୍ର ପରିଚୟକୁ ସ୍ୱୀକୃତି ଓ ରାଷ୍ଟ୍ରୀୟ ମୁକ୍ତି ସଂଗ୍ରାମ, ଏକ ଓ ଅଭିନ୍ନ, ଏହା ଓଡ଼ିଶା ହିଁ ସମ୍ଭବ କରି ଦେଖାଇଥିଲା।

ଆମ ଓଡ଼ିଆ ମାଟିର ଶକ୍ତି କିଛି ଅଲଗା। କିଏ କହିଲା ଓଡ଼ିଶା କଳିଙ୍ଗ ଯୁଦ୍ଧ ହାରିଥିଲା? କଳିଙ୍ଗ ଯୁଦ୍ଧରେ ଲକ୍ଷେ ଓଡ଼ିଆଙ୍କ ବଳିଦାନ ଦୟାନଦୀକୁ ରକ୍ତରଞ୍ଜିତ କରି ନ ଥିଲା ବରଂ ଓଡ଼ିଆଙ୍କ ବଳିଦାନ ସାରା ବିଶ୍ୱରେ ବୌଦ୍ଧ ମତର ପ୍ରଚାର ମାଧ୍ୟମରେ ଶାନ୍ତିର ବିଜୟ ବୈଜୟନ୍ତୀ ଉଡ଼ାଇଥିଲା। ରାଜ୍ୟ ଯୁଦ୍ଧ ଲଢ଼ୁଥିଲା। କିନ୍ତୁ ରାଜା ନ ଥିଲେ? ବୋଧହୁଏ ଇତିହାସକାରମାନଙ୍କର ଏହା ମତ। କିନ୍ତୁ ଆଜି ଦିନରେ ଭାରତୀୟ ଇତିହାସକାରମାନେ ସେ ସମୟର ଯୁଦ୍ଧ ବ୍ୟବସ୍ଥା, ନାଗରିକ ସମାଜର ସାମୂହିକ ନିଷ୍ପତ୍ତି ଏବଂ ଯୁଦ୍ଧ ରଣନୀତି ଉପରେ ପୁଣି ଅନୁଧ୍ୟାନ ଓ ଗବେଷଣା କରି ଅନେକ ପରଦା ହଟାଇବାର ସମ୍ଭାବନା ଅଛି। ଓଡ଼ିଶାର ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ଗଣତନ୍ତ୍ରର ପଦଚିହ୍ନ ଖୋଜିବାକୁ ଆଜି ସମୟ ଆସିଛି କି ନାହିଁ ଏଥିରେ ଚିନ୍ତା କରନ୍ତୁ? ରାଜା ନ ଥିଲେ, ରାଜ୍ୟ ଓ ଯୁଦ୍ଧ ପୁରପରିଚାଳନା ହେଉଥିଲା ଏହା ତ ବଡ଼ ଗବେଷଣାର ପ୍ରସଙ୍ଗ! ମାନେ, ଯଦି ଏହା ସତ ତେବେ ଓଡ଼ିଶା ବିଶ୍ୱକୁ ନୂଆ ମ୍ୟାନେଜମେଣ୍ଟ ଥିଓରି ଶିଖାଇବାର କ୍ଷମତା ରଖୁଛି ବୋଲି କୁହାଯାଇପାରିବ ନା ନାହିଁ?

ମୋର ଓଡ଼ିଶାର ନୂଆ ପିଢ଼ିଙ୍କୁ ଅନୁରୋଧ, ଥରେ କୋଣାର୍କ ଯାଇ ଓଡ଼ିଶାର ବୈଜ୍ଞାନିକ ପରମ୍ପରାକୁ, ଉଦ୍ୟମୀ ସମାଜ ତଥା ପ୍ରାଚୀନ ଯୁଗରେ ଆଧୁନିକତାର ଛାପକୁ ଆଖିରେ ଦେଖନ୍ତୁ। ଆଉ ଥରେ କୋଣାର୍କ ବୁଲନ୍ତୁ, ଅନୁଭବ କରନ୍ତୁ। ଭଗବାନ ସୂର୍ଯ୍ୟନାରାୟଣଙ୍କ ଉଦୟରୁ ଅସ୍ତ, ଗ୍ରହ ମଣ୍ଡଳର ଗତି, ପୃଥିବୀ-ସୂର୍ଯ୍ୟ-ଚନ୍ଦ୍ରର ସ୍ଥିତି-ଅବସ୍ଥିତିର ଗଭୀର ଅଧ୍ୟୟନ ବିନା ସୂର୍ଯ୍ୟମନ୍ଦିର ସମ୍ଭବ କି? ଚବିଶଘଣ୍ଟାର ସୂର୍ଯ୍ୟମୂର୍ତ୍ତିମାନଙ୍କର ଅବସ୍ଥିତି, ଚକରେ ସମୟ ଗଣନାର ନିର୍ଭୁଲ ପ୍ରକ୍ରିୟା ଓଡ଼ିଆ ଜାତିର ବୈଜ୍ଞାନିକ ଆଧାରର ପ୍ରମାଣ ନା ନାହିଁ?

ସୂର୍ଯ୍ୟମନ୍ଦିର ଆମ ପୂର୍ବ ପୁରୁଷମାନେ ଆଷ୍ଟ୍ରୋ ଫିଜିକ୍ସରେ ପାରଙ୍ଗମ ଥିଲେ ବୋଲି ପ୍ରମାଣିତ କରୁନାହିଁ କି? କୋଣାର୍କରେ ଜିରାଫର ମୂର୍ତ୍ତି ଓଡ଼ିଶାର ଆଫ୍ରିକା ମହାଦେଶ ସହ ସମ୍ପର୍କର ସୂଚନା ଦେଉନାହିଁ କି? କୋଣାର୍କ କାନ୍ଥରେ ଭ୍ୟାନିଟି ବ୍ୟାଗଧାରୀ ମହିଳାଙ୍କ ମୂର୍ତ୍ତିକୁ ଥରେ ଦେଖନ୍ତୁ। ତ୍ରୟୋଦଶ ଶତାବ୍ଦୀ ମହିଳାଙ୍କ ହାତରେ ଭ୍ୟାନିଟି ବ୍ୟାଗ? ନୂଆ ଓଡ଼ିଶାର ନୂଆ ପିଢ଼ି କୋଣାର୍କର ଏହି ମୂର୍ତ୍ତିକୁ ନିଜେ ଆଖିରେ ଦେଖିବା ଉଚିତ କି ନାହିଁ?

ଆମର ପୁଅ ପଠାଣି ସାମନ୍ତ କେତେ ଖଣ୍ଡ ବାଉଁଶ ନଳୀରେ ସୂର୍ଯ୍ୟ-ଚନ୍ଦ୍ର, ଗ୍ରହ-ନକ୍ଷତ୍ରଙ୍କ ସ୍ଥିତି ଏବଂ ଅବସ୍ଥିତିର ନିର୍ଭୁଲ ଗଣନା କରିଥିଲେ ନା ନାହିଁ? ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରକାଶିତ ହେଉଥିବା ପଞ୍ଜିକାର ଗଣନାରେ କେବେ ସୂର୍ଯ୍ୟୋପରାଗ, ଚନ୍ଦ୍ରଗ୍ରହଣର ଗଣନା ଭୁଲ ହୋଇଛି? ବିଜ୍ଞାନର ଦୃଷ୍ଟିରୁ କାହିଁ କେଉଁ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଜାତି ବିଜ୍ଞାନରେ ପାରଙ୍ଗମ ଥିଲା, ଏହା ପ୍ରମାଣ ଦେବାର ଆବଶ୍ୟକତା ଅଛି କି?

ଆମ ସନ୍ଥକବି ଭୀମ ଭୋଇଙ୍କ କାଳଜୟୀ କବିତା "ପ୍ରାଣୀଙ୍କ ଆରତ, ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ" ବୋଧହୁଏ ପୃଥିବୀର ସବୁଠୁ ବଡ଼ ଦାର୍ଶନିକମାନଙ୍କଠାରୁ ଆମ ଭୀମ ଭୋଇଙ୍କ ବିଚାର ବହୁ ଉଚ୍ଚକୋଟୀର, ଏଥିରେ ସନ୍ଦେହ କରିବାର କିଛି ଅଛି ? ଓଡ଼ିଶା ହେଉଛି ଏହି ଜାତି। ଯେଉଁଠି ସଂସ୍କୃତ ପରେ ପ୍ରଥମେ ଓଡ଼ିଆ ଭାଷାରେ ସାରଳା ଦାସ ମହାଭାରତ ରଚନା କରିଥିଲେ। ମହାକବି କାଳିଦାସ ଓଡ଼ିଶାର ରାଜାଙ୍କୁ 'ମହୋଦଧି ପତି' ଅର୍ଥାତ୍ ସମୁଦ୍ରର ରାଜା ଭାବେ ସମ୍ବୋଧିତ କରିଛନ୍ତି। ଆମର ସାଧବପୁଅ ପୁରା ଦକ୍ଷିଣ-ପୂର୍ବ ଏସିଆ ଦେଶ ସମୂହରେ ବେପାର ବଣିଜ କରି ଓଡ଼ିଶାକୁ ସମ୍ପନ୍ନ କରି ନ ଥିଲେ ବରଂ ସମଗ୍ର ବିଶ୍ୱରେ ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ଏକ ଆଗୁଆ ଭୂଖଣ୍ଡ କରିଥିଲେ। ଏ ଜାତିର ଗୌରବର ଗାଥା ଗଙ୍ଗାରୁ ଗୋଦାବରୀ ବିଜୟର ସଫଳତା ପଛରେ ଲୁଚିଛି।

ଆଜି ପବିତ୍ର ସ୍ୱାଧୀନତା ଦିବସରେ ନୂଆ ଓଡ଼ିଶାର ନୂଆ ପିଢ଼ିଙ୍କୁ ଓଡ଼ିଶାର ଐତିହ୍ୟ - ପରମ୍ପରା ଏବଂ ମହାନ୍ ଇତିହାସର ଅଧ୍ୟୟନ କରିବା ସହ ସେଥିରେ ଗର୍ବିତ ହେବାକୁ ଆହ୍ୱାନ ଜଣାଉଛି। ୨୦୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୪୭ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୨୫ରୁ ୨୦୩୬ ଆଉ ୧୦-୧୧ ବର୍ଷର ସମୟ। ୨୦୨୫ରୁ ୨୦୪୭ ଆଉ ୨୦-୨୨ ବର୍ଷର ସମୟ। ହାତରେ ମୋଟ ୨ ଦଶନ୍ଧିର ସମୟ ଏବଂ ସେଥିରେ ପ୍ରଥମ ଦଶନ୍ଧି ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ପବିତ୍ର ସ୍ୱାଧୀନତା ଦିବସରେ ଗଣତନ୍ତ୍ରର ଜୟ ଜୟକାର କରିବା ତା'ସହ ବିକାଶ ପାଇଁ ହିଁ ଗଣତନ୍ତ୍ର ଏହାର ମହତ୍ତ୍ୱକୁ ବୁଝି ବିକଶିତ ଭାରତର ମୂଳଦୁଆ ଆମ ଜନ୍ମମାଟି ଓଡ଼ିଶାରୁ ପକାଇବା। ସେଥିପାଇଁ ସୁଚିନ୍ତିତ ଯୋଜନା ସହ ସମୟବଦ୍ଧ ଲକ୍ଷ୍ୟ ଆଧାରିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୋ ସରକାର ବଦ୍ଧପରିକର। ସାମ୍ନାରେ ଆମର ଭିଜନ-୨୦୩୬ ଅଛି। ୨୦୨୯ ମସିହା ସୁଦ୍ଧା ଆମର ଲକ୍ଷ୍ୟ ସଂକଳ୍ପପତ୍ର ମାଧ୍ୟମରେ ଉପଲବ୍ଧ। ଗଣତନ୍ତ୍ରରେ ବିତର୍କ ଓ ଆଲୋଚନା ମାଧ୍ୟମରେ ସବୁ ମତ, ମତ ପାର୍ଥକ୍ୟକୁ ବିକାଶ ମଞ୍ଚରେ ଏକାଠି କରି ଆସନ୍ତୁ ଆମର ଭବିଷ୍ୟତ ପାଇଁ ଏକମତ ହେବା।

ମୋର ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନେ ଆମର ନିଷ୍ପାପର ଉଦ୍ୟମ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମକୁ ସଫଳତାର ଶୀର୍ଷକୁ ନେଇପାରିବ ବୋଲି ଓଡ଼ିଆ ଜାତିର ଏହା ଦୃଢ଼ ବିଶ୍ୱାସ। ଦିନେ ମହାପ୍ରଭୁ ବଡ଼ଭାଇଙ୍କ ସହ କଳା-ଧଳା ଘୋଡ଼ାରେ ଚଢ଼ି ଆମ ରାଜା ଓ ରାଜ୍ୟବାସୀଙ୍କ ମାନ ରଖିବା ପାଇଁ କାଞ୍ଚି ବିଜୟରେ ବାହାରି ଥିଲେ। ଓଡ଼ିଆଙ୍କ ଏହି ଅଖଣ୍ଡ ଜନ ବିଶ୍ୱାସରେ ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାମିଲ। ଆସନ୍ତୁ ପୁଣି ଥରେ ଆମ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆଜି ଦିନରେ ଶପଥ ନେବା।

ବନ୍ଦେ ଉତ୍କଳ ଜନନୀ
ଭାରତ ମାତାକୀ ଜୟ

ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

# ମହାଯୋଗୀ ଶ୍ରୀଅରବିନ୍ଦ


ବିମଳ ପ୍ରସନ୍ନ ଦାସ

ଶ୍ରୀଅରବିନ୍ଦଙ୍କ ପବିତ୍ର ଆବିର୍ଭାବ ଦିବସ (୧୫ ଅଗଷ୍ଟ ୧୮୭୨) ର ମହିମା ପ୍ରତିପାଦିତ କରି ଦିବ୍ୟ ଜନନୀ ଶ୍ରୀମା ଏହାକୁ ଶାଶ୍ୱତଙ୍କ ଜନ୍ମ ଭାବରେ ଅଭିହିତ କରିଛନ୍ତି । ଏହାର ତାତ୍ପର୍ଯ୍ୟ ବୁଝାଇ କହିଛନ୍ତି, ଆଧ୍ୟାତ୍ମିକ ଦୃଷ୍ଟିକୁ ଏହା ହେଉଛି ପୃଥିବୀ ପୃଷ୍ଠରେ ପରମ ଓ ଶାଶ୍ୱତଙ୍କର ଶାଶ୍ୱତ ଆବିର୍ଭାବ। ୧୫ ଅଗଷ୍ଟ ୧୯୪୭ରେ ଭାରତ ବି ସ୍ୱାଧୀନ ହୋଇଥିଲା। ଯୁଗପୁରୁଷଙ୍କ ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରତିଷ୍ଠା ହେବା କେବଳ ଏକ ଆକସ୍ମିକତା ନ ହୋଇ ପାରେ, ତାହା ହୋଇପାରେ ଏକ ବିଧାନ, ଏକ ଆଲୋକିକତା। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତ ନଦୀ, ଗିରି, ବନ, ପାହାଡ଼, ପର୍ବତ ଓ କାଗଜର ମାନଚିତ୍ର କିମ୍ବା ୪୦ କୋଟି ଲୋକଙ୍କର ଅଧ୍ୟୁଷିତ ଭୂମି ନୁହେଁ ଏହା ଏକ ଅଖଣ୍ଡ ସଂସ୍କୃତିର ପ୍ରବହମାନ ଧାରା, ଏକ ଜୀବନ୍ତ ସତ୍ତା ମା। ତା'ର ବିକାଶଶୀଳ ଆତ୍ମା, ଏକ ବିବିଧବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସନ୍ଦେଦନଶୀଳା, ପୁଣ୍ୟମୟୀ ମା'। ତା'ର ଗୌରବ-ପୂର୍ଣ୍ଣ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ସହ ସଂଯୁକ୍ତ କରୁଥିବା ତାଙ୍କର ଆଧ୍ୟାତ୍ମିକ ଉପଲବ୍ଧି ତାଙ୍କ ତପସ୍ୟାର ଫଳଶ୍ରୁତି। ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେବା ତା'ର ସ୍ଥୂଳ ପରିପ୍ରକାଶ। ଏହି ପବିତ୍ର ଐତିହାସିକ ଦିବସ ବିରଳ ଗୌରବ ବହନ କରିଛି ଯେତେବେଳେ ରାଷ୍ଟ୍ର ତଥା ରାଷ୍ଟ୍ରନାୟକମାନଙ୍କର ଯୁଗ୍ମ ଜୟନ୍ତୀ ପାଳିତ ହେଉଥିବ।

ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟିରେ ଭାରତୀୟତା ଏକ ବିସ୍ତୃତ ଚେତନା। ତାଙ୍କୁ ଅଭିବ୍ୟକ୍ତ କରି ଶ୍ରୀମା ଯଥାର୍ଥରେ କହିଛନ୍ତି, 'ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ସେ ତ ବିଶ୍ୱ ଭଳି ବିଶାଳ ଏବଂ ଅସୀମ ଓ ଅନନ୍ତ ତାଙ୍କର ବାର୍ତ୍ତା। ସେ ବୈରାଗୀ, ବନଚାରୀ ବା ସନ୍ନ୍ୟାସୀ ନୁହନ୍ତି। ସେ ହିଁ ମୁକ୍ତି ସଂଗ୍ରାମର ମହାସଙ୍ଗୀତ 'ବନ୍ଦେ ମାତରମ୍'ର ଆଗ୍ନେୟ ଆହ୍ୱାନ। ଉଦାତ୍ତ ଓ ଉଦାତ୍ତତର ଅପୂର୍ବ ଉଦ୍ଗାତା ସେ ମହାଯୋଗୀ, ଜ୍ଞାନ, ଭକ୍ତି ଓ କର୍ମର ଅପୂର୍ବ ସମନ୍ୱୟ-ପୂର୍ଣ୍ଣ ଯୋଗର ପବିତ୍ର ତ୍ରିବେଣୀ ସଙ୍ଗମ। ଶ୍ରୀମାଙ୍କ ଅନୁପମ ଭକ୍ତି 'ଶ୍ରୀଅରବିନ୍ଦଙ୍କ ବାଣୀ ଅମ୍ଳାନ ସୂର୍ଯ୍ୟାଲୋକ ସଦୃଶ ଭବିଷ୍ୟତକୁ ଉଦ୍ଭାସିତ କରେ'। ସମଗ୍ର ବିଶ୍ୱ ଏକାଗ୍ର ଚେତନାରେ ଅଦ୍ୱିତୀୟ ପ୍ରବାହ। ସେ ହିଁ ଚେତନାର କ୍ରମ ବିକାଶ, ଅବିଭକ୍ତ ଆଲ୍ହାଦର ଉତ୍ତରଣ ଓ ଅବତରଣ। ଜଡ଼ରୁ ଜୀବନ, ପ୍ରାଣ, ମନ ଓ ଅତିମାନସ - ଏ ସବୁର ନିଶ୍ଚିତ ପ୍ରତିଶ୍ରୁତିରେ ସେ ରଖିଯାଇଛନ୍ତି ଚୈତନ୍ୟ ପୁରୁଷଙ୍କ ଜାଗରଣ, ମନ, ପ୍ରାଣ, ଶରୀରର ବିବର୍ତ୍ତନ ଏ ସମସ୍ତ ରହସ୍ୟ ତାଙ୍କ ଦିବ୍ୟଦୃଷ୍ଟିରେ ଉନ୍ମୋଚିତ ହୋଇଛି। ଅତିମାନସ ଶକ୍ତିର କ୍ରିୟା ଫଳରେ



ଆଜିର ଅର୍ଦ୍ଧପଶୁବତ ମଣିଷ ଦିବ୍ୟ ସ୍ୱରୂପ ଧାରଣ କରିବ, ଏ ପୃଥିବୀ ଦିବ୍ୟ ମାନବ ଦ୍ୱାରା ଅଧ୍ୟୁଷିତ ହେବ, ଏହା ସେ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରି ଯାଇଛନ୍ତି। ଅତିମାନସ କ୍ରିୟା ଫଳରେ ଏ ମଣିଷ ଦିବ୍ୟ ମାନବର ରୂପାନ୍ତରିତ ହୋଇଯିବ। ମୃତ୍ୟୁର ସନ୍ତାନ ବୁଝିପାରିବ ସେ ହିଁ 'ଅମୃତର ସନ୍ତାନ'। ଶ୍ରୀଅରବିନ୍ଦ 'ଦିବ୍ୟ ଜୀବନ ଗ୍ରନ୍ଥ'ରେ ୬୮୪-୮୫ ପୃଷ୍ଠାରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଭକ୍ତି ହିଁ ମୃତ୍ୟୁ ଦେବତାଙ୍କ ପ୍ରଶ୍ନର ମା' ସାବିତ୍ରୀଙ୍କ ଯଥାର୍ଥ ଉତ୍ତର। ସତ୍ୟବାନଙ୍କ ଜୀବନ ଫେରାଇ ଦେବାପାଇଁ ମା' ଦାବି କଲାରୁ ଯମରାଜ ଅତ୍ୟନ୍ତ ବିବ୍ରତ କରି କହିଲେ 'ଏଇ ଦୁଇଗୋଡ଼ିଆ ଲଙ୍ଗଳା, ପୃଥ୍ୱୀର କୀଟ ଯାହାକୁ କହ ମଣିଷ ତା' ଦେହ ଓ ମୁଣ୍ଡରେ ଦେବତାର ସ୍ୱରୂପ କିଏ ଦେଖିବ? ('ସାବିତ୍ରୀ' ୬୩୫ ପୃଷ୍ଠା)

ଶ୍ରୀଅରବିନ୍ଦଙ୍କ ଭବିଷ୍ୟତର ମହାକାବ୍ୟ, 'ସାବିତ୍ରୀ' ଯୋଗମାର୍ଗ ବିଚ୍ଛୁରିତ ସଂପୂର୍ଣ୍ଣତା। ତାଙ୍କ ଦିବ୍ୟଜୀବନ ଗ୍ରନ୍ଥ (LIFE DIVINE) ଯୋଗ ସମନ୍ୱୟ (SYNTHESIS OF YOGA) ବେଦର ରହସ୍ୟ (SECRETS OF VEDA), ଗୀତା ନିବନ୍ଧମାଳା (ESSAYS OF GITA) ଭାରତୀୟ ସଂସ୍କୃତିର ମୂଳଧାର (FOUNDATION OF INDIAN CULTURE) ଯୋଗ ପତ୍ରାବଳି (LETTERS ON YOGA) ପ୍ରଭୃତି ଗ୍ରନ୍ଥରେ ଜଗତ ଓ ଜୀବନର ଅବିସ୍ମରଣୀୟ ଅତୀତ ସହ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ଉନ୍ମୋଚିତ ହୋଇଛି। ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି ଭାରତର ସ୍ୱଧର୍ମ ଓ ସ୍ୱଭାବର ପ୍ରତିଷ୍ଠା ସେ ପ୍ରତ୍ୟକ୍ଷ କରିଛନ୍ତି ଏବଂ ମହତ୍ତର ଅତିମାନସ ମାନବୋତ୍ତର ପ୍ରାଣୀର ଆବିର୍ଭାବ ଏବଂ ସାମ୍ପ୍ରତିକ ସମୟର ଗ୍ଳାନି, ହିଂସା, ଦ୍ୱେଷ ଓ ଅତ୍ୟାଚାର ସତ୍ତ୍ୱେ ଏକ ନୂତନ ଯୁଗର ଆଗମନୀ। ଅନ୍ଧକାର ଓ ନିଶ୍ଚେତନା ଉପରେ ବିଜୟ ଲାଭ କରିଥିବା ଦିବ୍ୟଚେତନାର ଅଭ୍ୟୁଦୟ। ମଣିଷର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ସେ ପ୍ରଚଣ୍ଡ ଆଶାବାଦୀ। ତାଙ୍କର ବାଣୀ ଓ ରାଶି ରାଶି ରଚନା ପାଠକଲେ ମଣିଷ ଆଶାୟୀ ହୁଏ, ଆଶ୍ୱସ୍ତ ହୁଏ ଯେ ଏ ସଭ୍ୟତାର ଉତ୍ତରଣ, ଅବଶ୍ୟମ୍ଭାବୀ, ଏ ପୃଥିବୀ ଧ୍ୱଂସ ପାଇବ ନାହିଁ। ବିଶ୍ୱାସ ଓ ବାସ୍ତବତା, ସଂସାର ଓ ଈଶ୍ୱର ମଧ୍ୟରେ ରହି ଆସିଥିବା ଯୁଗ ଯୁଗର ବ୍ୟବଧାନର ସେ ସଫଳ ତଥା ସାର୍ଥକ ସଂଯୋଜକ। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ ଓ ନାନକ ପ୍ରଭୃତି ଯେତେ ଅବତାର ଓ ସିଦ୍ଧ ସାଧକଙ୍କର ପ୍ରବାଦ ଓ ପ୍ରବଚନ ରହିଛି ସେ ଠିକ୍ ସେପରି ନୁହନ୍ତି ବା ସେସବୁ ସହିତ ଏକ ସଂଯୋଜକ ନୁହନ୍ତି। ସେ ସ୍ୱତନ୍ତ୍ର ଓ ବିରଳ। ତାଙ୍କର ବିଶ୍ୱାସ ସାମ୍ପ୍ରତିକ ଅମାନୁଷିକତାର ମଣିଷ ଜାତିକୁ ଅତିମାନସିକତା ଆଡ଼କୁ ନେଇଯାଉ। ଆଜି ସେ ମହାଯୋଗୀଙ୍କ ପବିତ୍ର ଜନ୍ମତିଥିରେ ଆମେ ତାଙ୍କ ପାଦପଦ୍ମରେ କୋଟି ପ୍ରଣାମ ନିବେଦନ କରୁଛୁ।

ମୋ: ୯୪୩୮୮୮୬୬୬୬


## su|do|ku ସୁ-ଡୋ-କୁ
Puzzles by Srikant Ghosh


| | | | | | | | | |
|---|---|---|---|---|---|---|---|---|
| | 6 | 8 | | | | 5 | | |
| | | | | | 6 | | 7 | |
| | | | | | 2 | | | |
| 3 | 7 | | | | | 9 | | |
| 6 | | | 7 | | | | | |
| | 8 | | | 5 | | | | 1 |
| | 4 | 1 | 6 | 3 | | | | 2 |
| | | | | | | | | 3 |
| 9 | | | | 8 | | 4 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 1 | 8 | 4 | 6 | 7 | 3 |
| 1 | 4 | 3 | 7 | 5 | 6 | 8 | 2 | 9 |
| 6 | 7 | 8 | 2 | 3 | 9 | 5 | 1 | 4 |
| 7 | 8 | 4 | 9 | 2 | 5 | 1 | 3 | 6 |
| 3 | 6 | 2 | 8 | 4 | 1 | 7 | 9 | 5 |
| 5 | 1 | 9 | 3 | 6 | 7 | 2 | 4 | 8 |
| 8 | 9 | 6 | 4 | 1 | 2 | 3 | 5 | 7 |
| 2 | 3 | 7 | 5 | 9 | 8 | 4 | 6 | 1 |
| 4 | 5 | 1 | 6 | 7 | 3 | 9 | 8 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗଛରେ ଟିଣ ବିଜ୍ଞାପନ

ମହାଶୟ,
ରାସ୍ତାପାର୍ଶ୍ୱରେ ଥିବା ଗଛ ଦେହରେ ବିଭିନ୍ନ ସଂସ୍ଥାର ମୁଦ୍ରିତ ଟିଣରେ ନିର୍ମିତ ବିଜ୍ଞାପନ ମାନ ଲୁହାକଣ୍ଟାରେ ମରାହୋଇଥିବା ପରିଲକ୍ଷିତ ହେଉଛି। ବିଶେଷକରି ଘରୋଇ ଶିକ୍ଷାନୁଷ୍ଠାନ, ଗୁଟ୍‌ଖା ଓ ସିଗାରେଟ କମ୍ପାନୀର ବିଜ୍ଞାପନ ବେଶି ଦେଖିବାକୁ ମିଳୁଛି। ଏମାନେ ଗଛ କେବେ ଲଗାନ୍ତି ନାହିଁ। କିନ୍ତୁ ଗଛରେ କଣ୍ଟା ବାଡ଼େଇ ଟିଣ ବିଜ୍ଞାପନ ମାରିବା ଯୋଗୁ ଗଛର କ୍ଷତି ଘଟୁଛି। ଅନେକ କ୍ଷେତ୍ରରେ ଗଛ ମରିଯାଉଛି। ଏଣୁ ଏହି ବିଜ୍ଞାପନଦାତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

- କନ୍ହେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଏଇ ଭାରତରେ

କାଶ୍ମୀର ଜଳବାୟୁରେ ସାଫ୍ରୋନ ଚାଷ ହୁଏ। ଭାରତର ଅନ୍ୟ ଅଞ୍ଚଳରେ ଏହି ଚାଷ ଅସମ୍ଭବ ଥିବାବେଳେ ତାହାକୁ ସମ୍ଭବ କରିପାରିଛନ୍ତି କେରଳର ଶେଷାଦ୍ରି ଶିବକୁମାର। ସେ ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି, ଯାହା ସାମ୍ପ୍ରତିକ କୃଷିରେ ଏକ ଭିନ୍ନ ଘଟଣା। ପେସାରେ ସେ ଜଣେ ସିଭିଲ ଇଞ୍ଜିନିୟର। ଶେଷାଦ୍ରି କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଠିକ ଭାବେ ଚାଷ କରିବା ପାଇଁ ସେ ମଧ୍ୟ କୃଷି ବୈଜ୍ଞାନିକଙ୍କ ସହଯୋଗ ନେଇଥିଲେ ଏବଂ ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ବଡ଼କଥା ହେଉଛି ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ବୃକ୍ଷକୁଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ ସେ ଏହି ଚାଷ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ତାଙ୍କ ସଫଳତାର ବଡ଼ କିଛି ହେଉଛି ସେ ଗୋଟିଏ ବର୍ଷରେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। କେରଳରେ ସାଫ୍ରୋନ ଚାଷକୁ ବ୍ୟାପକ କରିବା ପାଇଁ ଶେଷାଦ୍ରି ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
୧୫ ଅଗଷ୍ଟ ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସର ଏକ ନିଜସ୍ୱ ସମ୍ବିଧାନ ପ୍ରଣୟନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ସମବାୟ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ନୂତନ ଡିଗ୍ରୀ ଉପାଧି ପାଠ୍ୟକ୍ରମ ଆରମ୍ଭ କରାଯାଇଛି।

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁନ୍ଦର
ଚାହିଁ ରହେ ନିତି ନିତି
ବସନ୍ତ-ଫୁଲ କାନନ୍ତୁ ତାହାର
କହିଯାଏ ସ୍ନେହ ପ୍ରୀତି
ସ୍ୱପ୍ନ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗଗନେ ତାହାର ବାଳି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁନ୍ଦର
ଚାହିଁ ରହେ ନିତି ନିତି ।
-(ମଧୁ-ବିହାର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ଉତ୍କଳଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାନ୍ଧବୀଙ୍କୁ ମାଡ଼ମାରି ବଳାତ୍କାର

କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳରେ ଜଣେ ଯୁବକ ତାଙ୍କ ବାନ୍ଧବୀଙ୍କୁ ବେହୋସ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ତେଲକୋଇ ଥାନା ବାଂଶପାଳ ଗ୍ରାମର ହୃଦାନନ୍ଦ ପାତ୍ର (୨୨) ବୁଧବାର ତାଙ୍କ ବାନ୍ଧବୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ମାତ୍ର ଯୁବତୀଜଣଙ୍କ ବାରଣ କରିବାରୁ ତାଙ୍କୁ ଓଢ଼ଣୀରେ ବେକକୁ ଭିଡ଼ି ଘୋଷାରି ଜଙ୍ଗଲ ମଧକୁ ନେଇଥିଲେ। ସେଠାରେ ଯୁବତୀ ସଂଜ୍ଞାହୀନ ହୋଇଯିବା ପରେ ହୃଦାନନ୍ଦ ବଳାତ୍କାର କରିଥିଲେ।

# ବାପା, ସାବତ ମା'ଙ୍କ ବିରୋଧରେ ହତ୍ୟା ମାମଲା

**ନିମାପଡ଼ା,୧୪।୮ (ବିଚିତ୍ରାନନ୍ଦ ସାହୁ)**

ପୁରୀ ଜିଲା ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଅଣ୍ଟିଆସାହି ଗ୍ରାମରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ଝିଅ ଆତ୍ମହତ୍ୟା କରିନାହିଁ ବରଂ ତାଙ୍କୁ ବାପା, ସାବତ ମା' ଏବଂ ଅନ୍ୟମାନେ ମିଶି ହତ୍ୟା କରିଛନ୍ତି ବୋଲି ମା' ସତ୍ୟଭାମା ପ୍ରଧାନ ବୁଧବାର ବିଳମ୍ବିତ ରାତିରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଗୁରୁବାର ଝିଅର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ସତ୍ୟଭାମା ଥାନା ସମ୍ମୁଖରେ ଧାରଣା ଦେଇଥିଲେ।



ଥାନା ସମ୍ମୁଖରେ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ପ୍ରଧାନ।

ତେବେ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ମୃତା ଛାତ୍ରୀଙ୍କ ମା' ଧାରଣାରୁ ହଟିଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ, ଅଣ୍ଟିଆସାହି ଗ୍ରାମରେ ବୁଧବାର

### ନିମାପଡ଼ାରେ ଦଶମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣା

**ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ମୃତା ଛାତ୍ରୀଙ୍କ ମା'ଙ୍କ ଥାନାରେ ଧାରଣା**

ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ନିମାପଡ଼ା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ମୃତା ଛାତ୍ରୀଙ୍କ ବାପା ମାନସ ପ୍ରଧାନ ଝିଅ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୧/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହେଲେ ବିଳମ୍ବିତ ରାତିରେ କୋଣାର୍କରେ ରହୁଥିବା ମୃତା ଛାତ୍ରୀଙ୍କ ନିଜ ମା' ସତ୍ୟଭାମା ଥାନାରେ ପହଞ୍ଚି ଝିଅକୁ ତା' ବାପା ମାନସ,ସାବତ ମା' ଖୁସି, ବଡ଼ବାପା ସନ୍ତୁଆ ପ୍ରଧାନ, ବଡ଼ବୋଉ ଝିଲ୍ଲି ପ୍ରଧାନ ମିଳିମିଶି ହତ୍ୟା କରିବା ପରେ ଘରର ଆଜ୍‌ବେଷ୍ଟସ୍ ଓରାରେ ଝୁଲାଇ ଦେଇଥିବା ନେଇ ଅଭିଯୋଗ କରିଥିଲେ। ସତ୍ୟଭାମାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଗୁରୁବାର ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ଆଇଆଇସି ବାମଦେବ ସ୍ୱାଇଁଙ୍କୁ ପଚାରିବାରେ, ମୃତା ଛାତ୍ରୀଙ୍କ ନିଜ ମା'ଙ୍କ ଅଭିଯୋଗକୁ ଆଧାର କରି ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ପ୍ରକାଶ ଯେ, ପାରିବାରିକ କଳହ କାରଣରୁ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ଆଜକୁ ୩ରୁ ୪ ବର୍ଷ ହେବ ବାପ ଘର କୋଣାର୍କ ଥାନା ଅନ୍ତର୍ଗତ ମାଧିପୁରଠାରେ ରହୁଛନ୍ତି।

## ମା' ଙ୍କୁ କଟୁରିରେ ହାଣି ହତ୍ୟାକଲା ପୁଅ

**ବାଲିଅନ୍ତା,୧୪।୮ (ନୀଳମାଧବ ସାହୁ)**

ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ପଞ୍ଚାୟତର ଖମଙ୍ଗ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ନିଜ ମା' ଙ୍କୁ କଟୁରିରେ ହାଣି ହତ୍ୟାକରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଉଛନ୍ତି ସଂଯୁକ୍ତା ସ୍ୱାଇଁ (୬୦)। ପୋଲିସ ଅଭିଯୁକ୍ତ ସାନପୁଅ ବାଦଲ ସ୍ୱାଇଁ(୩୦)ଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ସନ୍ଧ୍ୟା ୬ ଟାରେ କୌଣସି ଏକ ଘଟଣାକୁ ନେଇ ସଂଯୁକ୍ତାଙ୍କ ପରିବାରରେ କଳହ ସୃଷ୍ଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାଦଲ କଟୁରିରେ ସଂଯୁକ୍ତାଙ୍କ ବେକ, ଗୋଡ ଓ ହାତକୁ ଆକ୍ରମଣ କରିଥିଲେ। ଏଥିରେ ସଂଯୁକ୍ତା ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟ ପରେ କ୍ୟାପିଟାଲ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସଂଯୁକ୍ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଜ୍ୱାଇଁଙ୍କୁ ଗାଁ ଦାଣ୍ଡ ଖୁଣ୍ଟରେ ବାନ୍ଧି ପିଟିଲେ

**ଆର.ଉଦୟଗିରି,୧୪।୮ (ମନୋଜ କୁମାର ପାଢୀ)**

ପାରିବାରିକ କଳହକୁ କେନ୍ଦ୍ରକରି ଗଜପତି ଜିଲା ଆର. ଉଦୟଗିରିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅଲଗା ରହୁଥିବା ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ଗାଁ ଦାଣ୍ଡରେ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମାରିଛନ୍ତି। ରାତିସାରା ଖୁଣ୍ଟରେ ବନ୍ଧା ହୋଇ ରହିବା ପରେ ଗୁରୁବାର ଖବର ପାଇ ପୋଲିସ ପହଞ୍ଚି ଜ୍ୱାଇଁ ଜଳନ୍ତ ବଳିଆରସିଂଙ୍କୁ ଉଦ୍ଧାର କରିଛି।

**ପାରିବାରିକ କଳହରୁ ଅଭାବନୀୟ ଘଟଣା**

ଖବରରୁ ଜଣାପଡ଼ିଛି, ଗରଡ଼ମା ଗାଁର ସୁଭଦ୍ରା ମାଳବିଷୋୟୀ ଗତ ତିନିବର୍ଷ ତଳେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ବୁଡ଼ିଶିଳ ଗାଁର ଜଳନ୍ତଙ୍କୁ ବିବାହ କରିଥିଲେ। ତେବେ ପାରିବାରିକ କଳହ ଯୋଗୁ ସୁଭଦ୍ରାଙ୍କୁ ତାଙ୍କ ବାପଘର ଲୋକେ ଗତ ୧୧ ମାସ ତଳେ ନିଜ ଘରକୁ ନେଇ ଆସିଥିଲେ। ଏନେଇ ଏକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଜଳନ୍ତ ବୁଧବାର ବୁଡ଼ିଶିଳ ଗାଁରୁ ରାଶନ ଚାଉଳ ଆଣିବାକୁ ଗରଡ଼ମା ଗାଁକୁ ଆସିଥିଲେ। ଏହା ଜାଣିବା ପରେ ସୁଭଦ୍ରାଙ୍କ ପରିବାର ଲୋକେ ଓ କେତେ ଜଣ ଗ୍ରାମବାସୀ ସେଠାରେ ପହଞ୍ଚି ଜଳନ୍ତଙ୍କୁ ମାଡ଼ ମାରିବା ସହ ଗାଁ ଦାଣ୍ଡରେ ଥିବା ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ସେପରି ଅବସ୍ଥାରେ ମଧ ସେମାନେ ତାଙ୍କୁ ପୁଣି ମାଡ଼ ମାରିଥିଲେ। ବନ୍ଧା ଯାଇଥିବା ଅବସ୍ଥାରେ ଜଳନ୍ତ ରାତିସାରା ରହିଥିଲେ।

## ବଳାତ୍କାର ଅଭିଯୋଗରେ ଏସ୍ଆଇ ଗିରଫ

**ଫୁଲବାଣୀ, ୧୪।୮ (ରାକେଶ କୁମାର ରାଉତ)**

ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ କନ୍ଧମାଳ ଜିଲା କୋଟଗଡ଼ ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଏସ୍ଆଇ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ କଟକର ସ୍ମୃତି ସାଗର ସାମଲ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ୧୪ ଦିନ ପାଇଁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସ୍ମୃତି ପୂର୍ବରୁ ଗୋଚ୍ଛାପଡା ଥାନାରେ କାର୍ଯ୍ୟ କରୁଥିଲେ। ଗୋଚ୍ଛାପଡା ଥାନା ପାଖରେ ଜଣେ ହୋମଗାର୍ଡଙ୍କ ସ୍ତ୍ରୀଙ୍କର ଭେରାଇଟି ଷ୍ଟୋର ରହିଛି । ସ୍ମୃତି ପ୍ରତ୍ୟେକ ଦିନ ଉକ୍ତ ଦୋକାନକୁ ଯାଇ ସମ୍ପୃକ୍ତ ମହିଳାଙ୍କୁ ଅଶ୍ଳୀଳ କମେଣ୍ଟ ମାରୁଥିଲେ। ଏପରିକି ସେ ଜଣେ ଅଫିସର, ତାଙ୍କର ଦରମା ଅଧିକ ବୋଲି କହି ତାଙ୍କୁ ବିବାହ କରିବାକୁ କହୁଥିଲେ। ୨୦୨୪ ମେ'ରେ ଦୋକାନରେ କେହି ନ ଥିବାର ସୁଯୋଗ ନେଇ ସମ୍ପୃକ୍ତ ମହିଳାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ । ଏହାପରେ ବିଭିନ୍ନ ସମୟରେ ବାରମ୍ବାର ବଳାତ୍କାର କରୁଥିଲେ । ମହିଳା ବିରୋଧ କଲେ ତୋ ସ୍ୱାମୀକୁ ମାରିଦେବି ବୋଲି ଧମକ ଦେଉଥିଲେ । ଏ ନେଇ ମହିଳା ଜଣକ ତତ୍କାଳୀନ ଥାନାଧିକାରୀଙ୍କୁ ଜଣାଇଥିଲେ। ହେଲେ ଏସ୍ଆଇ ସ୍ମୃତିଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଗତ ବୁଧବାର ପୁଣି ମହିଳା ଜଣକ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ସ୍ମୃତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବୁଧବାର ମାମଲା ରୁଜୁ ପରେ ଏସ୍ଆଇ ସ୍ମୃତିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଗୋଚ୍ଛାପଡା ଥାନାରେ କାମ କଲା ବେଳେ ବହୁ ଗଞ୍ଜେଇ ଜବତ କରିଛି। ହୋମଗାର୍ଡମାନେ ପ୍ରତ୍ୟକ୍ଷ ଭାବେ ଗଞ୍ଜେଇ କାରବାରରେ ଲିପ୍ତ ଅଛନ୍ତି । ଏ କଥା ଏସ୍‌ପିଙ୍କୁ ଜଣେଇଛି । ଆକ୍ରୋଶ ରଖି ସମ୍ପୃକ୍ତ ମହିଳା ତାଙ୍କ ବିରୋଧ ଏଭଳି ଅଭିଯୋଗ କରିଥିବା କହିଛନ୍ତି।
















## ପାଇକାରୀ ମୁଦ୍ରାସ୍ଫୀତି ୨ ବର୍ଷରେ ସର୍ବନିମ୍ନ

ନୂଆଦିଲ୍ଲୀ,୧୪।୮(ପି.ଟି.):ଦେଶର ପାଇକାରୀ ମୁଦ୍ରାସ୍ଫୀତି ଜୁଲାଇରେ ବିଯୁକ୍ତ ୦.୫୮ ପ୍ରତିଶତ ହୋଇଛି, ଯାହାକି ଗତ ୨ ବର୍ଷ ମଧ୍ୟରେ ସର୍ବନିମ୍ନ। ଖାଦ୍ୟସାମଗ୍ରୀ ଓ ଇନ୍ଧନରେ ଅବସ୍ଥିତି ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ପାଇଁ ବିଯୁକ୍ତ ଜୋନ୍‌ରେ ରହିଥିବା ଗୁରୁବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତବର୍ଷ ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୨.୧୦ ପ୍ରତିଶତ ରହିଥିବାବେଳେ ଗତ ଜୁନ୍‌ରେ ଏହା ବିଯୁକ୍ତ ୦.୧୩ରେ ପହଞ୍ଚିଥିଲା।

# ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର



ଭୁବନେଶ୍ୱର,୧୪।୮ (ଅଭୟ ଦାଶ)

ଓଡ଼ିଶା କଳା ଓ ହସ୍ତଶିଳ୍ପ ସମିତିର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ସିଲ୍କ ଇଣ୍ଡିଆ'ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପୁନମ୍ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୨୦୨୫ ଅଗଷ୍ଟ ୧୪ରୁ ୨୫ ପର୍ଯ୍ୟନ୍ତ ସକାଳ ୧୦ ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ–ୱେଡିଂ କଲେକ୍ସନ୍' ଥିମ୍ ସହ ପାର୍ବଣ

### ହୋଟେଲ ଦ ନ୍ୟୁ ମାରିୟନ୍‌ରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ

ଋତୁର ଚାହିଦାକୁ ପୂରଣ କରିବା ପାଇଁ ଏଥ୍‌ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏ ସମ୍ପର୍କରେ ସିଲ୍କ ଇଣ୍ଡିଆ–ୱେଡିଂ କଲେକ୍ସନର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି, ଏହି ୧୨ ଦିନିଆ ହସ୍ତତନ୍ତ ପ୍ରଦର୍ଶନୀର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର ପାଇପାରିବେ। ଏହି ପ୍ରଦର୍ଶନୀର ମୁଖ୍ୟ ସାମାଜିକ ଉଦ୍ଦେଶ୍ୟ ହେଉଛି, ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା।

# ଅରୁନ୍ଧତୀ ମୋବାଇଲ ଆପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୮

ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅରୁନ୍ଧତୀ ମୋବାଇଲ ଆପ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ମୋବାଇଲ ଆପ୍‌କୁ ସମସ୍ତ ଗ୍ରାହକବନ୍ଧୁ, ଶୁଭେଚ୍ଛୁ ଓ ପ୍ରଶଂସକଙ୍କ ପାଇଁ ଆନୁଷ୍ଠାନିକ ଭାବେ ଉନ୍ମୋଚନ ମଧ୍ୟ କରାଯାଇଛି। ଗ୍ରାହକବନ୍ଧୁ ଘରେ ବସି ମୋବାଇଲ ମାଧ୍ୟମରେ ଅରୁନ୍ଧତୀ ଜୁଏଲର୍ସର ୧୦,୦୦୦ ରୁ ଉର୍ଦ୍ଧ୍ୱ ଏକ୍ସକ୍ଲୁସିଭ ଗହଣା ଡିଜାଇନର ଶ୍ରେଷ୍ଠ କଲେକ୍ସନର ପ୍ରଦର୍ଶନୀ ଓ କ୍ରୟ କରିବାର ସୁଯୋଗ ଏହି ଅଫିସିଆଲ ଆପ୍ ଦ୍ୱାରା ମଧ୍ୟ ପାଇପାରିବେ। ଏହି ଆପ୍ ମାଧ୍ୟମରେ ଗ୍ରାହକବନ୍ଧୁ ସୁନା, ରୁପା, ହୀରା ଗହଣାର ପ୍ରତିଦିନ ବଜାର ଦର ନିରୀକ୍ଷଣ କରିବା ସହ ଅରୁନ୍ଧତୀ ଜୁଏଲର୍ସର ଆଡଭାନ୍ସପର୍‌ଚେଜ ପ୍ଲାନ୍‌ରେ ମଧ୍ୟ ନିଜକୁ ପଞ୍ଜୀକରଣ କରି ମାସିକ କ୍ରୟ ସହ ଅରୁନ୍ଧତୀର ସମସ୍ତ ପ୍ରମୁଖ ଅଫର ସମ୍ବନ୍ଧରେ ମଧ୍ୟ ଆବଶ୍ୟକ ସୂଚନା ଏହି ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଜରିଆରେ ଗ୍ରାହକ ପାଇପାରିବେ। ଏ ନେଇ ଅରୁନ୍ଧତୀ ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ଗ୍ରାହକ ବନ୍ଧୁଙ୍କ ସେବା ଅରୁନ୍ଧତୀର ପ୍ରାଥମିକତା ହୋଇଥିଲାବେଳେ ସେହି ପ୍ରାଥମିକତା ଏହି ନୂତନ ମୋବାଇଲ ଆପ୍ ମାଧ୍ୟମରେ ମଧ୍ୟ ଜାରି ରହିବ।

# ଜୀବନ ରୂପାନ୍ତରଣରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତା

ଭୁବନେଶ୍ୱର,୧୪।୮

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଅଭିନବ ସିଏସ୍ଆର୍ ଅଭିଯାନ ପ୍ରୋଜେକ୍ଟ ଦକ୍ଷ ଓ ଓଡ଼ିଶା ଗ୍ରୀନ୍ ଜବ୍‌ସ ଏକାଡେମୀ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣୁଛି। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଯୁବବର୍ଗ ଓ ମହିଳାମାନଙ୍କ ଦକ୍ଷତା ବିକାଶ କରି ନିଯୁକ୍ତି ଓ ଆର୍ଥିକ ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରୁଛି। ୨୦୨୩ ରେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅନୁଗୋଳ, ଖୋର୍ଦ୍ଧା ଓ କଟକ ଜିଲାରେ ଟିପିସିଓଡିଏଲ୍‌ର ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ (ଭିଟିସି) ସ୍ୱଳ୍ପକାଳୀନ ଶିଳ୍ପ ସମନ୍ୱିତ ପାଠ୍ୟକ୍ରମ ପ୍ରଦାନ କରୁଛି, ଯାହା ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମ୍‌ୱର୍କ (ଏନ୍‌ଏସ୍‌କ୍ୟୁଏଫ୍)ର ତୃତୀୟ ସ୍ତର ମାନକକୁ ପୂରଣ କରୁଛି। ଏହି ତାଲିମ ପାଠ୍ୟକ୍ରମରେ ପାଇପ କାମ, ବିଦ୍ୟୁତ୍ ଯାନ ସେବା ଓ ସୋଲାର ପ୍ୟାନେଲ୍ ସ୍ଥାପନ ଭଳି ପ୍ରବଳ ଚାହିଦାରେ ଥିବା ଦକ୍ଷତା ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ୍ ୪୪୦ ଯୁବକ ଓ ଯୁବତୀଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି।

ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ସ୍ଥାନୀୟ ଦକ୍ଷତା ଗଠନ ଏବଂ ମହିଳାଙ୍କ ସମେତ ଯୁବବର୍ଗଙ୍କୁ ସଶକ୍ତ କରିବାରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଟିପିସିଓଡିଏଲ୍‌ର ଏହି ଧନ୍ଦାମୂଳକ ତାଲିମ ଅଭିଯାନ ଅଧିକ ଲୋକଙ୍କ ପାଖରେ ପହଞ୍ଚି ଏବଂ ବର୍ଦ୍ଧିତ ପ୍ରଭାବ ସହ କେବଳ କ୍ୟାରିୟର ଗଠନ କରୁ ନାହିଁ ବରଂ ଜୀବନରେ ରୂପାନ୍ତରଣ ଆଣିବାରେ ସହାୟକ ହୋଇଛି ବୋଲି ସେ କହିଛନ୍ତି।


No.CAD-1456

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT-II/E-372/25-26/1984 Dated : 12.08.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the work : Supply, Installation, Testing and Commissioning of BMS System at Odisha Technology Centre, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding From | To |
|---|---|---|---|
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-30/25-26 | 18.08.2025 at 12.00 Hrs. | 29.08.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II) IDCO, Bhubaneswar

OIPR-14003/11/0227/2526



ସମଗ୍ର ଶିକ୍ଷା Samagra Shiksha

## DISTRICT PROJECT OFFICE, SAMAGRA SHIKSHA, KEONJHAR

PWD Road, In front of Govt. Press, Keonjhar-758001
Ph.No.-06766-254103, Fax-256420, Email Id:dpckeonjharssa.opepa@nic.in

ADVERTISEMENT

No.2793/PLG Date:14.08.25

No.n-124: Applications are invited from the eligible candidates in the prescribed format for the post of Warden, Accountant, Part Time Teacher (Mathematics & Science), Part Time Teacher (English) and Part Time Teacher (Sanskrit/Hindi) against the vacancies in Netajee Subhas Chandra Bose Abasiya Vidyalayas (NSCBAV) of the district. This engagement is purely on contractual and temporary in nature and is renewable after 11 months subject to satisfactory performance. The complete application form, alongwith all relevant documents must be sent by **Registered Post/Speed Post only** to the **District Project Coordinator, Samagra Shiksha, Kenojhar-758001.** The application should be enclosed in a sealed envelope subscribed as, **"APPLICATION FOR THE POST OF ________ (Name of the Post) in NSCBAV ________ (Name of the NSCBAV)". Last date for submission of application is 15.09.2025 (upto 5 PM).** Applications received after the due date or by any other mode will be summarily rejected. Detailed educational qualifications, vacancy details, eligibility criteria, application format, required documents and other informations are available on the notice board of the District Project Office, Samagra Shiksha, Keonjhar and the district website: www.kendujhar.odisha.gov.in. The undersigned reserves the right to **modify or cancel** the advertisement partially or fully without assigning any reason thereof. Applicants are advised to visit above website regularly for further notifications, corrigendum and updates.

By order of the Collector-cum-Chairman, Samagra Shiksha, Keonjhar
Sd./- District Education Officer-cum-DPC, Samagra Shiksha, Keonjhar

OIPR-27120/11/0011/2526



## ଟେଣ୍ଡର ନୋଟିସ୍

ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା–ପୁରୀ, ୧୦୬୩ ପି.

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫–୨୬ ମସିହା (ତା.୧୭.୦୯.୨୦୨୫ ଠାରୁ ତା.୧୬.୦୯.୨୦୨୬) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଭୋଗ ଦୋକାନ ପାଇଁ ଟେଣ୍ଡର ଆସନ୍ତା ତା.୦୩.୦୯.୨୦୨୫ ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା.୧୬.୦୮.୨୦୨୫ ରିଖ ଠାରୁ ତା.୨୨.୦୮.୨୦୨୫ ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର [illegible]

ଟେଣ୍ଡର ନଂ–୧
ନିଲାମ ଦ୍ୱାରା ଦୋକାନର ବିବରଣୀ

| କ୍ର.ସଂ. | ଦୋକାନର ନାମ | ୨୦୨୪–୨୫ ପାଇଁ ସର୍ବୋଚ୍ଚ ଡାକ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଜମା ରାଶି |
|---|---|---|---|
| ୧. | ଭୋଗ ଦୋକାନ | ଟ.୧,୩୩,୪୫,୭୦୦/– | ଟ.୧୩,୩୪,୫୭୦/– |

ଭୋଗ ଦୋକାନ ପାଇଁ ଭୋଗର ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଯିବା ସହିତ ସମସ୍ତ ଭୋଗ ସାମଗ୍ରୀ [illegible]

କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ

| କ୍ର.ସଂ. | ଭୋଗର ନାମ | ବ୍ୟବହୃତ ଦ୍ରବ୍ୟ | କିଲୋ ପ୍ରତି ମୂଲ୍ୟ |
|---|---|---|---|
| ୧. | ଶୁଖିଲି ଭୋଗ (କେବଳ ଅରୁଆ/ଉଷୁମ ... ଦ୍ରବ୍ୟ ଗୁଡ଼ିକରେ ପ୍ରସ୍ତୁତ ହେବା ଆବଶ୍ୟକ।) | ସୁଜି, ମଇଦା, ଘିଅ, ବେସନ, ଚିନି, ଘିଅ ଓ ଗୁଡ଼ | ଟ.୨୫୦/– (ଦୁଇ ଶହ ପଚାଶ ଟଙ୍କା) |

ବି.ଦ୍ର.– ଶୁଖିଲି ଭୋଗ ସର୍ବନିମ୍ନ ଟ.୫୦/– (ପଚାଶ ଟଙ୍କା)ରେ ବିକ୍ରୟ କରାଯାଇପାରିବ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ



## OFFICE OF THE CDM & PHO & DISTRICT MISSION DIRECTOR, BHADRAK DISTRICT HEALTH MISSION

(Department of Health & FW, Govt. of Orissa)

Advt. No. 18/2025 Date : 13.08.2025

Ref :- RFP No. Nirmal/Housekeeping/Bhadrak/17/2025 dated 13.08.2025

Corrigendum

**No.E-315** : It is for information of all concerned, that the last date for submission of RFP regarding outsourcing of Housekeeping & Cleaning services for Bhadrak District under NIRMAL is hereby extended upto 25.08.2025 (05.00PM). Bidders who have already applied need not apply further. All other terms & conditions will remain unchanged. The Technical Bid will be opened on 26.08.2025 at 11. 00 AM at O/o the CDM & PHO,Bhadrak.

OIPR-10123/11/0022/2526 Sd./- CDM & PHO, Bhadrak



No.B-404

## GOVERNMENT OF ODISHA OFFICE OF THE SUPERINTENDING ENGINEER BOLANGIR (R&B) DIVISION : BOLANGIR

Mail ID - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374

BID IDENTIFICATION NO : BGR R&B/12/2025-26
No.5504//Dtd.12.08.2025

1. The **Superintending Engineer,** Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of Work : Electrical Work
3. No. of tender : 1 Nos. Electrical
4. Tender Cost : Rs. 6000/- (Tender Paper Cost)
5. Class of Contractor : "Specialized agency having MOU with associate electrical contractor (MV/HT or Above) having valid license from ELBO
6. Date & Time of sale & Receipt of Bids : From Dt.16.08.2025, 11.00 A.M. Dt.22.08.2025 up to 5.00 P.M.
7. Date of opening Bid : Dt.25.08.2025 at 11.30 A.M.
8. The bidders have to participate in ONLINE bidding only. Further details can be seen from the website : http://tendersodisha.gov.in.

Sd./- Superintending Engineer Bolangir (R&B) Division

OIPR-34028/11/0035/2526



## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

Mail i.d : seccbbsr@gmail.com / ccecentralrnb@gmail.com

NOTICE INVITING REQUEST FOR PROPOSAL NO.03 OF 2025-26

No. 4888(Estg.) Bhubaneswar the 13th August-2025

**No.B-406** : The Chief Construction Engineer, Central (R&B) Circle Bhubaneswar intends to select an agency for selection of venue set up for 84th Indian Road Congress Annual Session -2025 at Bhubaneswar (Odisha) on behalf of the Governor of Odisha invites item rate bids.

Interested agencies may participate in this bid and submit their proposal. The RFP documents will be available from **5.00 P.M. of 16.08.2025 to 5.00 P.M of 02.09.2025**. The bidders must possess compatible Digital Signature Certificate. Bids received online shall be opened at **11.00 A.M. of 03.09.2025**. Please refer to the RFP documents for further details.

The undersigned reserves the right to cancel this invitation and / or invite fresh bid / RFP with or without amendments to this invitation, without liability or any obligation for such invitation and without assigning any reasons. The tender invitation authority also reserves the right to accept or reject any or all proposals without assigning any reasons whatsoever.

Further details can be seen from the e-procurement portal https://www.tendersodisha.gov.in. Interested bidders may view, download the e-bid documents, seek clarification and submit their e-bids online only on e-tender portal.

Addendum / Corrigendum, if required, will be available only in the Website.

Sd./- Er. M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34156/11/0040/2526



## OHPC REHABILITATION ASSISTANCE TRUST

OHPC Corporate Office, Janpath, Bhoinagar, Bhubaneswar-751 022
Phone: 0674-2541291/2542826, Fax: 0674-2542102, E-mail:ohpcfund@gmail.com

NOTICE

**No. OHPC-Trust-2/2009 (Vol-VIII)/3733 Dated, BBSR the, 11/08/2025**
**Sri Dhaneswar Majhi,**
**S/o-Late Gobinda Majhi,**
**Qr. No. G-27/8, V.S.S. Chhak,**
**At/Po- Burla, Dist- Sambalpur**

**No.CAD-1460** : You had filed a writ petition before the Hon'ble High Court of Orissa vide OJC No. 11827/1999 and the Hon'ble Court after hearing the case, disposed the matter on 04.12.2013, directing OHPC to consider your case for granting Rehabilitation Assistance Benefit as admissible as per OHPC R.A. Scheme within a period of two months from the date of the receipt of the certified copy of the order. After disposal of the case by the Hon'ble High Court of Orissa, you being the beneficiary have not applied for Financial Assistance to OHPC R.A. Trust along with supporting documents in line with the order passed by the Hon'ble High Court of Orissa.

Further, in spite of intimation made vide letter No. 2270 dtd. 09.12.2024 to you for applying for Rehabilitation Assistance benefit under OHPC R.A. Scheme along with supporting documents, you have so far not applied for Rehabilitation Assistance.

However, you are hereby informed through this publication to apply for Rehabilitation Assistance benefit as admissible as per OHPC R.A. Scheme through the Unit Head, HHEP, Burla under whom your father Late Gobinda Majhi was working at the time of death following the due procedure **within one month from the date of publication** of this **NOTICE**. If no response is received from your end within the above said notice period, it will be presumed that you are not interested to avail the benefit under OHPC R.A. Scheme in compliance to the order passed by the Hon'ble High Court of Orissa and OHPC will be compelled to treat the case as Closed as 'No Claim'.

Hence, take this notice.

SECRETARY
OHPC R.A. TRUST

OIPR-04012/11/0045/2526



## ZILLA SWASTHYA SAMITI (ZSS), Kandhamal

OFFICE OF THE CDM&PHO cum District Mission Director, NHM, Kandhamal

Advt.No.9909/NHM/HR-in-House/2024/04 Date:14.08.2025

ADVERTISEMENT (IN-HOUSE)

No.E-318: Applications are invited for the following posts through in-house selection from contractual employees of NHM working in the same post under OSH&FWS in other districts and willing to work in Kandhamal district. Interested candidates may attend with a No Objection Certificate (NOC) cum Continuation Certificate in original, issued by the competent authority, for last uninterrupted service in the same post under the Society. The application format and other Terms & Conditions are available on the official website: https://kandhamal.odisha.gov.in. Vacancies published in this advertisement are provisional and subject to change at the time of appointment. Incomplete applications in any form shall be summarily rejected. No personal query will be entertained. The undersigned reserves the right to reject any or all applications, and to modify or cancel the advertisement without assigning any reason thereof.

| Sl. No. | Name of the Post | Vacancy | Remarks |
|---|---|---|---|
| 1 | Medical Officers-SNCU | 02 Post | Date:03.09.2025 Venue: Office of the DPMU, NHM, DHH, Phulbani, Kandhamal (Registration Time: 10 AM to 04 PM |
| 2 | MO-Day Care Centre (Hemoglobinopathy) | 01 Post | |
| 3 | MO-NPCDCS | 01 Post | |
| 4 | MO-MBBS-DEIC | 01 Post | |
| 5 | Physiotherapist-DEIC | 01 Post | |
| 6 | Programme Assistant- Sickle Cell | 01 Post | |
| 7 | Block Data Manager (BDM) | 01 Post | |
| 8 | Block Data Manager (Urban) | 01 Post | |
| 9 | Data Assistant cum Accountant (DAA-Urban) | 01 Post | |
| 10 | Dental Technician- DEIC | 01 Post | |
| 11 | Medical Officer, AYUSH (Co-located facility)- BHMS (SC-M-01, ST-M-03, ST-F-01, UR-M-03) | 08 Post | |
| 12 | Medical Officer, AYUSH (Co-located facility)-BAMS (SC-M-01, ST-M-03, ST-F-02, SEBC-M-01, SEBC-F-01, UR-M-04, UR-F-02) | 14 Post | |
| 13 | Medical Officer- AYUSH (RBSK)- BAMS (SC-M-01, ST-M-02, ST-F-01) | 04 Post | |
| 14 | Medical Officer, AYUSH (RBSK)- BHMS (SC-F-01, ST-M-03, ST-F-02, UR-F-03) | 09 Post | |
| 15 | VBD Technical Supervisor (VBDTS) | 02 Post | |
| 16 | Sentinel Site Malaria Technician & Coordinator (SSMTC) | 01 Post | |

Sd./- Dr. Santosh Kumar Padhi
CDM & PHO-cum-District Mission Director, NHM, Kandhamal

OIPR-10015/11/0031/2526



## DISTRICT PROJECT OFFICE, SAMAGRA SHIKSHA, KHORDHA

No. __/2844/__ Dated : 14.08.2025

NOTICE INVITING TENDER (NIT)

**No.n-123** : Sealed tenders are invited from the reputed & credible agencies / suppliers / manufacturers for supply of "Resource materials for SAKSHAM-Resource centre" for the Children with special needs under PM SHRI in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Resource materials for SAKSHAM-Resource centre | Rs.500/- | Rs.42,000/- | 29.08.2025 by 5.00 PM | 30.08.2025 at 3.00 PM |

The detailed BID document is available in the website www.khordha.nic.in. & www.osepa.odisha.gov.in. Interested and eligible agency / supplier / manufacturer may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd./- Collector-Cum-Chairman
SS, Khordha

OIPR-27101/11/0008/2526



## ODISHA PUBLIC SERVICE COMMISSION CUTTACK

NOTICE

No. 5831 / P.S.C., Dt. 14.08.2025
(2PU-01-2025/26, DR-I)

**No.D-174** : It is for information of all **22 (05-w)** provisionally qualified candidates for recruitment to the posts of **Finance & Accounts Officer in Urban Local Bodies of Odisha Municipal Finance Service cadre**, pursuant to **Advt. No. 39 of 2023-24** that, Document Verification & Personality Test for the said post will be held on 25.08.2025 in the Office of the Commission, at 19, Dr. PK. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of Reporting by the candidates | Time of Document Verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | 100001, 100028, 100066, 100090, 100100, 100141, 100142, 100166, 100168, 100176, 100182, 100184, 100187 = 13 candidates | 25.08.2025 | 08.00 A.M. | 08.30 A.M. | 10.30 A.M. |
| | 100205, 100218, 100222, 100235 100259, 100269, 100326, 100350, 100352 = 09 candidates | | 12.00 P.M. | 12.30 P.M. | 2.30 P.M. |

The candidates are required to produce following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. or Equivalent Certificate** in support of declaration of age.
4. **Intermediate/+2/Diploma Examination Certificate** issued by the concerned Board/ Council.
5. **Bachelor's Degree Certificate** from a recognized University.
6. Certificate showing **completion of CA under ICAI or CWA from ICWAI**.
7. Computer Qualification Certificate from a recognized College or Institution.
8. **Marksheets** of the above examinations passed **(HSC to CA/CWA)**.
9. Conversion Certificate wherever applicable.
10. **Odia Test Pass Certificate**.
11. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of Online Application, wherever applicable.
12. **SEBC** Certificate issued by the Competent Authority within the last three years by the closing date of submission of Online Application, wherever applicable.
13. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
14. **Permanent Disability Certificate** (indicating percentage of permanent disability i.e. 40% or more) issued by the concerned Medical Board, wherever applicable.
15. Sports Identity Card/Certificate issued by the Director of Sports, Odisha, wherever applicable.
16. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
17. **Four recent passport size photographs (unsigned and unattested)**, which has been uploaded with Online Application Form.
18. **No Objection Certificate** (in case of in-service candidates), wherever applicable.
19. **Document in support of Identity**. (Aadhar/ DL/ Pan Card/ Voter ID card).
20. Any other document as mentioned in Para-10 of Advt. No. 39 of 2023-24.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0291/2526 Sd./- Secretary



## ODISHA PUBLIC SERVICE COMMISSION CUTTACK

NOTICE

No. 5853 / P.S.C., Dt. 14.08.2025
1R-03-24/25 (DR-V)

Assistant Professor (Stage-I) in Commerce
(Advertisement No.27 of 2023-24)

**No.D-175** : It is for information of all concerned that, document verification of **163 (One Hundred Sixty-Three)** candidates having **PPSAN** mentioned below for the post of **Assistant Professor (Stage-I) in "Commerce"**, pursuant to Advertisement No.27 of 2023/24 shall be held **from 22.08.2025 to 01.09.2025 (Except Govt.Holidays)** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 22.08.2025 | 10.30 AM | P230172641, P240303362, P240305059, P230158394, P220090235, P240308119, P240296193, P240301648, P240307024, P220082372, P240305850, P240298856, P240259151, P220088010, P220001347 & P220021883 = **16 Candidates** |
| | 2.30 PM | P220066740, P240309771, P240307250, P240306199, P240311805, P240303718, P240259212, P240301224, P240255267, P240309477, P240303284 & P240309481 = **12 Candidates** |
| 25.08.2025 | 10.30 AM | P230128266, P240287112, P230174315, P240295924, P240287057, P240294244, P240302669, P220022619, P220035070, P240309631, P240309317, P240308700, P240309442, P240306208, P240292189 & P240299472 = **16 Candidates** |
| | 2.30 PM | P240288914, P240309610, P240293822, P240308894, P240306501, P240309315, P240299654, P240311588, P240311631, P240258737, P240304797 & P240301308 = **12 Candidates** |
| 26.08.2025 | 10.30 AM | P220079202, P240304848, P240308459, P220011423, P240311950, P230230427, P240305859, P240301411, P240306603, P240308416, P240299516, P230176122, P240300054, P240303334, P240311581 & P240284308 = **16 Candidates** |
| | 2.30 PM | P230172501, P240311804, P220080263, P220028201, P240308220, P240307838, P230111134, P240305785, P240273521, P240296612, P240235359 & P240312818 = **12 Candidates** |
| 29.08.2025 | 10.30 AM | P240290079, P220032434, P240301681, P240307379. P240311055, P230092428, P220008736, P240303086, P230110382, P230213514, P220027488, P240283053, P220056044, P230164623, P240304836 & P240285033 = **16 Candidates** |
| | 2.30 PM | P240310323, P240311561, P240305924, P240300668, P240300981, P230139505, P240306091, P220090422, P240308884, P230172493, P220068242 & P220045069 = **12 Candidates** |
| 30.08.2025 | 10.30 AM | P240301605, P240308629, P240306333, P240305125, P240299135, P240306872, P230096937, P240276278, P230172651, P240309053, P240284459, P240276725, P240311506. P240258851, P230122665 & P240312005 = **16 Candidates** |
| | 2.30 PM | P240278049, P230122249, P220007691, P240309879, P240276651, P230128164, P220065604, P240268384, P240305199, P240308677, P240303518 & P220058137 = **12 Candidates** |
| 01.09.2025 | 10.30 AM | P220077499, P230122756, P240257740, P240303033, P230110956, P220085692, P240306010, P220058622, P240311286, P240273717, P230175349, P230098813 & P240311139 = **13 Candidates** |
| | 2.30 PM | P230199475, P240312512, P240264915, P240246235, P240289369, P220049968, P240302937, P240269414, P240283470 & P230208743 = **10 Candidates** |

The candidates are required to submit the documents as per this Office **Notice No. 4271/ PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the Office of the Commission half an hour before the commencement of verification on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0292/2526 Sd./- Secretary

## ବିଶ୍ୱବିଦ୍ୟାଳୟ ୟୁନିଫର୍ମରେ ଛାତ୍ରୀ ଦଳୀୟ ସଭାକୁ କାହିଁକି ଯାଇଥିଲେ: ବିଜେଡି

ଭୁବନେଶ୍ୱର, ୧୪।୮ (ବୁଲିପୁ ମିଶ୍ର)

ରାଜ୍ୟର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପାଠପଢ଼ା ଚାଲୁଥିବା ସମୟରେ ୟୁନିଫର୍ମରେ ଥିବା କେତେଜଣ ଛାତ୍ରୀଙ୍କୁ ନେଇ ସ୍ଥାନୀୟ ଭାଜପାର ୱାର୍ଡ ଅଫିସ୍ ପରିସରରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ସମାଜ ଅସୁରକ୍ଷିତ ଥିବାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କୁ କେଉଁ ଉଦ୍ଦେଶ୍ୟରେ ଭାଜପାର ୱାର୍ଡ କାର୍ଯ୍ୟାଳୟକୁ ଡକାଯାଇଥିଲା, କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେବା ଦରକାର ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇପ୍ସିତା କହିଛନ୍ତି, ବୈଠକର ଅସଲ ଉଦ୍ଦେଶ୍ୟ ଜଣା ନ ଥିଲେ ମଧ୍ୟ ସେଠାରେ କୌଣସି ନାରୀନେତ୍ରୀ ଉପସ୍ଥିତ ନ ଥିଲେ। କେବଳ ନିକଟରେ ଆଇନକୁ ହାତକୁ ନେଇ ଜେଲରୁ ଫେରିଥିବା ଜଣାଣ ନେତା ଓ ଅନ୍ୟ କେତେଜଣ ଜେଲ ଫେରନ୍ତାଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ଏଥିରେ ଯୋଗଦେଇଥିବା ଛାତ୍ରୀମାନଙ୍କୁ କିଛି ମିଥ୍ୟା ପ୍ରଲୋଭନ ଦେଇ ବୈଠକକୁ ନିଆଯାଇଥିଲା। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ସେମାନେ ଯାଇଥିଲେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ପାଠପଢ଼ା ସମୟରେ ଛାତ୍ରୀମାନଙ୍କୁ ନେଇ ଏହିଭଳି ବୈଠକ ଆୟୋଜନ କରିବା ସ୍ୱାଭାବିକ ଭାବେ ବିଭିନ୍ନ ପ୍ରଶ୍ନ ସୃଷ୍ଟିକରିଛି ବୋଲି ଇପ୍ସିତା କହିଛନ୍ତି।

## ପ୍ରତିମାସରେ ପିଏମ୍ ସୂର୍ଯ୍ୟଘର ଯୋଜନାର ସମୀକ୍ଷା ହେବ: ଉପମୁଖ୍ୟମନ୍ତ୍ରୀ ସିଂଦେଓ

ଭୁବନେଶ୍ୱର, ୧୪।୮ (ବୁଲିପୁ ମିଶ୍ର)

ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନା ଧୀମେଇଯାଇଛି। ଏଣିକି ପ୍ରତ୍ୟେକ ମାସରେ ପିଏମ୍ ସୂର୍ଯ୍ୟଘର ଯୋଜନାର ସମୀକ୍ଷା ହେବ ବୋଲି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି। ଗୁରୁବାର ପିଏମ୍ ସୂର୍ଯ୍ୟଘର ଯୋଜନାର ସମୀକ୍ଷା ପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପିଏମ୍ ସୂର୍ଯ୍ୟଘର ଯୋଜନାରେ ୩ ଲକ୍ଷ ହିତାଧିକାରୀଙ୍କୁ ଏହି ସୁବିଧା ଯୋଗାଇଦେବାକୁ ଟାର୍ଗେଟ ଦିଆଯାଇଥିଲା। ହେଲେ ମାତ୍ର ୨୦ ହଜାର ଟାର୍ଗେଟ ପୂରଣ ହୋଇପାରିଛି। ଏଣିକି ପ୍ରତ୍ୟେକ ମାସରେ ଯୋଜନାର ଅଗ୍ରଗତି ନେଇ ବିତରକ କମ୍ପାନୀ ସହ ସମୀକ୍ଷା କରାଯିବ। ଉକ୍ତ ଯୋଜନାକୁ ନେଇ ବିଲ୍ କଲେକ୍ସନ କର୍ମଚାରୀମାନେ ହିତାଧିକାରୀଙ୍କୁ ଅଧିକ ସଚେତନ କରିବେ। ଏନେଇ ଲୋକମାନଙ୍କୁ ଲିଫଲେଟ୍ ଓ ପାମ୍ଫଲେଟ୍ ମଧ୍ୟ ବଣ୍ଟାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ ଜବାବ ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ପ୍ରକଳ୍ପର ରାଜ୍ୟରେ ସ୍ଥିତିକୁ ନେଇ ଉପମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ହେଉଛି, ଏହା ଏକ ବିଫଳ ଯୋଜନା। କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଉକ୍ତ ପ୍ରକଳ୍ପ ଗ୍ରହଣୀୟ ହୋଇପାରିନାହିଁ। ରାଜ୍ୟରେ ୩ ଲକ୍ଷ ସୂର୍ଯ୍ୟଘରର ସଂଯୋଗ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ଓଡ଼ିଶାରେ ମାତ୍ର ୨୦ ହଜାର ସଂଯୋଗ ହୋଇପାରିଛି ବୋଲି ସ୍ୱୀକାର କରାଯାଇଛି। ଏହି ତଥ୍ୟରୁ ପ୍ରକଳ୍ପର ଗ୍ରହଣୀୟତା ନାହିଁ ବୋଲି ସ୍ପଷ୍ଟ ହେଉଛି। ଏହି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାକୁ ନେଇ ଗତ ନିର୍ବାଚନ ସମୟରେ ଭାଜପା ପକ୍ଷରୁ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରଦାନ କରାଯିବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ସେ କହିଛନ୍ତି।

## ଦୂରଦର୍ଶନ ଭୁବନେଶ୍ୱରରୁ ଆଜି ସମ୍ବଲପୁରୀ ସମାଚାର

ଭୁବନେଶ୍ୱର, ୧୪।୮ (ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରର ଦୂରଦର୍ଶନ କେନ୍ଦ୍ରର ଆଞ୍ଚଳିକ ଖବର ବିଭାଗ (ଆର୍‌ଏନ୍‌ୟୁ) ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଡିଡି ଓଡ଼ିଆରେ ସମ୍ବଲପୁରୀ ଭାଷାରେ ସମାଚାର ପ୍ରସାରଣ କରାଯିବ। ଦୂରଦର୍ଶନ କେନ୍ଦ୍ର ପରିସରରେ ପୂର୍ବାହ୍ନ ୧୦.୩୦ରେ ସରକାରୀ ଭାବେ ଏହାର ଶୁଭାରମ୍ଭ ହେବ ବୋଲି ସମାଚାର ନିର୍ଦ୍ଦେଶକ ଅଭିଷେକ ମିଶ୍ର ସୂଚନା ଦେଇଛନ୍ତି।


यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | **ଶ୍ରୀ ରାଜକିଶୋର ପ୍ରଧାନ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **(୧)** ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ **(୨)** ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବାଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | **ଶ୍ରୀ କପିଳ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
ଭିଲେଜ ଫରେଷ୍ଟ କାଉନସିଲ୍ (ଭିଏଫ୍‌ସି)ର ସଦସ୍ୟ ପୂର୍ଣ୍ଣିମୀ ନାଏକ କହନ୍ତି, ଷ୍ଟ୍ରିଟ୍ ଲାଇଟ ଏବଂ ହାଇ-ବିମ୍ ଟର୍ଚ୍ଚ ପ୍ରଦାନ କରାଗଲେ ହାତୀର ଗତିବିଧି ଉପରେ ନଜର ଦିଆଯାଇପାରନ୍ତା; ଯାହାକି ସ୍ଥାନୀୟ ଅଞ୍ଚଳର ଲୋକେ ସୂଚନା ପାଇ ସୁରକ୍ଷିତ ରହିପାରିବେ। ଭିଏଫ୍‌ସିର ସଭାପତି ଗୋଲକ ବିହାରୀ ରାଉତ କହନ୍ତି, ଯଦି ଜଙ୍ଗଲ ଧାରରେ କୃଷିକାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇ ବିଭାଗ ପକ୍ଷରୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ ତେବେ ହାତୀଙ୍କ ଖାଦ୍ୟାଭାବ ଦୂରହେବା ସହ ଉପୁଜୁଥିବା ସମସ୍ୟାର ସମାଧାନ ହୋଇପାରିବ। ଜୀବନଜୀବିକାର ବିକଳ୍ପ ବ୍ୟବସ୍ଥା କରାଗଲେ ହାତୀମାନଙ୍କ ସହ ଆନନ୍ଦରେ ସହାବସ୍ଥାନ କରିପାରିବୁ। ଅଞ୍ଚଳବାସୀଙ୍କ ବଞ୍ଚିବା ଏବଂ ହାତୀଙ୍କ ସୁରକ୍ଷା ପରସ୍ପର ସହ ମିଶି ଚାଲିପାରିବ ବୋଲି ଭିଏଫ୍‌ସି ସଦସ୍ୟ ସୁକାନ୍ତ ଲୋହାର କହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ତୁଷାର ବେହେରା, ଅରବିନ୍ଦ ସିଂହ, ମାନସ ପଣ୍ଡା, ଶୁଭସ୍ମିତା ପଣ୍ଡା, ଚିରନ୍ମୟୀ ଦୀକ୍ଷିତ ଓ ବୈଷ୍ଣବୀ କର ସହଯୋଗ କରିଥିଲେ।

## କେନ୍ଦ୍ର ସହଯୋଗରେ ହେବ...

ଜାମ୍ ରହୁଛି। ଟେଷ୍ଟିଂ ବେଳେ ଲୋକଙ୍କୁ ହଇରାଣ ହେବାକୁ ପଡିଥିବା ମନ୍ତ୍ରୀ କହିଛନ୍ତି। ମେଟ୍ରୋ କାମ ଚାଲିଥିଲେ ସେସବୁ ରାସ୍ତା ବନ୍ଦ ହୋଇ ଯାଇଥାଆନ୍ତା। ସେଥିପାଇଁ ନୂଆ ଟ୍ରାକ୍ କେଉଁଠି ହେବ ସେନେଇ କମିଟି ରିପୋର୍ଟ ଦେବ ବୋଲି ମନ୍ତ୍ରୀ କହିଛନ୍ତି। ମେଟ୍ରୋ ପ୍ରକଳ୍ପ ନେଇ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି, ଅନ୍ୟ ରାଜ୍ୟଗୁଡିକରେ ମେଟ୍ରୋ କ୍ଷତିରେ ଚାଲିଛି। ସେଠାକାର ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି। ସେଥିପାଇଁ ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଏକ କମିଟି ବିଭିନ୍ନ ରାଜ୍ୟକୁ ଯାଇ ମେଟ୍ରୋ ପ୍ରକଳ୍ପକୁ ଅନୁଧ୍ୟାନକରି ରିପୋର୍ଟ ଦେବେ। ତାକୁ ଅନୁଧ୍ୟାନକରି ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ବିଜେଡି ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ କଡ଼ା ଜବାବ ରଖାଯାଇଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ଭାଜପା ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଦେଶର ବିକଶିତ ରାଜ୍ୟଗୁଡ଼ିକରେ ମେଟ୍ରୋ ଚଳାଚଳ ଏକ ସାଧାରଣ ଘଟଣା ହୋଇଥିବା ବେଳେ ଓଡ଼ିଶା ଭଳି ବିକାଶଶୀଳ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଆରମ୍ଭ ପାଇଁ ବିଜେଡି ସରକାର ସମୟରେ ଆବଶ୍ୟକ ପଦକ୍ଷେପ ନେଇଥିଲେ। ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହେବା ସହ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହିତ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନର ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ତହବିଲରୁ ୬୦୦୦ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। କିନ୍ତୁ ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେବାକୁ ଉଦ୍ୟମ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତବ୍ୟ ମାଧ୍ୟମରେ ଆହୁରି ଭ୍ରମ ସୃଷ୍ଟି କରିଛନ୍ତି। ଦେଶରେ ଚାଲୁଥିବା ସମସ୍ତ ମେଟ୍ରୋ ରେଳ ପ୍ରକଳ୍ପ କ୍ଷତିରେ ଚାଲୁଛି ବୋଲି ସେ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଲେନିନ୍ କହିଛନ୍ତି।

## ସ୍ଥାନୀୟ କର୍ତ୍ତୃପକ୍ଷଙ୍କ...

ପୁନର୍ବିଚାର ପାଇଁ ଇଣ୍ଟରଭେନ୍‌ଶନ ଦାଖଲ କରୁଛନ୍ତି, ସେମାନଙ୍କୁ ଏହାର ଦାୟିତ୍ୱ ନେବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ ଦିଲ୍ଲୀ ସରକାର କହିଥିଲେ କୁକୁର କାମୁଡ଼ା ଯୋଗୁ ଜଳାତଙ୍କରେ ଛୋଟ ପିଲାଙ୍କ ମୃତ୍ୟୁ ଘଟୁଛି। ସେଥିପାଇଁ ବୁଲା କୁକୁର ପ୍ରସଙ୍ଗର ସମାଧାନ ଆବଶ୍ୟକ, ଏହାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହେବା ଉଚିତ ନୁହେଁ। ଦେଶରେ ବର୍ଷକ ମଧ୍ୟରେ ୩୭ ଲକ୍ଷ କୁକୁର କାମୁଡ଼ା ଘଟଣା ଘଟିଛି। କେହି ପ୍ରାଣୀଙ୍କୁ ଘୃଣା କରୁନାହାନ୍ତି ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଅଦାଲତଙ୍କୁ କହିଥିଲେ। ଏକ ଏନ୍‌ଜିଓ ତରଫରୁ ଲଢୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଏହା ଉପରେ ଅଧିକ ବିତର୍କର ଆବଶ୍ୟକତା ରହିଛି। ସେଥିପାଇଁ ଅଗଷ୍ଟ ୧୧ ରାୟକୁ ସ୍ଥଗିତ ରଖିବା ପାଇଁ ସେ ନିବେଦନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ପାରିବୁ ଗରଜି,**
**ତେବେ ପାଇବୁ ମରଜି ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ । ନିଜ ରୋଜଗାରରେ ନିଜ ପେଟ ପୋଷିବା ମଣିଷ ପକ୍ଷେ ଗର୍ବ ଓ ଗୌରବର ବିଷୟ ହୋଇଥାଏ । ଯିଏ ଆତ୍ମକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁ କଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ ପଡିଥାଏ । କିନ୍ତୁ ଯିଏ ରୋଜଗାର କରି ନିଜ ଖର୍ଚ୍ଚ ନିଜେ ତୁଲାଇବାକୁ ସମର୍ଥ ହୋଇଥାଏ ସେ ମୁଣ୍ଡ ଉଠାଇ ବାଟ ଚାଲିଥାଏ, ଘର ସଂସାରକୁ ସୁରୁଖୁରୁରେ ଚଳାଇପାରିଥାଏ । ଅର୍ଜନକାରୀ ବ୍ୟକ୍ତି ନିଜ ପସନ୍ଦକୁ ଚାହିଁ ଖର୍ଚ୍ଚ କରିବାରେ କୌଣସି ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଯାହା ନାହିଁ ଭାରତେ,**
**ତାହା ନାହିଁ ଭାରତେ ।**

ମହାଭାରତ ଗ୍ରନ୍ଥରେ ଭାରତର ସଭ୍ୟତା, ସଂସ୍କୃତି ଓ ରୀତିନୀତି ବର୍ଣ୍ଣିତ । ଏଥିରେ ସମଗ୍ର ଭାରତବର୍ଷର ପ୍ରତିଫଳନ ଦେଖିବାକୁ ମିଳିଥାଏ । ମହାଭାରତରେ ଯାହା ବର୍ଣ୍ଣନା କରା ନ ଯାଇଛି ତାହା ଭାରତ ବର୍ଷରେ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# ମହିଳା ଆଥ୍‌ଲେଟ୍‌ଙ୍କ ଜିନ୍ ଟେଷ୍ଟ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୧୪।୮(ପି.ଟି.)**



ମହିଳା ଆଥ୍‌ଲେଟଙ୍କୁ ଆଗାମୀ ୱାର୍ଲ୍ଡ ଚାମ୍ପିୟନଶିପ୍ ଲାଗି ଅଂଶଗ୍ରହଣ କରିବା ପାଇଁ ଏସ୍‌ଆର୍‌ୱାଇ ଜିନ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ଏ ନେଇ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଗୁରୁବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ୱାର୍ଲ୍ଡ ଚାମ୍ପିୟନଶିପ୍ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରୁ ଟୋକିଓରେ ହେବ।

ଏସ୍‌ଆର୍‌ୱାଇ (ଲିଙ୍ଗ ନିର୍ଣ୍ଣୟକାରୀ କ୍ଷେତ୍ର ୱାଇ) ଜିନ୍ ପରୀକ୍ଷା ମୁଖ୍ୟତଃ ଏସ୍‌ଆରୱାଇ ଜିନ୍‌ର ଉପସ୍ଥିତି କିମ୍ବା ଅନୁପସ୍ଥିତି ଚିହ୍ନଟ କରିବା ପାଇଁ ବ୍ୟବହୃତ ହୁଏ, ଯାହା ଭ୍ରୁଣ ବିକାଶ ସମୟରେ ପୁରୁଷ ଲିଙ୍ଗ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଗତ ଜୁଲାଇ ୩୦ ତାରିଖରେ ସମସ୍ତ ମହିଳା ଆଥ୍‌ଲେଟ୍‌ଙ୍କ ଲାଗି ଜୀବନରେ ଥରକ ପାଇଁ ଏସ୍‌ଆର୍‌ୱାଇ ଜିନ ଟେଷ୍ଟ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ୱାର୍ଲ୍ଡ ଆଥଲେଟିକ୍ସ (ଡବ୍ଲ୍ୟୁଏ) ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ପରୀକ୍ଷା ଗାଲ ଭିତର ଅଂଶର ସ୍ୱାବ କିମ୍ବା ରକ୍ତ ପରୀକ୍ଷା ଦ୍ୱାରା କରାଯିବ। ଏ ସମ୍ପର୍କରେ ଏଏଫ୍‌ଆଇ ପକ୍ଷରୁ ଏହାର ସମସ୍ତ ସ୍ୱୀକୃତି ପ୍ରାପ୍ତ ୟୁନିଟ୍‌କୁ ନୋଟିସ ଜାରି କରାଯାଇଛି।

ଟୋକିଓରେ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ସମସ୍ତ ମହିଳା ଆଥ୍‌ଲେଟ୍‌ଙ୍କୁ ଏସ୍‌ଆର୍‌ୱାଇ ଜିନ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ନିର୍ଦ୍ଦେଶର ପାଳନ ନ କଲେ ଆଥ୍‌ଲେଟ୍‌ଙ୍କୁ ଅଯୋଗ୍ୟ ଧରାଯିବ ବୋଲି ଏଏଫ୍‌ଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କାରୁଆନାଙ୍କୁ ହରାଇଲେ ଗୁକେଶ

**ସେଣ୍ଟ ଲୁଇସ୍, ୧୪।୮ (ପି.ଟି.):** ଗ୍ରାଣ୍ଡ ଚେସ୍ ଟୁର୍‌ର ଅଂଶବିଶେଷ ଏଠାରେ ଚାଲିଥିବା ସେଣ୍ଟ ଲୁଇସ୍ ରାପିଡ୍ ଓ ବ୍ଲିଜ୍ ଟୁର୍ନାମେଣ୍ଟର ରାପିଡ୍ ବିଭାଗ ପ୍ରତିଯୋଗିତା ଶେଷ ହୋଇଛି। ଡି.ଗୁକେଶ ପ୍ରଥମେ ଯୁକ୍ତରାଷ୍ଟ୍ରର ଲିନିଅର୍ ଡେମିଙ୍ଗେଜ ପେରେଜଙ୍କଠାରୁ ପରାଜିତ ହେବାପରେ ଦୁଇ ଆମେରିକୀୟ ଖେଳାଳି ୱେସ୍ଲେ ଶୋ' ଏବଂ ଫାବିଆନୋ କରୁଆନୋଙ୍କୁ ହରାଇ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହାକୁ ମିଶାଇ ଗୁକେଶଙ୍କ କ୍ରମାଗତ ତୃତୀୟ ପରାଜୟରୁ ଆରମ୍ଭ କରି ପରବର୍ତ୍ତୀ ଦୁଇଟି ଗେମ୍‌ରେ ବିଜୟୀ ହୋଇ ୪ର୍ଥ ସ୍ଥାନ ବଜାୟ ରଖିପାରିଛନ୍ତି। ୧,୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଗୁକେଶଙ୍କୁ ୧୮ଟି ବ୍ଲିଜ୍ ଗେମ୍ ଖେଳିବାକୁ ପଡ଼ିବ।

## ଅର୍ଜୁନ ତେନ୍ଦୁଲକର-ସାନିୟାଙ୍କ ନିର୍ବନ୍ଧ

**ମୁମ୍ବାଇ,୧୪।୮:** କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ତାଙ୍କ ପିଲାଦିନର ସାଥୀ ସାନିୟା ଚାନ୍ଦୋକଙ୍କ ସହ ନିର୍ବନ୍ଧ କରିଛନ୍ତି। ସାନିୟା ହେଉଛନ୍ତି ମୁମ୍ବାଇର ଜଣାଶୁଣା ଉଦ୍ୟୋଗୀ ରବି ଘାଇଙ୍କ ନାତୁଣୀ। ଏକ ରିପୋର୍ଟ ମୁତାବକ, ବୁଧବାର ଅର୍ଜୁନ ଓ ସାନିୟାଙ୍କର ଏକ ବ୍ୟକ୍ତିଗତ ଉତ୍ସବରେ ନିର୍ବନ୍ଧ ହୋଇଛି। ଅର୍ଜୁନ ଜଣେ ବାମହାତୀ ପେସର ଏବଂ ସେ ବ୍ୟାଟରେ ଦଳ ଲାଗି ମୂଲ୍ୟବାନ ଯୋଗଦାନ କରିପାରନ୍ତି। ସେ ଏବେ ଗୋଆ ଲାଗି ଘରୋଇ କ୍ରିକେଟ୍ ଖେଳୁଛନ୍ତି। ୧୭ ଫାଷ୍ଟ-କ୍ଲାସ ମ୍ୟାଚ୍‌ରେ ସେ ୩୭ ଉଇକେଟ ନେବା ସହ ୫୩୨ ରନ କରିଥିଲେ।








# ଅଖିଳ ଭାରତ ଟି୧୦ ଟେନିସ୍ ବଲ କ୍ରିକେଟ ୧୧ରୁ



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ।

**ଭୁବନେଶ୍ୱର,୧୪।୮(ଅନାଦି କର)**

ଟି୧୦ ଟେନିସ୍ ବଲ କ୍ରିକେଟ୍ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ ବଲ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ ଟ୍ରଷ୍ଟ ସହଯୋଗରେ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ତୃତୀୟ ଟି୧୦ ଟେନିସ ବଲ କ୍ରିକେଟ୍ ଚାମ୍ପିୟନଶିପ୍ ଆୟୋଜନ କରାଯିବ। ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଦିବା-ରାତ୍ର ଟୁର୍ନାମେଣ୍ଟରେ ଭାରତର ୨୫ଟି ରାଜ୍ୟର ପୁରୁଷ ଦଳ ଓ ୬ ମହିଳା ଦଳ ଭାଗ ନେବେ। ଏହି ଚାମ୍ପିୟନଶିପ୍ ଲାଗି ଓଡ଼ିଶାର ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ପୁରୁଷ ପ୍ରତିଯୋଗିତାରେ ଭାଗ ନେଇଥିବା ଦଳଗୁଡ଼ିକୁ ୩ ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଓଡ଼ିଶା ସହିତ ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ବିହାର, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ସ୍ଥାନ ପାଇଛନ୍ତି। ଗ୍ରୁପ୍-ବି'ରେ ମହାରାଷ୍ଟ୍ର, ବିଦର୍ଭ, ଗୋଆ, କର୍ନାଟକ, ଉତ୍ତର କର୍ନାଟକ, ମଧ୍ୟ ଭାରତ, ପୂର୍ବାଞ୍ଚଳ ଓ ଦିଲ୍ଲୀ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ସି'ରେ ଜମ୍ମୁ-କଶ୍ମୀର, ହରିୟାଣା, ପଞ୍ଜାବ, ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ରହିଛନ୍ତି। ଏହି ଚାମ୍ପିୟନଶିପ୍ ଲାଗି ଗୁରୁବାର ପ୍ରେସ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରଫି ଓ ଜର୍ସି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ ଏବଂ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ଓ ରାଜ୍ୟ ସମ୍ପାଦକ ବ୍ରଜକିଶୋର ଦାଶ ଉପସ୍ଥିତ ଥିଲେ।

# ଡା. ଭେସ୍ ପେସ୍‌ଙ୍କ ପରଲୋକ

**କୋଲକାତା,୧୪।୮(ପି.ଟି.)**

୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ ଗେମ୍ସ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ତଥା କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସଙ୍କ ବାପା ଡା. ଭେସ୍ ପେସ୍‌ଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭେସ୍ ପାର୍କିନସନ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ମଙ୍ଗଳବାର ସକାଳେ ଉଡ୍‌ଲାଣ୍ଡ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସୋମବାର କିମ୍ବା ମଙ୍ଗଳବାର କରାଯିବ। କାରଣ ତାଙ୍କ ପରିବାରବର୍ଗ ବିଦେଶରେ ରହୁଥିବା ତାଙ୍କର ଦୁଇ ଝିଅଙ୍କୁ ଅପେକ୍ଷା କରିଛନ୍ତି। ଭେସ ଭାରତୀୟ ବାସ୍କେଟବଲ ଦଳର ପୂର୍ବତନ ଅଧିନାୟିକା ଜେନିଫରଙ୍କୁ ବିବାହ କରିଥିଲେ।

ପେସ୍ ଭାରତୀୟ ହକି ଦଳରେ ଜଣେ ମିଡ୍‌ଫିଲ୍ଡର ଥିଲେ। ହେଲେ ସେ ଡିଭିଜନାଲ ସ୍ତରରେ ଫୁଟବଲ, କ୍ରିକେଟ୍ ଓ ରଗ୍‌ବୀ ଖେଳିଥିଲେ। ୧୯୯୬ରୁ ୨୦୦୨ ପର୍ଯ୍ୟନ୍ତ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୪୫ ଏପ୍ରିଲରେ ଗୋଆରେ ଜନ୍ମିତ ପେସ ଉଭୟ ଖେଳ ଓ ପାଠପଢ଼ାରେ ଅସାଧାରଣ ଥିଲେ। ହକିରେ ସଫଳ କ୍ୟାରିୟର କରିବା ପରେ ସେ ସ୍ପୋର୍ଟ୍ସ ମେଡିସିନ ଡକ୍ଟର ହୋଇଥିଲେ। ସେ ପରାମର୍ଶଦାତା ଭାବେ ଏସିଆନ୍ କ୍ରିକେଟ୍ କାଉନ୍‌ସିଲ (ଏସିସି), ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଭାରତୀୟ ଡେଭିସ କପ୍ ଦଳ ଭଳି ଅନେକ ସଂସ୍ଥା ସହ କାର୍ଯ୍ୟ କରିଥିଲେ।

ପେସଙ୍କ ପ୍ରତିନିଧିତ୍ୱରେ ଭାରତୀୟ ହକି ଦଳ ବାର୍ସେଲୋନାରେ ୧୯୭୧ରେ ଖେଳାଯାଇଥିବା ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲା। ଏହାର ପର ବର୍ଷ ମ୍ୟୁନିକ୍ ଅଲିମ୍ପିକ୍ସରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ହେଲେ ଏହି ଅଲିମ୍ପିକ୍ସକୁ ପାଲେଷ୍ଟାଇନ ଆତଙ୍କବାଦୀଙ୍କ ଦ୍ୱାରା ୧୧ ଇସ୍ରାଏଲ ଆଥ୍‌ଲେଟ୍‌ଙ୍କ ଗଣହତ୍ୟା ଲାଗି ମନେ ରଖାଯାଏ। ଏହି ଘଟଣା ଯୋଗୁ ଅଲିମ୍ପିକ୍ସକୁ ୪ ଦିନ ବନ୍ଦ ରଖାଯାଇଥିଲା। ହକିରୁ ଅବସର ନେବା ପରେ ପେସ ଦୀର୍ଘ ଦଶନ୍ଧି ଧରି ଭାରତୀୟ ଡେଭିସ୍ କପ୍ ଦଳର ଡକ୍ଟର ଭାବେ କାର୍ଯ୍ୟ କରିଥିଲେ। ସେ ତାଙ୍କ ପୁଅ ଲିଆଣ୍ଡରଙ୍କ ମ୍ୟାନେଜର ମଧ୍ୟ ଥିଲେ। ଭେସଙ୍କ ଚାପରେ ଲିଆଣ୍ଡର ଟେନିସକୁ କ୍ୟାରିୟର ବାଛିଥିଲେ। ଲିଆଣ୍ଡର ଦେଶର ସବୁଠୁ ସଫଳ ଟେନିସ ଖେଳାଳି। ପୁରୁଷ ଡବଲ୍ସରେ ୮ ଓ ମିକ୍ସଡ୍ ଡବଲ୍ସରେ ୧୦କୁ ମିଶାଇ ମୋଟ ୧୮ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ମଧ୍ୟ ଜିତି ଅଲିମ୍ପିକ୍ସରେ ପରିବାରର ପଦକ ଜିତିବା ଧାରା ଜାରି ରଖିଥିଲେ। ଏସିଆର ପ୍ରଥମ ପୁରୁଷ ଭାବେ ଲିଆଣ୍ଡରଙ୍କୁ ଇଣ୍ଟରନ୍ୟାଶନାଲ ଟେନିସ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଥିଲା। ଭେସଙ୍କ ବିୟୋଗରେ ହକି ଇଣ୍ଡିଆ (ଏଚ୍‌ଆଇ) ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଶୋକ ବ୍ୟକ୍ତ କରି କହିଛନ୍ତି, ଏହା ହକି ଇଣ୍ଡିଆ ଲାଗି ଏକ ଦୁଃଖର ଦିନ। ଡ. ପେସଙ୍କ ପରଲୋକ ହକିର ଏକ ମହାନ୍ ଯୁଗର ଅନ୍ତ ଘଟାଇଛି।



ପୁତ୍ର ଲିଆଣ୍ଡରଙ୍କ ସହ ଭେସ୍ ପେସ୍ (ଫାଇଲ ଫଟୋ)।

## ପବନୀ, ଶୁଭଶ୍ରୀ, ମାଗାଇ ସମ୍ବର୍ଦ୍ଧିତ ହେବେ



**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ):** ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡ୍ ଫୋର୍ଟଠାରେ ଶୁକ୍ରବାର ଭାରତୀୟ ମହିଳା ଓ ପୁରୁଷ ଖୋ ଖୋ ବିଶ୍ୱକପ ବିଜୟୀ ଦଳର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବେ। ଏଥିରେ ସାମିଲ ଥିବା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ପବନୀ ଶବର, ଶୁଭଶ୍ରୀ ସିଂ ଓ ମାଗାଇ ମାଝି ସମ୍ବର୍ଦ୍ଧିତ ହେବେ। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ ଗତ ଜାନୁଆରୀ ୧୩ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କଠାରୁ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

## ଡମ୍ବରୁଙ୍କ ଗୋଲରେ ଜିଏଚ୍‌ଏସ୍ ବିଜୟୀ

**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ):** ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ୟୁନିଟ-୧ ଜିଏଚ୍‌ଏସ୍ ବିଜୟୀ ହୋଇଛି। ଏହି ଦଳ ୧-୦ ଗୋଲରେ ବିକାଶ ରେସିଡେନ୍ସିଆଲକୁ ପରାସ୍ତ କରିଛି। ବିଜୟ ସୂଚକ ଗୋଲ ଦେଇଥିବା ଡମ୍ବରୁ ବାନରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ରିକେଟ କ୍ଲବ ସମ୍ପାଦକ ଗୌର ପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ଡମ୍ବରୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଡିଏଭି ଚନ୍ଦ୍ରଶେଖରପୁର ଦଳ ଅନୁପସ୍ଥିତ ରହିବାରୁ ସାଇ ରେସିଡେନ୍ସିଆଲ ସ୍କୁଲ ୱାକଓଭର ପାଇଛି।




BHUBANESWAR: NARAYANI MOTORS: 7381000168, 9583022097 | SKY AUTOMOBILES: 7440011607 | JYOTE MOTORS: 7064499354, 7064499352 | PURI: NARAYANI MOTORS: 7381000168 | PARADEEP: NARAYANI MOTORS: 7381000168, 9583022097, 9583022047 | KEONJHAR/NAYAGARH/BALUGAON: JYOTE MOTORS: 9776615006 | CUTTACK: TUSHI MOTORS PVT LTD: 9078073430, SKY AUTOMOBILES: 9078080819 | JAJPUR: SKY AUTOMOBILES: 7440011607.



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୧୨+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, August 15/2025 Page 20 ₹ 7.00
୫୧ଶ ଭାଗ ୨୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 261 ମୂଲ୍ୟ₹୭/-

DADLS-41

# ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା



## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୬ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

OIPR-15001/13/0954/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର











































See Career Appointment on every Wednesday & Saturday


















# ଆରମ୍ଭ ହେଲା 'ମାଝୀ' ସମ୍ପ୍ରଦାୟ ଗଣନା

## ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଡିଡବ୍ଲ୍ୟୁଓଙ୍କୁ ମଗାଗଲା ତଥ୍ୟ

ଭୁବନେଶ୍ୱର,୧୪।୮ (ରବିନାରାୟଣ ଜେନା)

ରାଜ୍ୟରେ ୨୦୧୧ ପରେ ଜନସଂଖ୍ୟା ଗଣନା ହୋଇ ନ ଥିବାବେଳେ ଆଦିବାସୀ ଗଣନା ପ୍ରକ୍ରିୟାର ଅଗ୍ରଗତି ହୋଇନାହିଁ। ଆଦିବାସୀ ଗଣନା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଥିଲେ ହେଁ ତାହା ଏବେ ରାଜ୍ୟରେ ପ୍ରକ୍ରିୟା ଭିତରେ ରହିଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମାଝୀ' ସମ୍ପ୍ରଦାୟ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ କେତେ ସଂଖ୍ୟକ 'ମାଝୀ' ସମ୍ପ୍ରଦାୟ ରହିଛନ୍ତି ଏବଂ କେଉଁ ଜିଲାରେ କେତେ ଅଛନ୍ତି, ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଚଳିତମାସ ୪ତାରିଖରେ ତିନୋଟି ଜିଲା (ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ)ର ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ)ଙ୍କୁ ପତ୍ର ଲେଖି 'ମାଝୀ' ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ବିବରଣୀ ଲୋଡ଼ିଛନ୍ତି। ଉପନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି, ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୧ରୁ ତଥ୍ୟ ମଗା ଯାଉଥିଲେ ମଧ୍ୟ ମିଳିପାରୁ ନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ତଥ୍ୟ ମଗାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତମାସ ୨୦ ସୁଦ୍ଧା 'ମାଝୀ' ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ତଥ୍ୟ ଦେବାକୁ ସେ ଦର୍ଶାଇଛନ୍ତି। ଉପନିର୍ଦ୍ଦେଶକ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସହିତ ନୀତି ଆୟୋଗଙ୍କ ପକ୍ଷରୁ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶାଳୟକୁ 'ଜଳିଆ', 'ଜାନୁଘଣ୍ଟ' ଓ 'ମାଝୀ' ପରି ବିଜ୍ଞାପିତ ହୋଇ ନ ଥିବା ସମ୍ପ୍ରଦାୟ, ଯାଯାବର ଓ ସହ-ଯାଯାବର ସମୁଦାୟମାନଙ୍କର ଜାତି ସାମାଜିକ ଅଧ୍ୟୟନ(ଇଏସ୍) କରି ରିପୋର୍ଟ ଦେବା ପାଇଁ କୁହାଯାଇଛି। ମାତ୍ର ସମ୍ପୃକ୍ତ ଜିଲାରୁ 'ମାଝୀ' ସମୁଦାୟର ଠିକ୍ ତଥ୍ୟ ମିଳୁ ନ ଥିବାରୁ ସେହି ସମୁଦାୟ ସମ୍ପର୍କିତ ବ୍ୟାପକ ଜାତି ସାମାଜିକ ଅଧ୍ୟୟନ କରାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ଚଳିତମାସ ୨୦ ସୁଦ୍ଧା ସମ୍ପୃକ୍ତ ଜିଲାରେ କେତେ ମାଝୀ ସମୁଦାୟ ରହିଛନ୍ତି ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ସେ ଦର୍ଶାଇଛନ୍ତି।

# ଲଘୁଚାପ ସକ୍ରିୟ, ୧୯ ପର୍ଯ୍ୟନ୍ତ ବର୍ଷିବ

ଭୁବନେଶ୍ୱର,୧୪।୮ (ଅନୁରାଧା ମହାରଣା)

ଉତ୍ତର-ପଶ୍ଚିମ ଏବଂ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ସଂଲଗ୍ନ ଅଞ୍ଚଳ ଉପରେ ଲଘୁଚାପ ସକ୍ରିୟ ରହିଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉପରେ ଦକ୍ଷିଣ ଆଡ଼କୁ ଢଳି ରହିଛି। ଶୁକ୍ରବାର ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ସେହିପରି ମୌସୁମୀ ଟ୍ରଫ ଏବେ ହାରାହାରି ସମୁଦ୍ର ପତ୍ତନରେ ବିକାନେର, ବନସ୍ଥଳୀ, ଗୁନା, ଦାମୋହ, ବିଳାସପୁର, କଳିଙ୍ଗପଟନମ ଓ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଅତିକ୍ରମ କରୁଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି।












୭୯ତମ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ବନ୍ଦେ ମାତରମ୍ ପକ୍ଷରୁ ଗୁରୁବାର ଗାନ୍ଧୀ ମାର୍ଗରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଉଛି।



ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରୂପାଲୀ ଛକରୁ ଗାନ୍ଧି ମାର୍ଗ ଅଭିମୁଖେ ଯାଉଥିବା ତ୍ରିରଙ୍ଗା ଶୋଭାଯାତ୍ରା।

## ଗଣେଶ ପୂଜା ପାଇଁ ଆସିଲା ଆଜ୍ଞାମାଳ

ପୁରୁଣା ଭୁବନେଶ୍ୱର, ୧୪।୮ (ସୁବାସ ଚନ୍ଦ୍ର ପ୍ରଧାନ)

ବଡ଼ଗଡ ଗଣେଶ ପୂଜା ପାଇଁ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରୁ ଆଜ୍ଞା ମାଳ ଆସିଛି। ଗଣେଶ ମହୋତ୍ସବ ଆୟୋଜକ କମିଟି ସଦସ୍ୟ ଓ ଗ୍ରାମବାସୀ ଲିଙ୍ଗରାଜ ମନ୍ଦିରକୁ ଯାଇ ପୂଜକଙ୍କ ଦ୍ୱାରା ଶ୍ରୀଲିଙ୍ଗରାଜ, ମା ପାର୍ବତୀ ଓ ଅନ୍ୟ ଦେବାଦେବୀଙ୍କ ପୂଜାବିଧି ସମ୍ପନ୍ନ କରିଥିଲେ। ନିମନ୍ତ୍ରଣ କରିବା ପରେ ଲିଙ୍ଗରାଜଙ୍କ ଆଜ୍ଞାମାଳ ଧରି ଗ୍ରାମକୁ ଫେରିଥିଲେ। ଗଣେଶ ପ୍ରତିମୂର୍ତ୍ତି ତିଆରି ପାଇଁ ତ୍ରିଶୂଳିଆରୁ ମାଟି ସଂଗ୍ରହ କରାଯାଇଥିବା କମିଟି ସଭାପତି ସଂଗ୍ରାମ ମାର୍ଥା କହିଛନ୍ତି।

# ଅମୂଲ୍ୟ ପ୍ରଧାନ ବୋର୍ଡ ଉପସଭାପତି

ଭୁବନେଶ୍ୱର, ୧୪।୮ (ସୁଚିସ୍ମିତା ସାହୁ)

ସ୍ୱେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ବିବାଦରେ ଛନ୍ଦି ହୋଇଯାଇଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ରେ ବଦଳି ସହ ନୂଆ ନିଯୁକ୍ତି ଦିଆଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଓଏଏସ୍ ଅଫିସର ତଥା ସମ୍ବଲପୁରର ଆଞ୍ଚଳିକ ଉପଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ନୂଆ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କୁ ବଦଳି କରାଯାଇ ଏସ୍‌ଆଇଏଲ୍‌ଟିରେ ଯୁଗ୍ମ ନିର୍ଦ୍ଦେଶକ ଭାବେ

### ବଦଳିଲେ ନିୟନ୍ତ୍ରକ, ଚକ୍ରଧର ବେହେରା ଉପନିୟନ୍ତ୍ରକ ନିଯୁକ୍ତ

ନିଯୁକ୍ତ କରାଯାଇଥିବାବେଳେ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍‌ଆଇଏଲ୍‌ଟିରେ ସହନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ଭାରପ୍ରାପ୍ତ ନିୟନ୍ତ୍ରକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ସ୍ୱେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗିରଫ ହୋଇଥିବା ବୋର୍ଡର ତତ୍କାଳୀନ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିଲେ।

# ଆତ୍ମରକ୍ଷା ଅନୁଦାନ ଫେରାଇବାକୁ ୩୧୬ କଲେଜକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪।୮ (ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କୁ ଆତ୍ମକୌଶଳ ଶିକ୍ଷା ଦେବା ପାଇଁ କଲେଜଗୁଡ଼ିକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଉଛି। ହେଲେ ବିଭାଗ ଅଧୀନରେ ଥିବା ୩୧୬ଟି କଲେଜ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ କୌଣସି କାର୍ଯ୍ୟକ୍ରମ କରି ନ ଥିବାରୁ ଅନୁଦାନ ଫେରାଇବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ସୂଚନାନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ସାମ୍ସ ଆକାଉଣ୍ଟ ମାଧ୍ୟମରେ ଆତ୍ମରକ୍ଷା କାର୍ଯ୍ୟକଳାପ ପାଇଁ କଲେଜଗୁଡ଼ିକୁ ଅନୁଦାନ ପ୍ରଦାନ କରାଯାଇଥିଲା। ମାର୍ଚ୍ଚ ୧୫ ସୁଦ୍ଧା କାର୍ଯ୍ୟକ୍ରମ କରି ଏପ୍ରିଲ ୧୫ ସୁଦ୍ଧା ଖର୍ଚ୍ଚ ଚିଠା (ୟୁସି) ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦିଷ୍ଟ କେତେକ କଲେଜ ଏଯାବତ୍ ୟୁସି ଦାଖଲ କରିନାହାନ୍ତି। ତେଣୁ ତୁରନ୍ତ ଅନୁଦାନରାଶିକୁ ଫେରସ୍ତ କରିବାକୁ ବିଭାଗର ଡେପୁଟି ସେକ୍ରେଟାରୀ ଡ. ରମେଶ ଚନ୍ଦ୍ର ବେହେରା ଗୁରୁବାର ୩୧୬ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ କଲେଜ ମଧ୍ୟରେ ଅନୁଗୋଳରେ ୮, ବାଲେଶ୍ୱର ୧୫, ବରଗଡ଼ ୧୧, ଭଦ୍ରକ ୧୧, ବଲାଙ୍ଗୀର ୧୭, ବୌଦ୍ଧ ୨, କଟକ ୧୮, ଦେବଗଡ ୫, ଢେଙ୍କାନାଳ ୧୩, ଗଜପତି ୫, ଗଞ୍ଜାମ ୨୦, ଜଗତ୍‌ସିଂହପୁର ୧୪, ଯାଜପୁର ୧୯, ଝାରସୁଗୁଡ଼ା ୪, କଳାହାଣ୍ଡି ୮, ରାୟଗଡା ୭, କନ୍ଧମାଳ ୯, କେନ୍ଦ୍ରାପଡା ୧୧, କେନ୍ଦୁଝର ୭, ଖୋର୍ଦ୍ଧା ୧୫, କୋରାପୁଟ ୪, ମାଲକାନଗିରି ୫, ମୟୂରଭଞ୍ଜ ୨୩, ନବରଙ୍ଗପୁର ୭, ନୟାଗଡ଼ ୧୧, ନୂଆପଡ଼ା ୪, ପୁରୀ ୧୯, ସମ୍ବଲପୁର ୩, ସୋନପୁର ୬ ଏବଂ ସୁନ୍ଦରଗଡରେ ୧୫ କଲେଜ ରହିଛି।

# ଶିକ୍ଷା ସଚିବଙ୍କ ସହ ଏନ୍‌ପିଏସ୍ ଶିକ୍ଷକ ସଂଘର ଆଲୋଚନା

ଭୁବନେଶ୍ୱର, ୧୪।୮ (ସୁଚିସ୍ମିତା ସାହୁ)

ରାଜ୍ୟ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କେରକେରାଙ୍କୁ ଭେଟି ୧୩ଦଫା ଦାବି ନେଇ ଆଲୋଚନା କରିଛନ୍ତି। ୨୦୦୪ରୁ ୨୦୧୩-୧୪ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ୬ବର୍ଷ ଚୁକ୍ତି ଅବଧିକୁ ନିୟମିତ କରିବା, ୬ଟି ନୋଶନାଲ ଇଂକ୍ରିମେଣ୍ଟ ପ୍ରଦାନ କରିବା, ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଦମ୍ପତିଙ୍କ ବଦଳି, ଏକାଧିକ ଥର ସହମତି ବଦଳିକୁ ତୁରନ୍ତ ବଦଳି ପାଇଁ ଅଗ୍ରାଧିକାର ଦିଆଯିବା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ବୀମା, ୨୦୧୬ ବ୍ୟାଚର ଶିକ୍ଷକଙ୍କ ବକେୟା ପାଉଣା ପ୍ରଦାନ ଆଦି କରିଥିଲେ। ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ ଏବଂ ମହାସଚିବ ବିଶ୍ୱଜିତ ବିଶ୍ୱାଳ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ଏମ୍‌ସ ଭୁବନେଶ୍ୱରରେ ଆସ୍ଥେଟିକ୍ ସର୍ଜେରି ସମ୍ମିଳନୀ

ଭୁବନେଶ୍ୱର, ୧୪।୮ (ବନ୍ଦନା ସେଠୀ)

ଏମ୍‌ସ ଭୁବନେଶ୍ୱରରେ ୩ ଦିନିଆ ଆସ୍ଥେଟିକ୍ ସର୍ଜେରି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ଲାଷ୍ଟିକ୍ ପୁନଃ ନିର୍ମାଣ ଏବଂ ଆସ୍ଥେଟିକ୍ ସର୍ଜନ ଆସୋସିଏଶନ (ଏପିଆର୍‌ଏଏସ୍‌ଓ), ଇଣ୍ଡିଆନ୍ ଆସୋସିଏଶନ ଅଫ୍ ଆସ୍ଥେଟିକ୍ ପ୍ଲାଷ୍ଟିକ ସର୍ଜନ (ଆଇଏଏପିଏସ୍) ଏବଂ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ ହୋଇଥିଲା। ଏଥିରେ ପ୍ଲାଷ୍ଟିକ ସର୍ଜେରି ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି ଅସ୍ତ୍ରୋପଚାର କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ଯୋଗଦେଇଥିଲେ। ମୁଖ ପୁନରୁଦ୍ଧାର, ରାଇନୋପ୍ଲାଷ୍ଟି, ଶରୀର କଣ୍ଟୁରିଂ, ସ୍ତନ ସୌନ୍ଦର୍ଯ୍ୟ ଏବଂ ରିଜେନେରିଟିଭ୍ ମେଡିସିନ ସମେତ ବିଭିନ୍ନ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ଡିନ୍ ଡା. ପ୍ରଶାନ୍ତ ରାଘବ ମହାପାତ୍ର, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଏପିଆର୍‌ଏଏସ୍‌ଓ ସଭାପତି ଡା. ରୁଚି ଗୁପ୍ତା, ଏମ୍‌ସ ଭୁବନେଶ୍ୱର ବର୍ନ ସେଣ୍ଟର ମୁଖ୍ୟ ତଥା ସମ୍ମିଳନୀର ଅର୍ଗାନାଇଜିଂ ପ୍ରେସିଡେଣ୍ଟ ଡା. ସଞ୍ଜୟ କୁମାର ଗିରି ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଏବଂ ତୃତୀୟ ଦିନରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଡା. ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌନ୍ଦର୍ଯ୍ୟ ଶଲ୍ୟ ଚିକିତ୍ସା ତାଲିମକୁ ଆଗକୁ ବଢ଼ାଇବା ପାଇଁ ପ୍ରୟାସକୁ ପ୍ରଶଂସା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିଲୀପ



@ ବାପୁ



@ ଅଭିରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DSPL-208



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସିଏମ୍ କିଷାନ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

ପଞ୍ଜିକରଣର ଶେଷ ତାରିଖ
୦୭-୦୯-୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01102/13/0028/2526

## ପାଇଖାନା ଟାଙ୍କିରୁ ଷଣ୍ଢ ଉଦ୍ଧାର

ସାଲେପୁର, (ଅରବିନ୍ଦ ଭୂୟାଁ):ସାଲେପୁରସ୍ଥିତ ଲୁଣାହାର ଗାଁରେ ଥିବା ଏକ ଖୋଲା ପାଇଖାନା ଟାଙ୍କିରୁ ଏକ ଷଣ୍ଢକୁ ସାଲେପୁର ଦମକଳ ବାହିନୀର କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଅପରାହ୍ନ ସମୟରେ ଷଣ୍ଢଟି ଗାଁ ଦାଣ୍ଡରେ ବୁଲୁଥିବା ବେଳେ ଦୀର୍ଘଦିନ ହେବ ଖୋଲା ଥିବା ପାଇଖାନା ଟାଙ୍କିରେ ଖସିପଡ଼ିଥିଲା। ଉକ୍ତ ଷଣ୍ଢକୁ ପାଇଖାନା ଟାଙ୍କିରେ ଛଟପଟ ହେଉଥିବା ଦେଖି ସାଲେପୁର ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ କର୍ମଚାରୀମାନେ ବହୁ ପରିଶ୍ରମ କରି ଉକ୍ତ ଷଣ୍ଢକୁ ଟାଙ୍କିରୁ ଉଦ୍ଧାର କରିଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ବାଙ୍କୀ,୧୪।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡା ଗ୍ରାମପଞ୍ଚାୟତସ୍ଥ ରଙ୍ଗିପୁର ଗ୍ରାମ ପୋଖରୀରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ନିର୍ମଳ କୁମାର ରାଉତ ବୟସ (୪୦)। ସୂଚନାଯୋଗ୍ୟ, ନିର୍ମଳ ପାଖ ପୋଖରୀକୁ ଗାଧୋଇଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ନାରୀ ନିର୍ଯାତନା ବିରୋଧରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ଆଠଗଡ଼, ୧୪।୮(ସତ୍ୟ ପ୍ରସାଦ ରଥ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଓ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ଅଭିଯୋଗ କରି ଏହାର ସମାଧାନ ଦାବିରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଠଗଡ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତିଙ୍କ ଜରିଆରେ ଏକ ସ୍ମାରକପତ୍ର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟସ୍ଥ ପୂଜ୍ୟପୂଜା କ୍ଷେତ୍ରଠାରେ ଆଠଗଡ ସହରସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ଗୋପବନ୍ଧୁ ମହିଳା ସ୍ନାତକ ଓ କନିଷ୍ଠ ମହାବିଦ୍ୟାଳୟ, ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡି ସ୍ଥିତ ମହାନଦୀ ମହାବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକତ୍ରିତ ହୋଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ଆଠଗଡ ସହରର ମୁଖ୍ୟ ରାସ୍ତାଦେଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଠଗଡ ଏନ୍‌ଏସି ଛାତ୍ର ବିଜେଡି ସଭାପତି ଖଲିଦ ମହମ୍ମଦ ଓ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଛାତ୍ର ନେତା ସରୋଜ ପରିଡା, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ, ଲଳିତେନ୍ଦୁ ସେନାପତି, ଆଠଗଡ ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ସମ୍ପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।



ଆଠଗଡ ଥାନାଧିକାରୀ ସୁମତି କୁମାରୀ ମହାନ୍ତିଙ୍କୁ ଛାତ୍ରୀଛାତ୍ରମାନେ ସ୍ମାରକପତ୍ର ଦେଉଛନ୍ତି।

# ସ୍ୱାଧୀନତାର ଅକ୍ଷୁଣ୍ଣତା ପାଇଁ ଜାଗ୍ରତ ପ୍ରହରୀ ହୁଅନ୍ତୁ ଯୁବ ସମାଜ

ଆଠଗଡ/ ବାଙ୍କୀ/ ନିଶ୍ଚିନ୍ତକୋଇଲି/ ସାଲେପୁର, ୧୪।୮(ସତ୍ୟ ପ୍ରସାଦ ରଥ/ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)

କଟକ ଜିଲାର ଆଠଗଡ ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଖୁଣ୍ଟୁଣୀ ଠାରୁ ଏହି ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଆଠଗଡ ସହର ପରିକ୍ରମା କରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଶେଷ ହୋଇଥିଲା। ସେଠାରେ ଭାରତ, ପାକିସ୍ତାନ ବିଭାଜନ ବିଭୀଷିକା ସ୍ମୃତି ପାଳିତ ହୋଇଯାଇଛି। କଟକ ଜିଲା ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ସଭାରେ ଅତିଥି ଭାବେ ଭାଜପାର ରାଜ୍ୟ ପ୍ରବକ୍ତା ସଜ୍ଜନ ଶର୍ମା, ରାଷ୍ଟ୍ରୀୟ ପରିଷଦ ସଭ୍ୟ ବ୍ରଜେନ୍ଦ୍ର ରାୟ ପ୍ରମୁଖ ଯୋଗ ଦେଇଥିଲେ। ଅନେକ ଦେଶଭକ୍ତଙ୍କ ଜୀବନବ୍ୟାପୀ, ତ୍ୟାଗ ଓ ତପସ୍ୟାରୁ ଆମକୁ ସ୍ୱାଧୀନତା ମିଳିଛି। ଏହାକୁ ଅକ୍ଷୁଣ୍ଣ ରଖିବା ପାଇଁ ଯୁବସମାଜ ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିବାର ଆବଶ୍ୟକ ବୋଲି ସେମାନେ କହିଥିଲେ। ବାଙ୍କୀରେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଗୋପାଳପୁର ମଣ୍ଡଳ ଅନ୍ତର୍ଗତ ରଗଡି ଶକ୍ତିକେନ୍ଦ୍ରର ମହିମାମଣୀଙ୍କ ପୀଠରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଗୋପାଳପୁର ଶକ୍ତିକେନ୍ଦ୍ରର ବିଭିନ୍ନ ଗ୍ରାମ ପରିକ୍ରମା କରି ସିଂହନାଥ ପୀଠରେ ସମାପ୍ତ ହୋଇଛି। କଳାପଥର ମଣ୍ଡଳର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ରଜ ମହୋତ୍ସବ ପଡ଼ିଆରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ପତନୀ ବଜାରରେ ସମାପ୍ତ ହୋଇଛି। ଏହାଛଡ଼ା ବାଙ୍କୀ ସ୍ୱୟଂଶାସିତ କଲେଜ ଓ ଏନ୍‌ଏସି ପକ୍ଷରୁ ନଗରପାଳ ମାଣିକ ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିଭଳି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଓ ଭାଜପା ନେତା ସୁମନ୍ତ ଘଡେଇ ସମାନ୍ତରାଳ ଭାବେ ହର୍ ଘର୍ ତିରଙ୍ଗା, ବିଭାଜନ ବିଭୀଷିକା କାର୍ଯ୍ୟକ୍ରମ ଆୟୋଜନ କରି ନିଜର ପତିଆରା ଦେଖାଇଛନ୍ତି। ସୁମନ୍ତଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ତହସିଲ ଛକରୁ ବାହାରି ଗାନ୍ଧୀଛକରେ ଶେଷ ହୋଇଥିଲା। ମାହାଙ୍ଗା ବିଧାୟକଙ୍କ ନେତୃତ୍ୱରେ ବଉଳ ବଜାରଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ମେଡିକାଲ ଛକ ନିକଟରେ ଶେଷ ହୋଇଛି। ସାଲେପୁର ବ୍ଲକ ଅନ୍ତର୍ଗତ ରାଇସୁଙ୍ଗୁଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଲୋକସେବା ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଅଭିଯାନ ଓ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଇସୁଙ୍ଗୁଡା ହାଇସ୍କୁଲ, ବିଭିନ୍ନ ଅଫିସ ଓ ଦୋକାନରେ ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଥିଲା।


ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଅନୁଷ୍ଠିତ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର। (ଫଟୋ : ମାୟାଧର ମଲ୍ଲିକ)

## କେନାଲରେ ନିଖୋଜ ଛାତ୍ରୀଙ୍କ ମୃତଦେହ ଜବତ

ସାଲେପୁର,୧୪।୮(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଅନ୍ତର୍ଗତ ନରଦା ଗ୍ରାମ ନିକଟ ପଟ୍ଟାମୁଣ୍ଡାଇ କେନାଲରେ ବୁଧବାର ଗାଧୋଉଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଯାଇଥିଲେ। ଗୁରୁବାର ତାଙ୍କ ମୃତଦେହ ମାଳପୋଲ ନିକଟରୁ ଜବତ ହୋଇଛି। ମୃତା ହେଲେ ନରଦା ପଞ୍ଚାୟତ ଅନ୍ତର୍ଗତ ନରଦା ଗ୍ରାମର ପ୍ରହଲ୍ଲାଦ ସ୍ୱାଇଁଙ୍କ କନ୍ୟା ସୁଚିତ୍ରା ସ୍ୱାଇଁ। ସେ ପାଣିରେ ନିଖୋଜ ହେବା ପରେ ଓଡ୍ରାଫ ଟିମ ଓ ଅଗ୍ନିଶମ ବାହିନୀ କମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ସୁଚିତ୍ରାଙ୍କ କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ସକାଳୁ ତାଙ୍କ ମୃତଦେହ ମାଳ ପୋଲ ନିକଟରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ଜପକୁଦ ଫାଣ୍ଡି ପୋଲିସ ଅଧିକାରୀ ଭୀଷ୍ମଚରଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିଲୀପ


@ ବାପୁ


@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DSPL-208

# ସିଏମ୍ କିଷାନ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

**ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

**ପଞ୍ଜିକରଣର ଶେଷ ତାରିଖ**
୦୭-୦୯ -୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ରାଷ୍ଟ୍ରୀୟତା ଭାବ ଜାଗ୍ରତକଲା ତ୍ରିରଙ୍ଗା ଶୋଭାଯାତ୍ରା

ଖୋର୍ଦ୍ଧା,୧୪।୮ (ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତା ଦିବସରେ ସମସ୍ତ ଭାରତୀୟ ସାମିଲ ହେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର 'ହର୍ ଘର୍ ତିରଙ୍ଗା' ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ସ୍ଥାନୀୟ ବିଡିଏ କଲୋନୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ସିଗ୍ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ହାତରେ ଜାତୀୟ ପତାକା ଧରି ବିଭିନ୍ନ ସାହିଗଳି ପରିକ୍ରମା କରିଥିଲେ। ଭାରତୀ ମାତା କୀ ଜୟ, ବନ୍ଦେ ମାତରମ୍, ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ମହାପୁରୁଷ, କ୍ରାନ୍ତିକାରୀମାନଙ୍କ ନାରାଦେଇ ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତା ଭାବ ଜାଗ୍ରତ କରିଥିଲେ। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।


ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରିଥିବା ସ୍କୁଲ ଛାତ୍ରୀଛାତ୍ରମାନେ।

ସେହିପରି ଖୋର୍ଦ୍ଧା ଜିଲା ଲିଗାଲ ସେଲ୍ ଏବଂ ଅଧିବକ୍ତା ପରିଷଦ ମିଳିତ ଆନୁକୂଲ୍ୟରେ ଶତାଧିକ ଆଇନଜୀବୀ କୋର୍ଟ ପରିସରରୁ ହାତରେ ତ୍ରିରଙ୍ଗା ଧରି ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ଦେଶମାତୃକା ପାଇଁ ବଳିଦାନ ଦେଇଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଅସୀମ ତ୍ୟାଗ, ଉତ୍ସର୍ଗୀକୃତ ଜୀବନ କ୍ରାନ୍ତିକାରୀ ଭାରତବର୍ଷ ଆଦର୍ଶ ବୋଲି ବରିଷ୍ଠ ଆଇନଜୀବୀ ଲୋକକ ବିନ୍ଦୁ ପଟ୍ଟନାୟକ କହିଥିଲେ। ରାଜ୍ୟ ଅଧିବକ୍ତା ପରିଷଦ ସଭାପତି ଅଜିତ ପଟ୍ଟନାୟକ, ଜିଲା ସଭାପତି ପବିତ୍ରମୋହନ ରାଜଗୁରୁ, ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ମନୋଜ ପଟ୍ଟନାୟକ, ଆରତୀ ପଟ୍ଟନାୟକ, ଗଜଲକ୍ଷ୍ମୀ ଷଡ଼ଙ୍ଗୀ, ସ୍ମିତା ମିଶ୍ର, ପ୍ରଭଞ୍ଜନ ଜେନା ଓ ଅନ୍ୟମାନେ ପ୍ରମୁଖ ସାମିଲ ହୋଇଥିଲେ। ଜାଗୃତି ଅନୁଷ୍ଠାନ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆହ୍ୱାନ ଦିଆଯାଇଛି। ଅନୁଷ୍ଠାନର ସଭାପତି ଦିଲୀପ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଜିତେନ୍ଦ୍ର ବେହେରା, ପ୍ରସନ୍ନ ପାଇକରାୟ, ରଞ୍ଜିତ ସାମନ୍ତରାୟ, ଅଭିମନ୍ୟୁ ଘଟୁଆଳ, ସନ୍ତୋଷ ହରିଚନ୍ଦନ ପ୍ରମୁଖ ହାତରେ ତ୍ରିରଙ୍ଗା ଧରି ଦେଶ ପାଇଁ ବଳିଦାନ ଦେଇଥିବା ବୀର ଯବାନଙ୍କୁ ମନେପକାଇଥିଲେ। କାଇପଦରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନେ କ୍ୟାମ୍ପସ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ଦେଶଭକ୍ତିର ସ୍ଲୋଗାନ ଦେଇ ପ୍ରତ୍ୟେକ ପରିବାର ତ୍ରିରଙ୍ଗା ଉଡ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଏହାକୁ ଶୁଭାରମ୍ଭ କରି ଛାତ୍ରୀଛାତ୍ରଙ୍କୁ ଦେଶଭକ୍ତିର ବାର୍ତ୍ତା ଦେଇଥିଲେ।

# ଦେଶର ଏକତା, ଅଖଣ୍ଡତା, ବଜାୟ ରହିଛି: ମନ୍ତ୍ରୀ


ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ଅବସରରେ ମନ୍ତ୍ରୀ ଏବଂ ଅନ୍ୟମାନେ।

## ଭାଜପା ପକ୍ଷରୁ ବିଭାଜନ ବିଭୀଷିକାର ସ୍ମୃତି ଦିବସ

ଖୋର୍ଦ୍ଧା,୧୪।୮ (ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜନତା ପାର୍ଟି(ଭାଜପା) ଖୋର୍ଦ୍ଧା ଜିଲା ପକ୍ଷରୁ ବିଭାଜନ ବିଭୀଷିକାର ସ୍ମୃତି ଦିବସ କାର୍ଯ୍ୟକ୍ରମ ସ୍ଥାନୀୟ ଜୟୀରାଜଗୁରୁ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦେଶ ମାତୃକାର ସେବା ପାଇଁ ବଳିଦାନ ଦେଇଥିବା ଭାରତ ମାତାର ବୀର ସନ୍ତାନମାନଙ୍କ ସେହି ସଂଘର୍ଷ ଓ ବଳିଦାନକୁ ସ୍ମୃତିଚାରଣ କରାଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭାଜନ ବିଭୀଷିକା ସ୍ମୃତି ଦିବସ ଆମ ପାଇଁ କେବଳ ଏକ ସାମାନ୍ୟ ଦିବସ ନୁହେଁ, ବରଂ ଏହା ଆମ ଇତିହାସର ସେହି କଳା ଅଧ୍ୟାୟକୁ ମନେପକାଇବାର ଅବସର ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ରାଜ୍ୟ ସରକାର କେବଳ ସ୍ମୃତିଚାରଣରେ ସୀମିତ ନୁହେଁ, କାର୍ଯ୍ୟରେ ମଧ୍ୟ ଇତିହାସର ଅନ୍ୟାୟକୁ ସୁଧାରୁଛି ବୋଲି ମନ୍ତ୍ରୀ କହିଛନ୍ତି। ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱରଂଜନ ବଡ଼ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବରିଷ୍ଠ ନେତା ନିକୁଞ୍ଜ ବିହାରୀ ପଟ୍ଟନାୟକଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥି, ଭାଜପା କର୍ମୀ, ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ପିଏନ୍ କଲେଜ ଫୁଟ୍ ଓଭରବ୍ରିଜ୍ ଭିତ୍ତିପ୍ରସ୍ତର ସ୍ଥାପନ

## ୧.୫ କୋଟି ଟଙ୍କା ବ୍ୟୟ ଅଟକଳ, ଦଶହରା ପରେ ଉଦ୍‌ଘାଟନ

ଖୋର୍ଦ୍ଧା,୧୪।୮ (ପ୍ରଭାତ ପାଣିଗ୍ରାହୀ)

ବହୁ ପ୍ରତୀକ୍ଷିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ୧୬ନଂ ଜାତୀୟ ରାଜପଥରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ, ଭୁବନେଶ୍ୱର ଆନୁକୂଲ୍ୟରେ ୧.୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯିବ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟଅତିଥି, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ସମାବେଶରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଏମ୍‌ପି ଷଡ଼ଙ୍ଗୀ କହିଲେ, କଲେଜ ସମ୍ମୁଖରେ ପାଦଚଲା ଓଭରବ୍ରିଜ ନିର୍ମାଣ ପାଇଁ ଏବିଭିପି, ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ଏହାର ଗୁରୁତ୍ୱକୁ ଅନୁଭବ କରି ଏସମ୍ପର୍କରେ ଜାତୀୟ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପିଲାଙ୍କ ଦାବି ଉପସ୍ଥାପନବେଳେ ସେ ଏହାକୁ ତୁରନ୍ତ ଅନୁମୋଦନ ଦେଇଥିଲେ। ମହାବିଦ୍ୟାଳୟର ଭିତ୍ତିଭୂମି, ଶୈକ୍ଷିକ ବାତାବରଣ ଏବଂ ଅନ୍ୟ ଉନ୍ନୟନମୂଳକ ଯୋଜନା ପାଇଁ କର୍ତ୍ତୃପକ୍ଷ ଅଥବା ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏଭଳି ସକାରାତ୍ମକ ଦାବି ଆସିଲେ, ଏହାକୁ ତ୍ୱରିତ ସମାଧାନ ପାଇଁ ପ୍ରଚେଷ୍ଟା କରାଯିବ। ଦଶହରା ଛୁଟି ପରେ ଓଭରବ୍ରିଜ୍‌ର ଉଦ୍‌ଘାଟନ କରାଯିବ। ଏଥିରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସହ ଦିବ୍ୟାଙ୍ଗମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଷଡ଼ଙ୍ଗୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର, ଉପଦେଷ୍ଟା ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ରାଜପଥ ପ୍ରାଧିକରଣ ପ୍ରୋଜେକ୍ଟ ଡାଇରେକ୍ଟର, ଛାତ୍ରନେତା ଗୋପବନ୍ଧୁ ଜେନା, ମାନସ ରଞ୍ଜନ ସାହୁ, ପ୍ରୀତିପଲ୍ଲବୀ ମହାପାତ୍ର, ସୌମ୍ୟରଞ୍ଜନ ସାହୁ, ଦଧିବାମନ ଦାସ, ମନୋଜ ବାରିକ, ସୂର୍ଯ୍ୟ ପ୍ରକାଶ ସେଠୀ, ଶୁଭମ ବେହେରା, ସୌମ୍ୟ ସୌରଭ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।


ଫୁଟ୍ ଓଭରବ୍ରିଜ୍ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିଲୀପ


@ ବାପୁ


@ ଅଭିରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DSPL-208


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ସିଏମ୍ କିଷାନ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

**ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

**ପଞ୍ଜିକରଣର ଶେଷ ତାରିଖ**
୦୭-୦୯ -୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

**ଗରମ ଡାଲି ପଡ଼ି ବୋଝିଆ ଗୁରୁତର**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଗୁରୁବାର ଗରମ ଡାଲି ମହାପ୍ରସାଦ ପଡ଼ି ଜଣେ ବୋଝିଆ ଆହତ ହୋଇଛନ୍ତି। ସେ ହେଲେ ଖଡ଼ିପଦା ଗୋଲାସାହିର ପ୍ରଶାନ୍ତ ଜେନା। ପ୍ରଥମ ଭୋଗମଣ୍ଡପ ପରେ ପ୍ରଶାନ୍ତ ଅବଢ଼ା ନେଇ ଆସୁଥିବାବେଳେ ଡାଲିହାଣ୍ଡି ଫାଟିଯାଇଥିଲା। ଫଳରେ ଗରମ ଡାଲି ତାଙ୍କ ଦେହରେ ଢାଳି ହୋଇଯାଇଥିଲା। ତୁରନ୍ତ ତାଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଣି ପ୍ରାଥମିକ ଚିକିତ୍ସା କରାଯିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୮।୨୦୨୫

| | |
|---|---|
| ୫,୦୭,୨୪୯ ଟଙ୍କା | |
| ସୁନା | ୦୧.୭୫୦ ଗ୍ରାମ୍ |
| ରୁପା | ୨୦ ଗ୍ରାମ୍ |

# ନିମାପଡ଼ାରେ ତ୍ରିରଙ୍ଗା ଯାତ୍ରା

### ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାମିଲ ହେଲେ

ନିମାପଡ଼ା,୧୪।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାରେ ଗୁରୁବାର 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ କ୍ରମେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଯାଇଛି। ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିମାପଡ଼ାର ପ୍ରବେଶ ପଥ ହରିପୁରଠାରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ଭାୟା ନିମାପଡ଼ା ଦେଇ ଗୋପଠାରେ ସମାପନ ହୋଇଥିଲା।



ତ୍ରିରଙ୍ଗା ଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ।

ଏଥିରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସାମିଲ ହୋଇ ହର୍ ଘର୍ ତ୍ରିରଙ୍ଗା ଅଭିଯାନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି, ନିର୍ଣ୍ଣାୟକ ନେତୃତ୍ୱ, ଭାରତୀୟ ସେନାର ବୀରତ୍ୱ ଏବଂ ଦେଶବାସୀଙ୍କ ଏକତାର ସଂକଳ୍ପ ଯୋଗୁ ଅପରେଶନ ସିନ୍ଦୂର ସଫଳ ହୋଇପାରିଛି। ସେହିପରି ମୋଦିଙ୍କ ଦୃଢ଼ ନେତୃତ୍ୱରେ ଏକ ବିକଶିତ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଦେଶବାସୀ ଆଜି ଗର୍ବିତ ବୋଲି ପରିଡ଼ା କହିଥିଲେ। ତହସିଲଦାର ମନୋଜ ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏମ୍ପି ପ୍ରତିନିଧି ମୀନଲତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ବିଧାୟିକାଙ୍କ ପ୍ରତିନିଧି ଯତିନ୍ଦ୍ରନାଥ ସ୍ୱାଇଁ, କଲେଜ ଅଧ୍ୟକ୍ଷା ଅମିତା ମହାନାୟକ, ଭାଜପା ନେତା ଶ୍ୟାମସୁନ୍ଦର ନାୟକ, ସନ୍ତୋଷ ପରିଡା, ନିରଞ୍ଜନ ନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ସ୍କାଉଟ୍ସ ଓ ଗାଇଡ୍ସଙ୍କ ସମେତ ଜନସାଧାରଣ ସାମିଲ ଥିଲେ।

## ହୋଟେଲରୁ ୨ ପର୍ଯ୍ୟଟକଙ୍କ ମୃତଦେହ ଜବତ

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି)

ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡସ୍ଥିତ ଏକ ହୋଟେଲରୁ ଗୁରୁବାର ପୋଲିସ ଦୁଇଟି ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ତନ୍ମଧ୍ୟରୁ ଜଣେ ମହିଳା ଏବଂ ଅନ୍ୟଜଣେ ପୁରୁଷ ହୋଇଥିବା ବେଳେ ଉଭୟ ପଶ୍ଚିମବଙ୍ଗର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତକ ହେଲେ କୁମରେଶ ଘୋଷ ଓ ମିତାଲି ଘୋଷ। ଉଭୟ ପ୍ରେମୀଯୁଗଳ ଏବଂ କୌଣସି କାରଣକୁ ନେଇ ଦୁଇଦିନ ପୂର୍ବରୁ ହୋଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଉଭୟ ପରସ୍ପରକୁ ଭଲ ପାଉଥିବାବେଳେ ପରିବାର ଲୋକେ ସେମାନଙ୍କର ଅନ୍ୟତ୍ର ବିବାହ କରାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ଗତ ୯ ତାରିଖରୁ କୁମରେଶ ଏବଂ ମିତାଲି ଆସି ଉକ୍ତ ହୋଟେଲରେ ରହିଥିଲେ। ଗୁରୁବାର ଦୁର୍ଗନ୍ଧ ହେବାରୁ ମ୍ୟାନେଜର ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ହୋଟେଲର ସମ୍ପୃକ୍ତ ରୁମ୍ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶୁକ୍ରବାର ବ୍ୟବଚ୍ଛେଦ ହେବ। ପୋଲିସ ହୋଟେଲର ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ, ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ମୋହନ ଭାଗବତ

ପୁରୀ, ୧୪।୮(ଅଜିତ୍ କୁମାର ମହାନ୍ତି):

ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ଗୁରୁବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି।



ଭଗବତ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସେବାୟତମାନେ ତାଙ୍କୁ ସ୍ୱାଗତ କରିଥିଲେ। ଭାଗବତ ଚତୁର୍ଦ୍ଧାବିଗ୍ରହ ଏବଂ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ତେବେ ମହାପ୍ରଭୁଙ୍କୁ ଦର୍ଶନ କରିବା ପୂର୍ବରୁ ଭାଗବତ ଗୋର୍ବଦ୍ଧନ ପୀଠକୁ ଯାଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଗୁରୁଜୀଙ୍କ ଆଶୀର୍ବାଦ ନେବା ସହ କିଛି ସମୟ ମଠରେ ଅତିବାହିତ କରିବା ପରେ ସେ ଫେରିଥିଲେ।

## 'ଶହୀଦଙ୍କ ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ'



କାର୍ଯ୍ୟକ୍ରମରେ ବିଧାୟକ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

ଅସ୍ତରଙ୍ଗ,୧୪।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗରେ ଶହୀଦ ପ୍ରତାପ ମହାନ୍ତି ଓ ମହେଶ୍ୱର ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଶହୀଦ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ବିଜୁ ଜନତା ଦଳର ସଭାପତି ପଞ୍ଚାନନ ସ୍ୱାଇଁ ଯୋଗଦେଇ ଶହୀଦ ଦ୍ୱୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଉଭୟଙ୍କ ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ ବୋଲି କହିଥିଲେ। ସେହିପରି ଏକ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବରିଷ୍ଠ ନେତା ଗଦାଧର ବିଶ୍ୱାଳ, କୁଞ୍ଜବିହାରୀ ପ୍ରଧାନ, ସାଇ ରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ଚମ୍ପକ ବାରିକ, ରୁଦ୍ରପ୍ରସାଦ ଲେଙ୍କା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ବୀରତ୍ୱ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ସୂଚନାଯୋଗ୍ୟ, ୧୯୮୪ ଅଗଷ୍ଟ ୧୪ରେ ଅସ୍ତରଙ୍ଗ ବ୍ଲକ ପୋଡ଼ିରେ ପୋଲିସ ଗୁଳିରେ ନୂଆଗଡ଼ ଗ୍ରାମର ପ୍ରତାପ ମହାନ୍ତି ଓ ଛୁରିଅନା ଗ୍ରାମର ମହେଶ୍ୱର ବିଶ୍ୱାଳ ଶହୀଦ ହୋଇଥିଲେ। ସେମାନଙ୍କ ବଳିଦାନ ଓ ସାହସିକତାକୁ ମନେପକାଇବା ପାଇଁ ପ୍ରତିବର୍ଷ ଉଭୟଙ୍କ ଶ୍ରାଦ୍ଧ ଦିବସକୁ ଶହୀଦ ଦିବସ ଭାବେ ପାଳନ କରାଯାଉଛି।

## କଂଗ୍ରେସର ମଶାଲ ରାଲି

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି)

ପୁରୀ କଂଗ୍ରେସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମଶାଲ ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ କର୍ମୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ଭାରତୀୟ ନିର୍ବାଚନ ଆୟୋଗଙ୍କ ବିରୋଧରେ ଭୋଟ ଜାଲିଆତି ଅଭିଯୋଗ ଆଣି ବିଭିନ୍ନ ସ୍ଲୋଗାନ ଦେଇ ମଶାଲ ଶୋଭାଯାତ୍ରା କରିଥିଲେ। ପୁରୀ ସହର କଂଗ୍ରେସ ସଭାପତି ଅମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଅବଧୂତ ସ୍ୱାଇଁ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ଗୁଣଧର ପ୍ରଧାନ, ବିଶ୍ୱନାଥ ଦାଶ, ମନୋଜ କୁମାର କୁମାର ରଥ, ସୁକାନ୍ତ ମହାନ୍ତି, ଲଲାଟେନ୍ଦୁ ଦାଶ, ସ୍ୱାଧୀନ କୁମାର ପଣ୍ଡା, ସୁକାନ୍ତ କୁମାର ପ୍ରଧାନ, ରଜତ କୁମାର ସାହୁ, ଅବିନାଶ ମିଶ୍ର, ଚେତନ ମିଶ୍ର, ସୀତାକାନ୍ତ ମହାନ୍ତି, ଉମାକାନ୍ତ ବେହେରା ପ୍ରମୁଖ ଶତାଧିକ କର୍ମୀ ସାମିଲ ଥିଲେ।

## ସତ୍ୟବାଦୀରେ ତ୍ରିରଙ୍ଗା ଶୋଭାଯାତ୍ରା



ସାକ୍ଷୀଗୋପାଳ,୧୪।୮(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀରେ ଗୁରୁବାର ଭାଜପା ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା' ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁଣ୍ୟାତ୍ମା ପଞ୍ଚସଖାଙ୍କ ସମାଧି ପୀଠଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ପୁରୀ ଏମ୍ପି ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ, ତ୍ରିଲୋଚନ ରଥ, ହରପ୍ରସାଦ ରଥ, ସତୀଶ ମିଶ୍ର, ସୁରେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ ଓ ପ୍ରଜ୍ଞାସ ପାତ୍ର ପ୍ରମୁଖ ସାମିଲ ଥିଲେ। ଏକ ବାଇକ ଶୋଭାଯାତ୍ରାରେ ଭାଜପା କର୍ମୀମାନେ ସାକ୍ଷୀଗୋପାଳ ବଜାର, ଜୟପୁର, ସାରଙ୍ଗଯୋଡ଼ି ବଜାର ପରିକ୍ରମା କରି ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋରେ ପହଞ୍ଚିଥିଲେ। ଭାଜପା ପକ୍ଷରୁ ଜନ୍ମପୀଠରେ ଉତ୍କଳମଣିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

DSPL-208

# ସିଏମ୍ କିଷାନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

**ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

**ପଞ୍ଜିକରଣର ଶେଷ ତାରିଖ**
୦୭-୦୯ -୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ୧୫୦୦ ଫୁଟ୍‌ର ତ୍ରିରଙ୍ଗା ଧରି ଶୋଭାଯାତ୍ରା

## ନିରାକାରପୁର କଲେଜରେ ହର୍ ଘର୍ ତିରଙ୍ଗା ଅଭିଯାନକୁ ସ୍ୱାଗତ

**ନିରାକାରପୁର,୧୪।୮**
**(ମାନସ ଚନ୍ଦ୍ର ପଟ୍ଟନାୟକ)**

ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ନଗର ପରିକ୍ରମା କରାଯାଇଛି। ମହାବିଦ୍ୟାଳୟର ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହିତ କର୍ମଚାରୀ କଲେଜ ପରିସରରୁ ବାହାରି କଲେଜ ଛକ ପଦ୍ମପୁର, ଅର୍ଯ୍ୟବିହାର, ନିରାକାରପୁର ଥାନା ଦେଇ ସ୍ଥାନୀୟ ଗେଟ୍‌ବଜାର ପରିକ୍ରମା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ୧୫୦୦ ଫୁଟର ତ୍ରିରଙ୍ଗା ଧରି ଶୋଭାଯାତ୍ରା ଯାଉଥିବା ବେଳେ ଅଞ୍ଚଳର ବ୍ୟବସାୟୀ ଓ ସାଧାରଣ ଲୋକେ ସ୍ୱାଗତ ଜଣାଇବା ସହିତ ଛାତ୍ରୀଛାତ୍ର ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଜାତୀୟ ପତାକା ଗ୍ରହଣ କରିଥିଲେ। ଦେଶ ପ୍ରେମର ନାରା ଆଜି ଜନଜୀବନ ଉପରେ ଦେଶ ପ୍ରଭାବ ରଖିଛି ବୋଲି ଅଧ୍ୟକ୍ଷା ବ୍ରତତୀ ମିଶ୍ର କହିଥିବା ବେଳେ ସ୍ଥାନୀୟ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପରେ କଲେଜରେ ହର୍ ଘର୍ ତିରଙ୍ଗା ପାଇଁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କୃତ ବିତରଣ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ବ୍ରତତୀ ମିଶ୍ରଙ୍କ ସମେତ ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, କୈବଲ୍ୟ ପତି, ଗିରିଜା ଶଙ୍କର ମହାପାତ୍ର, ଅଭିଷେକ ପଣ୍ଡା, ଅମୂଲ୍ୟ ପାତ୍ର, ସନ୍ଦୀପ ମହାପାତ୍ର, ପୁଣ୍ୟ ଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ଅମୂଲ୍ୟ ପ୍ରଧାନ ବୋର୍ଡ ଉପସଭାପତି

ଭୁବନେଶ୍ୱର,୧୪।୮(ସୁଚିସ୍ମିତା ସାହୁ): ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ବିବାଦରେ ଛନ୍ଦି ହୋଇଯାଇଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ରେ ବଦଳି ସହ ନୂଆ ନିଯୁକ୍ତି ଦିଆଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଓଇଏସ୍ ଅଫିସର ତଥା ସମ୍ବଲପୁରର ଆଞ୍ଚଳିକ ଉପଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ନୂଆ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କୁ ବଦଳି କରାଯାଇ ଏସ୍‌ଆଇଏଲ୍‌ଟିଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ

### ବଦଳିଲେ ନିୟନ୍ତ୍ରକ, ଚକ୍ରଧର ବେହେରା ଉପନିୟନ୍ତ୍ରକ ନିଯୁକ୍ତ

ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍‌ଆଇଏଲ୍‌ଟିଟିର ସହନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ଭାରପ୍ରାପ୍ତ ନିୟନ୍ତ୍ରକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗିରଫ ହୋଇଥିବା ବୋର୍ଡର ତତ୍କାଳୀନ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିଲେ।

# ପଟ୍ଟା ବଣ୍ଟନ ସଭାରେ ସ୍ଥାନୀୟ ବିଧାୟକଙ୍କୁ ଅଣଦେଖା



ନନ୍ଦିଘୋଷ ଭବନଠାରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

**ବୋଲଗଡ଼,୧୪।୮(ଦେବବ୍ରତ ହୋତା)**

- ଉତ୍ତେଜନା, ପ୍ରତିବାଦ ପରେ ଚେତିଲା ପ୍ରଶାସନ
- ବଦଳିଲା ସଭା ମଞ୍ଚ ବ୍ୟାନର

ବୋଲଗଡ଼ ତହସିଲ ପକ୍ଷରୁ ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ଗୁରୁବାର ସିକିମ ପଟ୍ଟା ଓ ବସୁନ୍ଧରା ଯୋଜନା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭା ମଞ୍ଚରେ ଲଗାଯାଇଥିବା ବ୍ୟାନରକୁ ନେଇ ସଭା ଆରମ୍ଭ ପୂର୍ବରୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବ୍ୟାନରରେ କେବଳ ଭୁବନେଶ୍ୱର ଏମ୍‌ପି ଓ ଖୋର୍ଦ୍ଧା ବିଧାୟକଙ୍କ ଫଟୋ ଥିବାବେଳେ ସ୍ଥାନୀୟ ବିଧାୟକଙ୍କ ଫଟୋ ନ ଥିବାରୁ ଉପସ୍ଥିତ ଅନେକ ବ୍ୟକ୍ତି ଏ ନେଇ ପ୍ରଶାସନକୁ ପ୍ରଶ୍ନ କରିଥିଲେ। ପରେ ଲୋକଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି କିଛି ସମୟ ମଧ୍ୟରେ ସମସ୍ତଙ୍କ ଫଟୋ ଥାଇ ଅନ୍ୟ ଏକ ବ୍ୟାନର ଲାଗିଥିଲା। ଏହାକୁ ନେଇ କିଛି ସମୟ ସଭାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ୱାଭାବିକ ହେବା ପରେ ତହସିଲଦାର ବିଜୟ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସ୍ୱତନ୍ତ୍ର ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ନିର୍ମଳା ପ୍ରଧାନ ଓ ଐତିହାସିକ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ୫୦ଟି ପଟ୍ଟା ବାଣ୍ଟିଥିଲେ। ଏଥିରେ ୩୬ଟି ସିକିମ ପଟ୍ଟା, ୧୩ଟି ବିଦ୍ୟାଳୟ ପଟ୍ଟା ଓ ଜଣଙ୍କୁ ବସୁନ୍ଧରା ପଟ୍ଟା ବଣ୍ଟନ କରାଯାଇଛି। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ରଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା, ରାଜସ୍ୱ ନିରୀକ୍ଷକ ଦେବଦତ୍ତ ବିଶ୍ୱାଳ, ବୈଷୟିକ ସହାୟିକା ରଶ୍ମିତା ମହାନ୍ତି, ମାନସ ବଳିୟାରସିଂହ ଓ ସୁରେଶ ମହାପାତ୍ର ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

# ୨୨୭ ଲିଟର ମଦ ଜବତ, ୩ ଗିରଫ

ବାଲୁଗାଁ,୧୪।୮(ସଂଗ୍ରାମ ପାଇକରାୟ): ବାଲୁଗାଁ ଅବକାରୀ ଅଧିକାରୀଙ୍କ ନେତୃତ୍ୱରେ ଗୁରୁବାର ପୃଥକ ଭାବେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୨୨୭ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ବେଆଇନ କାରବାରରେ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗଞ୍ଜାମ ଜିଲା ଖଜୁରୀ ସାହି ଗ୍ରାମର ବିଶ୍ୱନାଥ ଶବର, ଅଭି ଶବର ଉଭୟ ହରିପୁର ଓ ଦଣ୍ଡିଗଡ଼ିଆ ଛକରେ ମଦ ବିକ୍ରି କରୁଥିବା ବେଳେ ସେମାନଙ୍କଠାରୁ ୨୦୭ ଲିଟର ଏବଂ ନାଚୁଣୀ ନିକଟ ସଲାପଡ଼ିହ ଅଞ୍ଚଳରୁ ବାସୁଦେବ ଭୋଳଙ୍କଠାରୁ ୨୦ ଲିଟର ମଦ ଜବତ ହୋଇଛି। ବିଭାଗୀୟ କେସ ନଂ ୧୧୧,୧୧୨ଏବଂ ୧୧୩/୨୫ରେ ୩ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଚଢ଼ାଉରେ ଏଏସଆଇ ମୀନକେତନ ମହାଳିକ, ରଞ୍ଜିତ ପଟେଲ, ସୁନିତା ମହାରଣା ଏବଂ କାଳୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।




# ଦେଶ ବିଭାଜନର ସ୍ମୃତି ଦିବସ ପାଳିତ

ଜଟଣୀ,୧୪।୮(ରବୀନ୍ଦ୍ରନାଥ ମହାକୁଡ଼): ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ଦେଶ ବିଭାଜନର ସ୍ମୃତି ଦିବସ ପାଳନ କରାଯାଇଛି। ୧୯୪୭ରେ ଭାରତ ବିଭାଜନ ସମୟରେ ଅଗଣିତ ଜୀବନ ହରାଇଥିବା ଏବଂ ସହ୍ୟ କରିଥିବା ଅପାର ଯନ୍ତ୍ରଣାକୁ ମନେ ପକାଇବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ୧୪ ଅଗଷ୍ଟ ୨୦୨୫ରେ ବିଭାଜନ ଭୟଙ୍କର ସ୍ମୃତି ଦିବସ ପାଳନ କରିଛି। ବିଭାଜନର ଭାୟାବହତାର ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ଏକ ସାମୂହିକ ପ୍ରୟାସରେ ଭାରତୀୟ ରେଲୱେ ଭାରତ ସରକାରଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧାରୋଡ ରେଳମଣ୍ଡଳରେ ଏକ ସ୍ମାରକୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ବିଭାଜନର ଦୁଃଖଦ ମାନବ ମୂଲ୍ୟ ଏବଂ ସେହି ଅଶାନ୍ତ ସମୟରେ ଭାରତୀୟ ରେଲୱେ ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସଚେତନତା ପ୍ରସାର କରିବା ମୁଖ୍ୟ ଉଦେଶ୍ୟ ବୋଲି ରେଳ ମଣ୍ଡଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଖୋର୍ଦ୍ଧାରୋଡ ରେଳ ମଣ୍ଡଳର ପ୍ରମୁଖ ଷ୍ଟେଶନଗୁଡ଼ିକ ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ପଳାସା ଓ ପୁରୀ ଷ୍ଟେଶନରେ ପ୍ରବାସ ସମୟରେ ଯାତ୍ରା ଏବଂ ସଂଘର୍ଷକୁ ଚିତ୍ରଣ କରୁଥିବା 'ବିଭାଜନରେ ରେଲୱେର ଭୂମିକା' ଉପରେ ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ବିଭାଜନର ଭାବପ୍ରବଣ ଏବଂ ଶାରୀରିକ ପ୍ରଭାବକୁ ଉଜାଗର କରି ଷ୍ଟେଶନ ଟିଭି ସ୍କ୍ରିନରେ ଐତିହାସିକ ଫୁଟେଜ ଏବଂ ସୂଚନାପ୍ରଦ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହା ବ୍ୟତୀତ ବିଭାଜନ ଇତିହାସ ସହିତ ଜଡ଼ିତ ଷ୍ଟେଶନଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।












# ପାଦରେ ଚାଲି ପାଟ୍ରୋଲିଂ କରିବେ ବନ ଅଧିକାରୀ

**ଭୁବନେଶ୍ୱର, ୧୪।୮ (ବନ୍ଦନା ସେଠୀ)**

ବନ ସମ୍ପଦର ସୁରକ୍ଷା ଏବଂ ବେଆଇନ କାର୍ଯ୍ୟକଳାପ ରୋକିବା ପାଇଁ ରାଜ୍ୟ ସରକାର ନୂଆ ନିୟମ ଆଣିଛନ୍ତି। ଏଣିକି କ୍ଷେତ୍ରସ୍ତରୀୟ ବନ କର୍ମଚାରୀଙ୍କୁ ନିୟମିତ ପାଦରେ ଚାଲି ପାଟ୍ରୋଲିଂ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥଙ୍କ ଦ୍ୱାରା ଜାରି ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, କର୍ମଚାରୀଙ୍କ ଶାରୀରିକ ଉପସ୍ଥିତି କେବଳ ଅପରାଧୀମାନଙ୍କୁ ପ୍ରତିରୋଧ କରିବ ନାହିଁ ବରଂ ସ୍ଥାନୀୟ ସମ୍ପ୍ରଦାୟ ସହିତ ସମ୍ପର୍କ ସ୍ଥାପନ କରିବା, ଗୋଇନ୍ଦା ସୂଚନା ସଂଗ୍ରହ ଏବଂ ଜଙ୍ଗଲ ଉପରେ କଡ଼ା ନଜର ରଖିବାରେ ସହାୟକ ହେବ। ଏହି ଆଦେଶରେ ବିଭିନ୍ନ ବର୍ଗର କର୍ମଚାରୀ ଏବଂ ସ୍କ୍ୱାଡ୍ ପାଇଁ ସର୍ବନିମ୍ନ ମାସିକ ପାଦ ପାଟ୍ରୋଲିଂ ଲକ୍ଷ୍ୟ ସ୍ଥିର କରାଯାଇଛି। ସୁରକ୍ଷା ସ୍କ୍ୱାଡ୍ ପାଇଁ ମାସିକ ପାଦ ପାଟ୍ରୋଲିଂ ଲକ୍ଷ୍ୟ ୧୦୦କି.ମି. ଥିବାବେଳେ ବନରକ୍ଷୀ ଏବଂ ବନପାଳଙ୍କ ପାଇଁ ଏହା ୭୫ କି.ମି., ବନ ରେଞ୍ଜ ଅଧିକାରୀଙ୍କ ପାଇଁ ୫୦ କି.ମି., ସହକାରୀ ବନସଂରକ୍ଷକ (ଏସିଏଫ୍)ଙ୍କ ପାଇଁ ୨୫ କି.ମି., ବିଭାଗୀୟ ବନ ଅଧିକାରୀ (ଡିଏଫ୍ଓ) ପାଇଁ ୧୫ କି.ମି. ଏବଂ ଆରସିସିଏଫ୍ ପାଇଁ ୧୦ କି.ମି. ରହିଛି। ସେହିପରି ସମସ୍ତ ପାଦ ପାଟ୍ରୋଲିଂକୁ ଓଡ଼ିଶା ଫରେଷ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ(ଓଏଫ୍ଏମ୍ଏସ୍)ରେ ରେକର୍ଡ କରାଯିବ ଏବଂ ତତ୍ତ୍ୱାବଧାନକାରୀ ଅଧିକାରୀଙ୍କ ଦ୍ୱାରା ଅନୁମୋଦନ କରାଯିବ। ପାଟ୍ରୋଲିଂ ରୁଟ୍ ବେଆଇନ କାର୍ଯ୍ୟକଳାପ ଆଶଙ୍କା ଥିବା ସମ୍ବେଦନଶୀଳ କମ୍ପାର୍ଟମେଣ୍ଟ ଏବଂ ବନ ଉପକଣ୍ଠ ଅଞ୍ଚଳରେ ଅନ୍ତର୍ଭୁକ୍ତ ହେବ। ମାସିକ ପାଟ୍ରୋଲିଂ ପ୍ରଦର୍ଶନକୁ ରେଞ୍ଜ, ଡିଭିଜନ ଏବଂ ସର୍କଲସ୍ତରରେ ସମୀକ୍ଷା କରାଯିବ। କୌଣସି ସ୍କ୍ୱାଡ୍ ଅଧିକାରୀ ପ୍ରକ୍ସି ପାଟ୍ରୋଲିଂ କରୁଥିଲେ, ତାହାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

# ପ୍ରଫେସର ପ୍ରସନ୍ନ କୁମାର ପାତ୍ର ହେଲେ ୟୁୟୁଟିଏ ଅଧ୍ୟକ୍ଷ

**ଭୁବନେଶ୍ୱର, ୧୪।୮ (ସୁଚିସ୍ମିତା ସାହୁ)**

ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ୟୁୟୁଟିଏ) ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଭାବେ ଆନ୍ଥ୍ରୋପଲୋଜି ବିଭାଗର ପ୍ରଫେସର ପ୍ରସନ୍ନ କୁମାର ପାତ୍ର ନିର୍ବାଚିତ ହୋଇଥିବାବେଳେ ଉପାଧ୍ୟକ୍ଷ ଭାବେ ପ୍ରଫେସର ପ୍ରିୟରଞ୍ଜନ ଦାଶ, ସମ୍ପାଦକ ଭାବେ ଡ. ଶିବ ଶଙ୍କର ମହାନ୍ତି, ଯୁଗ୍ମସମ୍ପାଦକ ଭାବେ ଡ. ତନୟା ମହାନ୍ତି, କୋଷାଧ୍ୟକ୍ଷ ଭାବେ ପ୍ରଫେସର ସତ୍ୟନାରାୟଣ ପାଲ୍ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଡ. କିର୍ତ୍ତୀ ରଞ୍ଜନ ମଲ୍ଲିକ, ଡ. ପପେଶ କୁମାର ଲେଙ୍କା, ଡ. ରାକେଶ ବେହେରା ଓ ସୁଜିତ୍ କୁମାର ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି। ସେହିପରି ଫାକଲ୍ଟି କ୍ଲବ୍ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ ଆଶିଷ ଚନ୍ଦ୍ର ପତି ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ୩ଜଣ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ସମସ୍ତ ସଦସ୍ୟ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ମିତାଲି ଚିନାରା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ପ୍ରାୟ ୯୧ ପ୍ରତିଶତ ଅଧ୍ୟାପକ ମତଦାନ କରିଛନ୍ତି।



ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ବିଧାନସଭା କୋଠା ଓ ପରିସରକୁ ତ୍ରିରଙ୍ଗା ଆଲୋକରେ ସଜାଯାଇଛି।

# ଜାପାନ ଗସ୍ତରେ ଓଡ଼ିଶାର ୬ ଛାତ୍ରୀଛାତ୍ର

**ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମରେ ଯୋଗଦେବେ**

**ଭୁବନେଶ୍ୱର, ୧୪।୮ (ସୁଚିସ୍ମିତା ସାହୁ)**



ଜାପାନ ଗସ୍ତ ପୂର୍ବରୁ ପରିବାର ସଦସ୍ୟ ଓ ଅନ୍ୟମାନଙ୍କ ସହ ଛାତ୍ରୀଛାତ୍ର।

ଜାପାନର ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ (ଏସ୍ଏସ୍ଏଚ୍ପି)ରେ ଯୋଗଦେବାକୁ ଓଡ଼ିଶାର ୬ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଅନ୍ଧାରୁଆ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସାଇ ସୋହମ ପ୍ରଧାନ, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରେୟାଶ୍ରୀ ପାଣିଗ୍ରାହୀ, ନବରଙ୍ଗପୁର କରଚାମାଲ ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମୀକ୍ଷା ରାଣୀ ମାଳୀ, ଗଞ୍ଜାମ ଜିଲା ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚନ୍ଦ୍ରଶେଖର ବେହେରା, କଟକ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସିପ୍ରା ଶତପଥୀ ଏବଂ କେନ୍ଦ୍ରାପଡ଼ା ତରାଣ୍ଡୋ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପୁଣ୍ୟ ପୁଲୋକିତା ପତି। ଆସନ୍ତା ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବାକୁ ଥିବାବେଳେ ସେମାନଙ୍କ ଜଣେ ଗାଇଡ୍ ଶିକ୍ଷୟିତ୍ରୀ ନୀହାରିକା ସାହୁ ଜାପାନ ଅଭିମୁଖେ ଗସ୍ତ କରିଛନ୍ତି।

ଏସ୍ଏସ୍ଏଚ୍ପି ହେଉଛି ଜାପାନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏଜେନ୍ସି (ଜେଏସ୍ଟି)ର ନିଆରା ଏକ ପ୍ରୟାସ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ପରିଦର୍ଶନ, ଶୈକ୍ଷିକ ଆଦାନପ୍ରଦାନ ଏବଂ ସାଂସ୍କୃତିକ ପାରସ୍ପରିକ ଆଲୋଚନା କରିପାରିବେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରାଯିବ। ଏହି କାର୍ଯ୍ୟକ୍ରମ ବିଶ୍ୱର ଛାତ୍ରୀଛାତ୍ରଙ୍କୁ ପ୍ରମୁଖ ଜାପାନୀ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଶିଳ୍ପ ପରିଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ।

# ସ୍ୱାଧୀନତା ଦିବସ ଉପଲକ୍ଷେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ୧୪।୮ (ଅନୁରାଧା ମହାରଣା)**

ସ୍ୱାଧୀନତା ଦିବସରେ ଯାତ୍ରୀଙ୍କ ଚାହିଦା ପୂରଣ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ୦୮୦୩୭/୦୮୦୩୮ ଶାଲିମାର-ମାଲତୀପାଟପୁର-ଶାଲିମାର ସ୍ୱତନ୍ତ୍ର ଟ୍ରେନ୍ ସାନ୍ତରାଗାଛି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ଼, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ଼ରେ ରହଣି କରିବ। ଶାଲିମାର (କୋଲକାତା ଅଞ୍ଚଳ) ଏବଂ ମାଲତୀପାଟପୁର (ପୁରୀ ନିକଟ) ମଧ୍ୟରେ ଥିବା ରୁଟ୍‌ରେ ସୁବିଧାଜନକ ରହଣି ପ୍ରଦାନ କରାଯାଇଛି। ଯାତ୍ରୀଙ୍କୁ ସେମାନଙ୍କ ନିକଟତମ ରେଳ ଷ୍ଟେଶନରେ କିମ୍ବା ସରକାରୀ ରେଳ ୱେବ୍‌ସାଇଟରେ ସିଟ୍ ଉପଲବ୍ଧତା ଓ ସମୟ ଯାଞ୍ଚ କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।





# ୭ ସ୍ୱତନ୍ତ୍ର ଦିବସରେ ମିଳୁନି ମଧ୍ୟାହ୍ନଭୋଜନ

**ତଥ୍ୟ ମାଗିଲା ଗଣଶିକ୍ଷା ବିଭାଗ**

**ଭୁବନେଶ୍ୱର, ୧୪।୮ (ସୁଚିସ୍ମିତା ସାହୁ)**

ବିଦ୍ୟାଳୟଗୁଡିକରେ ପିଲାଙ୍କୁ ୨୪୦ ଦିନର ମଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା ରହିଛି। ମାତ୍ର ପିଲାଙ୍କୁ ନେତାଜୀ ଜୟନ୍ତୀ, ଗଣତନ୍ତ୍ର ଦିବସ, ଉତ୍କଳ ଦିବସ, ସ୍ୱାଧୀନତା ଦିବସ, ଶିକ୍ଷକ ଦିବସ, ଗାନ୍ଧୀ ଜୟନ୍ତୀ ଓ ଶିଶୁ ଦିବସରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦିଆଯାଉନାହିଁ। ମାତ୍ର ପ୍ରଧାନ ଶିକ୍ଷକମାନେ ଉକ୍ତଦିନ ମଧ୍ୟାହ୍ନଭୋଜନ ଦିଆଯାଉଥିବା ନେଇ ଖର୍ଚ୍ଚ ରିପୋର୍ଟ ଦାଖଲ କରିବା ସହିତ ଏସ୍ଏମ୍ଏସ୍‌ରେ ଭୁଲ୍ ରିପୋର୍ଟ ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ତେଣୁ ସମସ୍ତ ଜିଲା ଶିକ୍ଷା ଅଧିକାରୀମାନେ ତଦନ୍ତ କରି ଏ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବାକୁ ଗଣଶିକ୍ଷା ବିଭାଗର ରାଜ୍ୟ ନୋଡାଲ ଅଧିକାରୀ (ପିଏମ୍ ପୋଷଣ) ଭବାନୀ ପ୍ରସାଦ ମିଶ୍ର ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀମାନେ ଏଦିଗରେ ଧ୍ୟାନ ଦେଉ ନ ଥିବାରୁ ଏଭଳି ଭୁଲ ତଥ୍ୟ ପ୍ରଦାନ କରାଯାଉଛି। ଏହା ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ପ୍ରାବଧାନକୁ ଉଲ୍ଲଂଘନ କରୁଛି। ଶିଶୁମାନେ ତାଙ୍କର ଆଇନସମ୍ମତ ଖାଦ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏସବୁ ସ୍ୱତନ୍ତ୍ର ଦିବସରେ ମଧ୍ୟାହ୍ନଭୋଜନରେ ପିଲାଙ୍କ ଉପସ୍ଥିତି, ବ୍ୟବହାର ଏବଂ ହିସାବର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ନୃତ୍ୟ ଉପାସନା ପୀଠର ବାର୍ଷିକ ଉତ୍ସବରେ ଶିଳ୍ପୀ ଅନନ୍ୟା ଜୁଗାଡ଼େ ନୃତ୍ୟ ପରିବେଷଣ କରୁଛନ୍ତି।

# ଭାଉଜଙ୍କୁ ବଳାତ୍କାର, ଦିଅର ଗିରଫ

**ଭୁବନେଶ୍ୱର, ୧୪।୮ (ସତ୍ୟଜିତ୍ ରାଉତ)**

ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ଦିଅରଙ୍କୁ ଗିରଫ କରିଛି। ସେ ହେଲେ ବେଣୁଚରଣ ସାହୁ (୩୫)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ବେଣୁଚରଣ ଭାଉଜଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରତିରୋଧ କରିବାରୁ ବେଣୁଚରଣ ତାଙ୍କ ସହ ୨ ପିଲାଙ୍କୁ ହତ୍ୟା କରିବା ଓ ଅଶ୍ଳୀଳ ଭିଡିଓ ଭାଇରାଲ ଧମକ ଦେଇଥିଲେ।
















**ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଟାଙ୍ଗୀ ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥ ନିର୍ଗୁଣ୍ଡି ରେଳ ଷ୍ଟେସନ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ପାଖରେ ଥିବା ବ୍ୟାଗରୁ ପୁରୁଣା ପ୍ୟାଣ୍ଟ/ସାର୍ଟ ବ୍ୟତୀତ କୌଣସି ପରିଚୟପତ୍ର ମିଳି ନ ଥିଲା। ସୂଚନା ମୁତାବକ, ସନ୍ଧ୍ୟାରେ ଜଣେ ଯୁବକ ନିର୍ଗୁଣ୍ଡି ରେଳ ଷ୍ଟେସନ ସମ୍ମୁଖରେ ରାସ୍ତା ପାର ହେଉଥିବା ବେଳେ ପଛପଟୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥଲା। ସ୍ଥାନୀୟ ଲୋକେ ଟାଙ୍ଗୀ ପୋଲିସ ଓ ଜାତୀୟ ରାଜପଥ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରା ସୂଚନା ଦେଇଛନ୍ତି।

# କଟକରେ ରହିବ ଏନ୍‌ସିସି ନାଭାଲ ମୁଖ୍ୟ ଅଫିସ

**କଟକ,୧୪।୮(କାର୍ତ୍ତିକ ସାହୁ)**

ଏନ୍‌ସିସି ନାଭାଲ ମୁଖ୍ୟ ଅଫିସ ପାରାଦ୍ୱୀପ ଉଠିଯିବ ନାହିଁ। ପୂର୍ବପରି କଟକରେ ଏହା କାର୍ଯ୍ୟ କରିବ ବୋଲି ସ୍ପଷ୍ଟ କରିଛନ୍ତି କଟକ ମେୟର ସୁବାସ ସିଂହ।

ସୂଚନାନୁସାରେ, ମେୟର ସୁବାସ ସିଂହ ଗୁରୁବାର ସକାଳେ ତୁଳସୀପୁର ହରିଣ ପାର୍କ ନିକଟ ଏନ୍‌ସିସି ନାଭାଲ ବୋଟ ଜେଟି ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ମେୟର ସିଂହ ଏନ୍‌ସିସି ମୁଖ୍ୟ ଅଫିସ କଟକରୁ ପାରାଦ୍ୱୀପକୁ ଉଠିଯିବା ଖବର ସଂକ୍ରାନ୍ତରେ ଏନସିସି କମାଡିଂ ଅଫିସରଙ୍କ ସହ ଆଲୋଚନା କରିଥିଲେ। ଏନ୍‌ସିସି ନାଭାଲ ବୋଟ ଜେଟିର ସୁବିଧା ଓ ଅସୁବିଧା ବିଷୟରେ କମାଡିଂ ଅଫିସରଙ୍କ ସହ ମେୟର ଆଲୋଚନା କରିଥିଲେ। ମେୟର ସିଂହ ସିଏମ୍‌ସିର ସମସ୍ତ ଅଧିକାରୀଙ୍କୁ ସେହି ସ୍ଥାନ ଦେଖାଇଥିଲେ। ନାଭାଲ ବୋଟ୍ ଜେଠିରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବା ବିଷୟରେ ଆଲୋଚନା କରିଥିଲେ। ପ୍ରାୟ ୧୪୦୦ ଜଣ ଏନ୍‌ସିସି କ୍ୟାଡେଟଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ମେୟର ସିଂହ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ଏନ୍‌ସିସି ନାଭାଲ ବୋଟ ଜେଟିର ପୁନରୁଦ୍ଧାର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମେୟରଙ୍କ ନିର୍ଦ୍ଦେଶ କ୍ରମେ ଏନ୍‌ସିସି ନାଭାଲ ବୋଟ ଜେଟିରେ ଯୁଦ୍ଧକାଳିନ ଭିତ୍ତିରେ ଏକ ମହିଳା ଶୌଚାଳୟ, ଡ୍ରେସ ଚେଞ୍ଜିଂ ରୁମ, ଡିୟୁଟି ରୁମ, ଆଲୋକିକରଣ ଆଦିର ନିର୍ମାଣ କରାଯିବ। ଏହି ଅବସରରେ ମେୟର ସିଂଙ୍କ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, କର୍ପୋରେଟର ବସନ୍ତ ବେହେରା, ଇଂ ସୁବାସ ସାହୁ, କନିଷ୍ଠ ଯନ୍ତ୍ରୀ ଦିଲୀପ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁଜାତା ଗୋଛାୟାତ, କମାଣ୍ଡିଂ ଅଫିସର ସୁଶାନ୍ତ କୁମାର ମହାନ୍ତି, ଏନସିସି ଅଫିସର ବ୍ରହ୍ମାନନ୍ଦ ତ୍ରିପାଠୀ, ଏନସିସି ଅଫିସର ପ୍ରଦ୍ୟୁମ୍ନ ଦାସ, ଏନ୍‌ସିସି ଅଫିସର ଦୀପକ କୁମାର ମାଇତି, ଏନ୍‌ସିସି ଅଫିସର ମାନସୀ ଜେନା ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୂଲ୍ୟ ପ୍ରଧାନ ବୋର୍ଡ଼ ଉପସଭାପତି

**ଭୁବନେଶ୍ୱର,୧୪।୮(ସୁଚିସ୍ମିତା ସାହୁ)**

**ବଦଳିଲେ ନିୟନ୍ତ୍ରକ, ଚକ୍ରଧର ବେହେରା ଉପନିୟନ୍ତ୍ରକ ନିଯୁକ୍ତ**

ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ବିବାଦରେ ଛନ୍ଦି ହୋଇଯାଇଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ରେ ବଦଳି ସହ ନୂଆ ନିଯୁକ୍ତି ଦିଆଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଓଇଏସ୍ ଅଫିସର ତଥା ସମ୍ବଲପୁରର ଆଞ୍ଚଳିକ ଉପଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ନୂଆ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କୁ ବଦଳି କରାଯାଇ ଏସ୍ଆଇଏଲ୍‌ଟିଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍ଆଇଏଲ୍‌ଟିଟିର ସହନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ଭାରପ୍ରାପ୍ତ ନିୟନ୍ତ୍ରକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗିରଫ ହୋଇଥିବା ବୋର୍ଡର ତତ୍କାଳୀନ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିଲେ।

# ୪୨ ମୌଜା ତ୍ରିରଙ୍ଗା ରାଲିରେ ମୁଖ୍ୟମନ୍ତ୍ରୀ

**କଟକ ସଦର,୧୪।୮(ସୁଶାନ୍ତ କୁମାର ଜେନା)**

କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୨ ମୌଜା ଜୋନରେ ଗୁରୁବାର ତ୍ରିରଙ୍ଗା ରାଲି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ହେବାର ଥିଲା। କିନ୍ତୁ ହଠାତ୍ ପୂର୍ବାହ୍ନ ୧୧ଟା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗାଡ଼ି ୪୨ ମୌଜା ରଣେଷଣ୍ଡ ମନ୍ଦିର ପାଖରେ ଆସି ପଞ୍ଚିଥିଲା। ତାଙ୍କୁ ସୁରକ୍ଷା ଦେବା ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, କଟକ ସଦର ବିଡିଓ ପ୍ରତୀକ ସାହୁ, ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ରାଲି ଆଗରେ ଭାଜପା କର୍ମୀଙ୍କ ସମ୍ମୁଖରେ ଦୌଡୁଥିବା ଲକ୍ଷ୍ୟ କରାଯାଇଥିଲା। ପ୍ରଥମେ ରାଲି ଝିଙ୍କିରିଆଠାରୁ ବାହାରିଥିବା ବେଳେ ସମ୍ମୁଖ ଭାଗରେ ମୁଖ୍ୟମନ୍ତ୍ରୀ ମାଝୀ ଓ ବିଧାୟକ ସେଠୀ ଏକ ଖୋଲା ଜିପରେ କଳପଡ଼ା ପର୍ଯ୍ୟନ୍ତ ଯାଇଥିଲେ।



୪୨ ମୌଜାରେ ଅନୁଷ୍ଠିତ ତ୍ରିରଙ୍ଗା ରାଲିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାସ୍ତାରେ ଝିପିଝିପି ବର୍ଷା ସାଙ୍ଗକୁ ଖରାରେ ବଡ଼ବାବୁମାନେ ଧାଁ ଧପଡ଼ କରୁଥିଲେ। ବରାଳ ଗ୍ରାମର ନୀଳକଣ୍ଠ ନାଥ ମନ୍ଦିର ପର୍ଯ୍ୟନ୍ତ ଯିବାର ଥିଲେ ସୁଦ୍ଧା ଅଧବାଟରୁ ମୁଖ୍ୟମନ୍ତ୍ରୀ ଫେରିଯିବାରୁ ସେଠାରେ ଅପେକ୍ଷା କରିଥିବା ଲୋକମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଏହି ରାଲିରେ ମଣ୍ଡଳ ସଭାପତି ସୁଧାଂଶୁ ଶେଖର ଦାସ, ସାଧାରଣ ସମ୍ପାଦକ ସତ୍ୟଦିପ ସାହୁ, ସମୀର ପଣ୍ଡା, ପ୍ରିୟ ରଞ୍ଜନ ଖଟୁଆ, ନିରଞ୍ଜନ ରାଉଳ, ଅମିତାଭ ବିଶାଳ, ପ୍ରବେଶ ରାଉତ, ଦେବୀ ପ୍ରସାଦ ପତି, ଇଞ୍ଜିନିୟର ଅଶୋକ ବିଶ୍ୱାଳ, ସୁରେଶ ଜେନା ପ୍ରମୁଖ ଯୋଗଦେଇଥିଲେ।

# ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

**ଖୁଣ୍ଟୁଣୀ,୧୪।୮(ସଚ୍ଚିଦାନନ୍ଦ ପଣ୍ଡା):** ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ଜଣେ ଯୁବକଙ୍କୁ ଗୁରୁଡ଼ିଝାଟିଆ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଛଗାଁ ଗ୍ରାମର ସନ୍ତୋଷ ସାହୁ (୩୩)। ସୂଚନାଯୋଗ୍ୟ, ଗୁରୁଡ଼ିଝାଟିଆ ଥାନା ଅଞ୍ଚଳର ଜଣେ ଜନଜାତି ମହିଳା ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ତାଙ୍କର ଶିଶୁ କନ୍ୟା ରହିଛି। ମହିଳା ଓ ସ୍ୱାମୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ବାପଘରକୁ ଆସି ରହୁଥିଲେ। ଟେଣ୍ଟ ମାଲିକଙ୍କ ଗାଡି ଚାଳକ ଭାବେ କାମ କରୁଥିବା ସନ୍ତୋଷ ମଝିରେ ମଝିରେ ଆସି ସମ୍ପୃକ୍ତା ମହିଳାଙ୍କ ସହିତ ସମ୍ପର୍କ ରଖିଥିଲେ। ସନ୍ତୋଷ ଗତ ୩ ମାସ ତଳେ ଆଣି ଚୌଦ୍ୱାର ଓଟିଏମ କଲୋନୀରେ ଏକ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ସମ୍ପୃକ୍ତା ମହିଳା ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫୪/୨୫) ରୁଜୁ କରି ସନ୍ତୋଷଙ୍କୁ କୋର୍ଟ ଚାଲାଣ କରିଛି।




# ଶୈଳବାଳାରେ ଆୟୁର୍ବେଦ ପ୍ରଦର୍ଶନୀ

**କଟକ,୧୪।୮(କାର୍ତ୍ତିକ ସାହୁ)**

ଆୟୁର୍ବେଦର ସାର୍ବଜନୀନ ମହତ୍ତ୍ୱ, ଔଷଧୀୟ ଉଦ୍ଭିଦର ଆବଶ୍ୟକତା ଏବଂ ସୁସ୍ଥ ଜୀବନଚର୍ଯ୍ୟାର ବାର୍ତ୍ତା ପ୍ରେରଣ ନିମନ୍ତେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଂରକ୍ଷଣରେ ଆୟୁର୍ବେଦର ଯୋଗଦାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ, ସଂସ୍କୃତ ବିଭାଗର ମୁଖ୍ୟ ଡ. ମେନକାରାଣୀ ସାହୁ, ଓଡ଼ିଆ ବିଭାଗର ମୁଖ୍ୟ ଡ. ସଞ୍ଜିତା ମିଶ୍ର, ସଂସ୍କୃତ ବିଭାଗର ଅଧ୍ୟାପିକା ଜୁହିରାଣୀ ଠାକୁର, ସ୍ମୃତିପ୍ରଜ୍ଞା ପତି, ଡ. ଜ୍ୟୋର୍ତିମୟୀ ପରିଡ଼ାଙ୍କ ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକମାନେ ଯୋଗଦେଇଥିଲେ। ପ୍ରଦର୍ଶିତ ହୋଇଥିବା ୧୦ରୁ ଅଧିକ ପ୍ରକଳ୍ପ ମଧ୍ୟରେ ବାତ, ପିତ୍ତ ଓ କଫର ଉପଶମ, ଷଡ୍‌-ରସ ସେବନର ପରିଣାମ, ଔଷଧୀୟ ବୃକ୍ଷର ଉପକାର, ସୌନ୍ଦର୍ଯ୍ୟ ବର୍ଦ୍ଧନୋପଚାର, ଋତୁଚର୍ଯ୍ୟାନୁସାରେ ଫଳାହାର, ସାତ୍ତ୍ୱିକ ରାଜସିକ ଏବଂ ତାମସିକ ଆହାରର ସ୍ୱାସ୍ଥ୍ୟ ଉପରେ ପ୍ରଭାବ, ପଞ୍ଚଲବଣର ଉପକାର, ତ୍ରିଫଳା ଗ୍ରହଣର ବିଧି ଇତ୍ୟାଦି ମୁଖ୍ୟ ଆକର୍ଷଣ ଥିଲା।

# ସ୍ଥଳ, ବାୟୁ, ନୌସେନା ଯବାନଙ୍କୁ ମନୋଜଙ୍କ ଭେଟି



**କଟକ,୧୪।୮(ଶିଲ୍ପା ପ୍ରିୟଦର୍ଶିନୀ)**

**ତିଆରି କରିଛନ୍ତି ରାଫଲ, ଟ୍ୟାଙ୍କ ଓ ଆଇଏନ୍‌ଏସ୍ ବିକ୍ରାନ୍ତ**

ଶୁକ୍ରବାର ଦେଶ ପାଳିବ ୭୯ତମ ସ୍ୱାଧୀନତା ଦିବସ। ଏହି ଅବସରରେ କଟକ ସିଡିଏ ଅଞ୍ଚଳର ଚିତ୍ରକାର ମନୋଜ କୁମାର ସାହୁ ତିଆରି କରିଛନ୍ତି ଯୁଦ୍ଧ ବିମାନ। ଦେଶବାସୀଙ୍କୁ ସୁରକ୍ଷା ଦେଉଥିବା ବାୟୁ, ସ୍ଥଳ ଓ ନୌସେନାରେ ଯବାନଙ୍କୁ ମନୋଜ ଶୁଭେଚ୍ଛା ଜଣାଇବା ସହ ବାୟୁସେନାର ରାଫଲ, ସ୍ଥଳସେନାର ଟ୍ୟାଙ୍କ ଅର୍ଜ୍ଜୁନ ଓ ନୌସେନାର ଆଇଏନ୍‌ଏସ୍ ବିକ୍ରାନ୍ତର କଳାକୃତିକୁ ବର୍ଜ୍ୟବସ୍ତୁରେ ତିଆରି କରିଛନ୍ତି। ଏଥିପାଇଁ ମେନାଜଙ୍କୁ ୨ରୁ ୩ଦିନ ସମୟ ଲାଗିଥିବାବେଳେ ପ୍ରାୟ ୨ଶହ ଟଙ୍କା ଖର୍ଚ୍ଚ ହୋଇଛି। ଏହି ବର୍ଜ୍ୟବସ୍ତୁର କଳାକୃତିରେ ଦିଆସିଲ କାଠ, ପ୍ଲାଷ୍ଟର ପ୍ୟାରିସ, ୟୁଜ୍‌ଆଣ୍ଡ ଥ୍ରୋ କଲମ ଆଦି ବ୍ୟବହାର କରିଛନ୍ତି। ଏ ନେଇ ମନୋଜ କହିଛନ୍ତି, ଯବାନମାନେ ଦେଶର ସୁରକ୍ଷା ପାଇଁ ରାତିଦିନ ଏକ କରି ଦେଉଛନ୍ତି। ତାଙ୍କୁ ଆଜିର ଏହି ଦିନକୁ ଉତ୍ସର୍ଗୀକୃତ କରିବା ଉଦ୍ଦେଶ୍ୟରେ ଏହାକୁ ବନାଇଛି। ଯବାନମାନେ ସୁରକ୍ଷିତ ରହିଲେ ହିଁ ଆମେ ସୁରକ୍ଷିତ ରହି ପାରିବା ବୋଲି ସେ କହିଛନ୍ତି।












**୬୭ ଗ୍ରାମ୍ ହେରୋଇନ ଜବତ, ଅଭିଯୁକ୍ତ ଗିରଫ**

କୋଣାର୍କ (ଜ୍ୟୋତିରାଜ ମହାନ୍ତି): କୋଣାର୍କ ଡାକବଙ୍ଗଳା ଛକଠାରେ ଗୁରୁବାର ବଳରାମ ନାଏକ (୩୪)ଙ୍କଠାରୁ ୬୭ ଗ୍ରାମ୍ ହେରୋଇନ୍ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ନିରୀକ୍ଷକ ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଅଧିକାରୀ ମନୋଜ କୁମାର ପୁସେଟଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା। ଏ ନେଇ କୋଣାର୍କ ଅବକାରୀ ଥାନାରେ ଏକ କେସ୍ (ନଂ ୬୮/୨୪) ରୁଜୁ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୬ଲକ୍ଷ ୭୦ ହଜାର ଟଙ୍କା ହେବ। ଅବକାରୀ କର୍ମଚାରୀ ସବିତା ସାହୁ, ସେକ ୱାରିସ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ତ୍ରିରଙ୍ଗା ଆମ ଦେଶପ୍ରେମ, ସ୍ୱାଭିମାନର ପ୍ରତୀକ



ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୪।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଗୁରୁବାର ଅପରାହ୍ନରେ ବ୍ଲୁ ଫ୍ଲାଗ୍ ବିଚ୍‌ରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅବସରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ତ୍ରିରଙ୍ଗା ଆମ ଦେଶପ୍ରେମ ଓ ସ୍ୱାଭିମାନର ପ୍ରତୀକ। ଏହାର ଗରିମାକୁ ଆମେ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ସମସ୍ତଙ୍କ ପାଇଁ ସ୍ୱଚ୍ଛତା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ସୁସ୍ଥ ଓ ନିରୋଗ ରହିବାକୁ ସ୍ୱଚ୍ଛତା ପ୍ରେରଣା ଦିଏ। ସେଥିପାଇଁ ଆମେ ସମସ୍ତେ ନିଜ ପରିସରକୁ ସ୍ୱଚ୍ଛ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ 'ହର୍ ଘର୍ ତିରଙ୍ଗା' ଓ 'ହର୍ ଘର୍ ସ୍ୱଚ୍ଛତା' ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଜ୍ଞା ବେହେରା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରକ୍ଷିତ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଭାଗର କର୍ମଚାରୀ, ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରମୁଖ ଯୋଗଦେଇ ତ୍ରିରଙ୍ଗା ଧରି ଦେଶପ୍ରେମର ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ସମୁଦ୍ରକୂଳରେ ଏକ ବୃହତ ମାନବ ଶୃଙ୍ଖଳର ଆୟୋଜନ କରାଯାଇଥିଲା।

## ଚନ୍ଦ୍ରଭାଗାରେ ୨ କାର୍ ଧକ୍କା, ୪ ଆହତ

କୋଣାର୍କ ୧୪।୮ (ଜ୍ୟୋତିରାଜ ମହାନ୍ତି)

ପୁରୀ- କୋଣାର୍କ ଜାତୀୟ ରାଜପଥର ଚନ୍ଦ୍ରଭାଗା ମେରାଇନ ଥାନା ସମ୍ମୁଖରେ କୋଣାର୍କରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର ସହ ବିପରୀତ ଦିଗରୁ ଆସୁଥିବା ଏକ କାର ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ପୁରୀ ଅଭିମୁଖେ ଯାଉଥିବା କାରରେ ଥିବା ଭଦ୍ରକ ଅଞ୍ଚଳର ସୁବାସ ଚନ୍ଦ୍ର ସାହୁ, ଡାକ୍ତର ସୁମନ ସୌରଭ, ଝିଅ ପ୍ରାତିପ୍ରଭବ ସାହୁ ଓ ସ୍ତ୍ରୀ ପ୍ରମିଳା ସାହୁ ଆହତ ହୋଇଛନ୍ତି। ଚନ୍ଦ୍ରଭାଗା ପର୍ଯ୍ୟଟନ ଥାନା ପୋଲିସ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

## ମହାପ୍ରଭୁଙ୍କୁ ଲାଗିହେଲା ଜେଉଟ ଭୋଗ

ପୁରୀ,୧୪।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ମହାପ୍ରଭୁଙ୍କୁ ଜେଉଟ ଭୋଗ ଲାଗିହେବା ସହ ଗର୍ଭଉଦକ ବନ୍ଦାପନା ନୀତି ସମ୍ପନ୍ନ କରାଯାଇଛି। ଶ୍ରୀବିଗ୍ରହମାନଙ୍କୁ ସନ୍ଧ୍ୟା ଆଳତି ବେଶରେ ୬ମୂର୍ତ୍ତି ଅଳଙ୍କାର ଲାଗିକରାଯାଇଥିଲା। ସନ୍ଧ୍ୟା ଆଳତି ନୀତି ପରେ ଚେରାବଡ଼ା ହୋଇ ରୋଷରେ ସନ୍ଧ୍ୟାଧୂପ ନିମନ୍ତେ ଭୋଗ ଆସିଥିଲା। ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଜେଉଟ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ୩ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ପୂଜା ଓ ଭୋଗ ଲାଗି କରିଥିଲେ। ତିନିବାଡ଼ରେ ପାଳିଆ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ମହାପ୍ରଭୁଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ଏହାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତ ଅନୁଯାୟୀ, ଗର୍ଭବତୀ ନାରୀମାନେ ସୁଖ ପ୍ରସବ ଲାଗି ଜେଉଟ ଫଳ ଖାଇଥାନ୍ତି। ଜନ୍ମାଷ୍ଟମୀ ପୂର୍ବଦିନ ଶ୍ରୀଜଗନ୍ନାଥ ଦେବକୀ ରୂପ ଧାରଣ କରି ଜେଉଟ ଭୋଗ ଖାଇଥାନ୍ତି। ତାଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିବାରୁ ତାଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା କରାଯାଏ।

### ଆଜି ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ନୀତି

## ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ପୁରୀ,୧୪।୮ (ଅଜିତ୍ କୁମାର ମହାନ୍ତି)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପ୍ରଧାନଙ୍କୁ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରଧାନ ଚତୁର୍ଦ୍ଧାମୂର୍ତ୍ତି ଓ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ ପ୍ରଣାମ କରିଥିଲେ। ସେ କହିଛନ୍ତି, ମାନବ ଜାତିର କଲ୍ୟାଣ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ଦେବେ ଦର୍ଶନ ସମୟରେ ଜଣେ ଶିକ୍ଷକ ଦେଖାହୋଇ କହିଥିଲେ, ରାଜ୍ୟରେ ପ୍ରାଥମିକ ସ୍ତରରେ ଅନେକ ଇଂଲିଶ ମିଡ଼ିୟମ ସ୍କୁଲ ଖୋଲିଛି। ସମସ୍ତ ସ୍କୁଲରେ ପ୍ରାରମ୍ଭିକ ସ୍ତରରେ ଓଡ଼ିଆ ଭାଷାରେ ଶିକ୍ଷାଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୨୦-ଜାତୀୟ ଶିକ୍ଷା ନୀତିରେ ସ୍ପଷ୍ଟ ଭାବରେ ଲେଖାଯାଇଛି ଯେ, ଅଙ୍ଗନୱାଡ଼ିଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାତୃଭାଷାରେ ଶିକ୍ଷାଦାନ ପାଇଁ ଉଲ୍ଲେଖ ରହିଛି। ସମସ୍ତ ଇଂଲିଶ ମିଡ଼ିୟମ ସ୍କୁଲରେ ଓଡ଼ିଆ ଭାଷାରେ ପାଠ ପଢ଼ାଯିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି ପ୍ରଧାନ କହିଛନ୍ତି।

## ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ଉଦ୍ଘାଟିତ

ସାକ୍ଷୀଗୋପାଳ,୧୪।୮ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଜନ୍ମାଷ୍ଟମୀରେ ଶୁକ୍ରବାର ସାକ୍ଷୀଗୋପାଳ ଠାକୁର ପ୍ରଭୁ ଛଦାଚରଣ ଏବଂ ମା' ରାଧାରାଣୀଙ୍କ ସୁନାବେଶ ଅନୁଷ୍ଠିତ ହେବ। ସକାଳ ୮ଟାରୁ ସୁନାବେଶ ଦର୍ଶନ କରିବାକୁ ଭକ୍ତମାନେ ସୁଯୋଗ ପାଇବେ ବୋଲି ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ଉଦ୍ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ସନ୍ତୋଷ କୁମାର ପାଣିଗ୍ରାହୀ, ସହକାରୀ ପ୍ରଶାସକ ଲାଲାଟେନ୍ଦୁ ମହାନ୍ତି, ସେବାୟତ ସଂଘ ସଭାପତି ଅଶୋକ ଖୁଣ୍ଟିଆ, ଉପସଭାପତି ସଞ୍ଜୟ ନନ୍ଦ, ସମ୍ପାଦକ ପ୍ରତାପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ବସୁନ୍ଧରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିଲେ।

## ୨ ଦୁର୍ଘଟଣାରେ ୩ ଗୁରୁତର, ୪ ଗାଡ଼ି ଜବତ

ଚାରିଛକ, ୧୪।୮ (ଶିଶିର କୁମାର ସ୍ୱାଇଁ): ଚାରିଛକ-କାକଟପୁର ମୁଖ୍ୟରାସ୍ତାର ଦୁଲସାପୁର ଲକ୍ଷ୍ମୀବଜାର ଏବଂ ଅରଖେଶ୍ୱର ଛକ ନିକଟ ଗଡ଼ଅମରପ୍ରସାଦଠାରେ ଗୁରୁବାର ଦୁଇଟି ଦୁର୍ଘଟଣା ଘଟି ୩ଜଣ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ୪ଟାରେ ଲକ୍ଷ୍ମୀ ବଜାରରେ ଚାରିଛକ ପଟୁଯାଉଥିବା ଏକ କାର ସହ ଆଗ ପଟୁଆସୁଥିବା ଏକ ବୁଲେଟ ଧକ୍କା ହୋଇଥିଲା। ବୁଲେଟ ଚାଳକ ବେଗୁନିଆ ଥାନା ଅନ୍ତର୍ଗତ ପିରୁକୁଳି ସାନବାଡ଼ି ଗ୍ରାମର ସଞ୍ଜୟ ମହାନ୍ତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସେହିପରି ଗଡ଼ଅମର ପ୍ରସାଦ ଗ୍ରାମ ନିକଟରେ ରାଉରରାଣୀ ବସ୍ ସହିତ ଏକ ଟାଟା ଏସିଇ ଗାଡ଼ି ଧକ୍କା ହେବାରୁ ବସ୍ ଯାତ୍ରୀ ଅଠାରର ଅଞ୍ଚଳର ବିନୋଦ ବେହେରା (୪୭) ଓ ହେଲପର୍ କାକଟପୁର ଲତାହରଣ ଗ୍ରାମର ମୁନ୍ନା ଖାଁ ଗୁରୁତର ଆହତ ହୋଇ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଛନ୍ତି। ଚାରିଛକ ପୋଲିସ ୪ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ

ନିମାପଡ଼ା,୧୪।୮ (ଚିତ୍ତରଞ୍ଜନ ସାହୁ): ନିମାପଡ଼ା କଲେଜର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶତାଧିକ ଛାତ୍ରୀଛାତ୍ର ଗୁରୁବାର ନିମାପଡ଼ା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ଆଣି ସେମାନେ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ର ଓ ମହିଳାଙ୍କୁ ସୁରକ୍ଷା ଯୋଗାଇଦେବା ଦାବିରେ ଆନ୍ଦୋଳନ କରିଥିଲେ। ଏହି ଅବସରରେ ସେମାନେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଉଦ୍ଦେଶ୍ୟରେ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଛାତ୍ର ଓ ଯୁବ ନେତା ସାଇସତ୍ୟ ପ୍ରଧାନ, ଓମ୍‌କାର ମହାପାତ୍ର, ଜଗନ୍ନାଥ ପରିଡ଼ା, ଶୁଭମ ପରିଡ଼ା, ବିନାୟକ ପ୍ରଧାନ, ସୁଜିତ ବେହେରା, ମଧୁସ୍ମିତା ସ୍ୱାଇଁ, ସୌଦାମିନୀ ଦାସ, ଲିସାରାଣୀ ଭୋଇ ଏବଂ ବିଶ୍ୱବିଜୟିନୀ ବିଶାଳ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା।






## ଏମ୍‌ପିଙ୍କ ଦ୍ୱାରା ନୂତନ ସେତୁ ଉଦ୍ଘାଟିତ

ସାକ୍ଷୀଗୋପାଳ,୧୪।୮ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଗବକୁଣ୍ଡ କଟ ନିକଟ ନୂଆନଈ ଉପରେ ନବନିର୍ମିତ ସେତୁ ଗୁରୁବାର ଉଦ୍ଘାଟିତ ହୋଇଛି। ପୁରୀ ଏମ୍‌ପି ସମ୍ବିତ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉକ୍ତ ସେତୁକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ଜିଲାପରିଷଦ ସଭ୍ୟ ରଶ୍ମିକାନ୍ତ ମିଶ୍ର, ସଭ୍ୟା ବିଜୁଳିଆ ବରାଳ, ରାଏଖଣ୍ଡି ସରପଞ୍ଚ ସତ୍ୟନାରାୟଣ ନାୟକ, ମହୁରା ସରପଞ୍ଚ ସରିତା ପ୍ରିୟଦର୍ଶିନୀ ପରିଜା, ପରଜାପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ସାରଙ୍ଗଯୋଡ଼ି ସରପଞ୍ଚ ଜ୍ୟୋତିର୍ମୟୀ ରଥ, ସମିତିସଭ୍ୟ ଦୀପକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ବଳଙ୍ଗା,୧୪।୮ (କେଦାରେଶ୍ୱର ନନ୍ଦ): ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଯାଇଛି। ଛାତ୍ରୀଛାତ୍ର ଏବଂ ଅଧ୍ୟାପିକ ଅଧ୍ୟାପକମାନେ ଦେଶପ୍ରେମ ସ୍ଲୋଗାନ ଦେଇ ତ୍ରିରଙ୍ଗା ପତାକା ଧରି ପଦଯାତ୍ରା କରିଥିଲେ। ଶାଖା ପରିଚାଳକ ଅଧ୍ୟାପକ ବ୍ରଜବନ୍ଧୁ ପ୍ରଧାନ, ଜାତୀୟ ସେବା ଯୋଜନା ଶାଖା କାର୍ଯ୍ୟକ୍ରମ ଅଧିକାରୀ ମାନସ ରଞ୍ଜନ ମହାନ୍ତି, କଳେନ୍ଦ୍ର ରଥ, ୟୁଥ ରେଡ଼କ୍ରସ କାଉନସିଲର ନୀଳକଣ୍ଠ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।













# ମୋ ଦୃଷ୍ଟିରେ ସ୍ୱାଧୀନତା

ଆଜି ଦେଶରେ ପାଳିତ ହେଉଛି ୭୯ତମ ସ୍ୱାଧୀନତା ଦିବସ। ଏହି ଅବସରରେ ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ବିଭିନ୍ନ ବର୍ଗର ଯୁବପିଢ଼ି ଯାହା କୁହନ୍ତି... ରିପୋର୍ଟ: ସୌମ୍ୟରଞ୍ଜନ ରାଉତ

## ମୋ ପାଇଁ ଦେଶ ସ୍ୱାଧୀନତାର ଅର୍ଥ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା



ମୋ ପାଇଁ ସ୍ୱାଧୀନତାର ଅର୍ଥ ନିଜ ଚିନ୍ତାଧାରା ଆଉ ଆଦବକାଇଦାକୁ ନେଇ ଜୀବନ ବଞ୍ଚିବା। ଅର୍ଥାତ୍ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା। ଆମେ ନିର୍ଭୀକ ଭାବେ ସେତେବେଳେ ଚିନ୍ତା କରିପାରିବା ଯେବେ ଆମେ ସ୍ୱାବଲମ୍ବୀ ହେଇପାରିବା। ଏଥିଲାଗି ଆବଶ୍ୟକ ହେଉଛି ଆମ ଯୁବପିଢ଼ି କୌଣସି ଭୟର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଭାବରେ ନିଜର ବୁଦ୍ଧି ଓ ବିବେକ ଆଧାରରେ ମତ ପ୍ରକାଶ କରିବାକୁ ସଶକ୍ତ ହେବା ଏବଂ ଦେଶପ୍ରେମର ଫଲ୍‌ଗୁରେ ମତୁଆଲା ହେବା। ସ୍ୱାଧୀନତାର ଅର୍ଥ କେବଳ ଦେଶରେ ବାହ୍ୟଶକ୍ତିର ଅନୁପସ୍ଥିତି ତାହା ନୁହେଁ, ବରଂ ଏହା ଏପରି ଏକ ଆଭ୍ୟନ୍ତରୀଣ ଶକ୍ତିର ଉପସ୍ଥିତି ଯାହା ଆମକୁ ଆମ ପୂର୍ବଜମାନଙ୍କର ତ୍ୟାଗର ସମ୍ମାନ ରକ୍ଷା କରିବାର ପ୍ରେରଣା ଦିଏ। ଆଗାମୀ ଦିନରେ ସେଇ ଭାବଧାରାକୁ ଆଗେଇନେଇ ଏକତା ଏବଂ ସାର୍ବଭୌମତାକୁ ବଜାୟ ରଖିବାକୁ ଆହ୍ୱାନ କରେ।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଟେକ୍ ଛାତ୍ରୀ, ଏନ୍‌ଆଇଟି, ରାଉରକେଲା

## 'ସ୍ୱାଧୀନ ଭାରତ'ର ଆଲୋଚନା ପ୍ରାସଙ୍ଗିକ ଲାଗେ



ସ୍ୱାଧୀନ ଭାରତ! ଇଂରେଜ ଅଧୀନ ପରାଧୀନତାର ଶୃଙ୍ଖଳରୁ ମୁକ୍ତହେବାର ଦୀର୍ଘ ୭୮ ବର୍ଷ ପରେ ମଧ ଏହି 'ସ୍ୱାଧୀନ ଭାରତ'ର ଆଲୋଚନା ତଥାପି ପ୍ରାସଙ୍ଗିକ ଲାଗେ। ଆମ ଗଣମାଧମକୁ ମୁକ୍ତ ସ୍ୱାଧୀନତା ଲୋଡ଼ା ସରକାରୀ କଳ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ। ଆମ ସାମାଜିକ କର୍ମୀଙ୍କୁ ସ୍ୱାଧୀନତା ଲୋଡ଼ା ସରକାରୀ ଅପାରଗତାକୁ ସାମ୍ନାକୁ ଆଣିବାକୁ। ଆମ ଧର୍ମାନୁଷ୍ଠାନ ସବୁକୁ ସ୍ୱାଧୀନତା ଲୋଡ଼ା, ଚିରାଚରିତ ଅନ୍ଧବିଶ୍ୱାସରୁ, ଆମ ଗାଆଁର ହରିଜନ ସାହିକୁ ସ୍ୱାଧୀନତା ଲୋଡ଼ା, ଦାରିଦ୍ର୍ୟରୁ ନଗଡ଼ାକୁ ସ୍ୱାଧୀନତା ଲୋଡ଼ା, ଅପପୁଷ୍ଟିରୁ ଆମ ସରକାରୀ ବିଧିବ୍ୟବସ୍ଥା ଓ ଯୋଜନାକୁ ସ୍ୱାଧୀନତା ଲୋଡ଼ା, ବୋହୂମାନଙ୍କୁ ସ୍ୱାଧୀନତା ଲୋଡ଼ା ଯୌତୁକ ନିର୍ଯାତନାରୁ, ବୃଦ୍ଧ ପିତାମାତାଙ୍କୁ ସ୍ୱାଧୀନତା ଲୋଡ଼ା ବୃଦ୍ଧାଶ୍ରମରୁ ଏମିତି ଅନେକ ପ୍ରକାରର ସ୍ୱାଧୀନତା ଲୋଡ଼ା ଆମ ଏ ଦେଶକୁ। ଯୁବକ ଭାବରେ ସ୍ୱାଧୀନତାର ଏଇ ସ୍ୱପ୍ନରେ ବିଭୋରହୋଇ ତା'ର ବାସ୍ତବ ରୂପାୟନ ନିମନ୍ତେ କାର୍ଯ୍ୟକରିବାକୁ ଆମେ ଆଜି ପ୍ରତିଶ୍ରୁତିବଦ୍ଧ ହେବା।

- ଅଂଶୁମାନ ସାହୁ, ଯୁବ ସାହିତ୍ୟିକ, ଭୁବନେଶ୍ୱର

## ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା' ଅସୁରକ୍ଷିତ



ମୋ ଦୃଷ୍ଟିରେ ସ୍ୱାଧୀନତାର ମୂଲ୍ୟ ହେଉଛି, ଖାଲି ବାହାରୁ ବନ୍ଧନମୁକ୍ତ ହେବା ନୁହେଁ। ମନରେ ଥିବା ଭୟ, ଅନ୍ୟାୟ ଓ ଅଜ୍ଞାନରୁ ମୁକ୍ତି ପାଇବା ବି ସ୍ୱାଧୀନତାର ଚିହ୍ନ। ଯେତେବେଳେ ଆମେ ଭୟ ବିନା ସତ୍ୟ କହିପାରିବୁ, ନିଜର ସ୍ୱପ୍ନ ପାଳନ କରିପାରିବୁ ଓ ଅନ୍ୟମାନଙ୍କ ସ୍ୱାଧୀନତାକୁ ସମ୍ମାନ କରିପାରିବୁ। କିନ୍ତୁ ଦୁଃଖର ବିଷୟ ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା'ମାନେ ଅନେକ ସମୟରେ ଅସୁରକ୍ଷିତ। ଯେପର୍ଯ୍ୟନ୍ତ ନାରୀଟିଏ ରାତିରେ ଗାଁ-ସହରରେ, କର୍ମକ୍ଷେତ୍ରରେ ନିର୍ଭୟରେ ଚାଲିପାରିବନି ସେପର୍ଯ୍ୟନ୍ତ ଆମ ସ୍ୱାଧୀନତା ମୂଲ୍ୟହୀନ। ତେଣୁ ସ୍ୱାଧୀନତା କେବଳ ଅଧିକାର ନୁହେଁ, ଏକ ଦାୟିତ୍ୱ ଯାହାକୁ ଆମ ପିଢ଼ି ତଥା ପ୍ରତ୍ୟେକ ପିଢ଼ିକୁ ପୂରଣ କରିବାକୁ ପଡ଼ିବ।

- କୃଷ୍ଣେନ୍ଦୁ ହୋତା, ଯୁବକବି, ବଲାଙ୍ଗୀର

## ନିଜକୁ ଉତ୍ସର୍ଗ କରିପାରିଲେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିହେବ



ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ସବୁଠୁ ଊର୍ଦ୍ଧ୍ୱକୁ ଯାଇ ମଣିଷ ହିସାବରେ ନିଜର ସମସ୍ତ ମୌଳିକ ଅଧିକାରକୁ ଉପଭୋଗକରିବା ସହ ଅନୁରୂପ ଭାବେ ଅନ୍ୟ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ହେଉଛି ବାସ୍ତବ ସ୍ୱାଧୀନତା। 'ସ୍ୱାଧୀନତା ' ଶବ୍ଦ ଯେତେବେଳେ ମନକୁ ଆସେ ଗୋଟେ ବଡ଼ ଦାୟିତ୍ୱବୋଧତା କାନ୍ଧ ଉପରକୁ ଆସିବା ସହ ଦେଶ ପ୍ରତି ସେବା ସମର୍ପଣ ଭାବ ସୃଷ୍ଟି ହୁଏ। କେବଳ ନିଜ ପ୍ରତି ବା ନିଜ ପରିବାର ପ୍ରତି ନୁହେଁ ବରଂ ସମଗ୍ର ଦେଶବାସୀଙ୍କ ପାଇଁ ଆମକୁ ସେବା ଦେବାକୁ ପଡ଼ିବ। କେବଳ ହାତରେ ବନ୍ଧୁକ ଧରି ସୀମାରେ ଜଗିଲେ କି ଶାସନ ଗାଦିରେ ବସିଲେ ଯେ ଦେଶର ସେବା କରିହେବ ତା' ନୁହେଁ, ବରଂ ସମାଜ ପ୍ରତି ନିଜର ପ୍ରକୃତ କର୍ତ୍ତବ୍ୟକୁ ନିଷ୍ଠାର ସହ ବିନା ପକ୍ଷ ପାତିତାରେ ସମ୍ପାଦନ କରିପାରିଲେ ଦେଶ ପ୍ରଗତିର ଶିଖର ଛୁଇଁବ। ବିଜ୍ଞାନ, ଦର୍ଶନ, ସାହିତ୍ୟ ଏବଂ ସ୍ଥାପତ୍ୟକଳା ସହ ଅସୀମ ବିଜ୍ଞତାରେ ପରିପୂର୍ଣ୍ଣ ଆମ ଦେଶକୁ ଆଜିର ଅତ୍ୟାଧୁନିକ ଯୁଗରେ ସଫଳତାର ଶିଖରରେ ପହଞ୍ଚାଇବାକୁ ଆମ ସମସ୍ତଙ୍କୁ ବାନର ସେନା ଭଳି ନ ହେଲେ ମଧ ଗୁଣ୍ଡୁଚିମୂଷା ସଦୃଶ ସେବା ପ୍ରଦାନ କରିବାକୁ ପଡ଼ିବ। ଆମ ଦେଶକୁ ସ୍ୱାଧୀନ କରିବାରେ ଅସଂଖ୍ୟ ଦାୟାଦଙ୍କ ଲୁହ, ଲହୁ, ତ୍ୟାଗ, ପରିଶ୍ରମ ଓ ବଳିଦାନକୁ ଯଥୋଚିତ ସମ୍ମାନ ପ୍ରଦାନ ପୂର୍ବକ ନିଜକୁ ଦେଶ ବା ସମାଜ ପାଇଁ ଉତ୍ସର୍ଗ କରିପାରିଲେ ଯାଇ ଆମେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିପାରିବା।

- ସୌମ୍ୟରଞ୍ଜନ ମହାନ୍ତି, ରାଉରକେଲ ଇସ୍ପାତ କାରଖାନା

## 'ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ' ହେବ



ସ୍ୱାଧୀନତା ପ୍ରାପ୍ତି କରିଥିବା ସତ୍ତ୍ୱେ ଆଜି ମଧ ଅନ୍ତର୍ନିହିତ ଶତ୍ରୁଙ୍କ ଦ୍ୱାରା ଆମେ ପରାଧୀନ ଅଛୁ। କାରଣ ଆଜି ଦେଶରେ ପ୍ରତି ମୁହୂର୍ତ୍ତରେ ବଳାତ୍କାର, ହତ୍ୟା, ବ୍ୟଭିଚାର, ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟରେ ଅନେକେ ଲିପ୍ତ ରହୁଛନ୍ତି। ଏବେ ସମୟ ଆସିଛି ଆମେ ସମସ୍ତେ ଏ ବିଷୟରେ ବିଚାର କରିବାର କାରଣ 'ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ' ହୋଇଥାଏ। ତେଣୁ ସମୟ ଆସିଛି ରାଷ୍ଟ୍ରର ପରିବର୍ତ୍ତନ ପାଇଁ ନିଜକୁ ପରିବର୍ତ୍ତନ କରିବା।

- ଅଚ୍ୟୁତାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ, ଝାରସୁଗୁଡ଼ା

## ସମାନ ସମ୍ମାନ ଓ ସୁଯୋଗ ହିଁ ପ୍ରକୃତ ସ୍ୱାଧୀନତା



୧୯୪୭ ସ୍ୱାଧୀନତା ଆଇନଗତ ସଂସ୍କାର ଆଣିଥିଲା। କିନ୍ତୁ ମହିଳା ସ୍ୱାଧୀନତା ମାନସିକତାର ପରିବର୍ତ୍ତନ ଆବଶ୍ୟକ କରେ। ସମସାମୟିକ ସମାଜରେ ମହିଳା ସ୍ୱାଧୀନତାର ଅର୍ଥ କେବଳ ଆଇନଗତ ଅଧିକାର ନୁହେଁ, ବରଂ ସାମାଜିକ ସ୍ୱୀକୃତି, ଅର୍ଥନୈତିକ ସ୍ୱାବଲମ୍ବନ ଓ ମାନସିକ ସ୍ୱାଧୀନତା। ପ୍ରକୃତ ସ୍ୱାଧୀନତା ସେତେବେଳେ ସମ୍ପୂର୍ଣ୍ଣ ହେବ, ଯେତେବେଳେ ସମାଜର ପ୍ରତ୍ୟେକ ସଦସ୍ୟ ମହିଳା କି ପୁରୁଷ ସମାନ ସମ୍ମାନ ଓ ସୁଯୋଗ ପାଇବେ।

- ସନ୍ଧ୍ୟାରାଣୀ ରଣା, ଛାତ୍ରୀ, କେନ୍ଦୁଝର



























# ତ୍ରିରଙ୍ଗା ଜିନିଷ କିଣିବାକୁ ବଢ଼ୁଛି ଆଗ୍ରହ

ସ୍ୱାଧୀନତା ଦିବସ ଲାଗି ସଜେଇ ହୋଇଛି ରାଜଧାନୀ। ଘରଠାରୁ କାର୍ଯ୍ୟାଳୟ ସବୁ ଆଡ଼େ ତ୍ରିରଙ୍ଗାମୟ ହୋଇଛି। ଲୋକଙ୍କ ଭିତରେ ତ୍ରିରଙ୍ଗା ପ୍ରତି ସେତିକି ଆଗ୍ରହ ଓ ଉଦ୍ଦୀପନା ବଢ଼ିବାରେ ଲାଗିଛି। ଏହି ମହାନ୍ ଦିବସକୁ ପାଳନ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏନେଇ ସ୍କୁଲ, କଲେଜ ଏବଂ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଛୋଟ ପିଲା ହୁଅନ୍ତୁ କି ବଡ଼ ଲୋକ ସମସ୍ତେ ତ୍ରିରଙ୍ଗ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ଏନେଇ ରାସ୍ତାକଡ଼, ମାର୍କେଟ ଏବଂ ଦୋକାନ ଗୁଡ଼ିକରେ ତ୍ରିରଙ୍ଗା ପତାକା ସହ ବିଭିନ୍ନ ପ୍ରକାର ଡିଜାଇନର ପୋଷାକ, ସଜବାଜ ଜିନିଷ ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

ରାଜଧାନୀବାସୀ ଖଦି କପଡ଼ା ଏବଂ ସୂତା କପଡ଼ାର ତ୍ରିରଙ୍ଗା ପତାକାକୁ ଅଧିକ ପସନ୍ଦ କରନ୍ତି। ଏନେଇ ଖଦି ତ୍ରିରଙ୍ଗା ପତାକା ସବୁ ୫୦ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଉଲରେ ତିଆରି ପତାକାଗୁଡ଼ିକ ଶହେରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ରାଜଧାନୀର ଗଳିକନ୍ଦିରେ ମାଲମାଲ ଦୋକାନ ପଡ଼ିଛି। କାଗଜ ତିଆରି ପତାକାଠାରୁ ଆରମ୍ଭ କରି ଜରି, ସୂତା ଏବଂ ପଲିଷ୍ଟର କପଡ଼ାର ପତାକା ବିକ୍ରି କରୁଛନ୍ତି। ପତାକାଗୁଡ଼ିକ ୧୦ ଟଙ୍କାରୁ ଆରମ୍ଭ ହୋଇ ୩ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। କେବଳ ପତାକା ନୁହେଁ, ଉଠାଦୋକାନୀମାନେ ତ୍ରିରଙ୍ଗା ପତାକା ଡିଜାଇନର ଉତ୍ତରୀୟ, ଟୋପି, ଶାର୍ଟ, ବ୍ରେସଲେଟ୍ ଓ ବ୍ୟାଣ୍ଡ ବିକ୍ରି କରୁଛନ୍ତି। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତ୍ରିରଙ୍ଗା ରଙ୍ଗର ଜିନିଷ ପ୍ରତି ଆଗ୍ରହ ବଢ଼ିଥିବାରୁ ସେମାନେ ବହୁ ଜିନିଷ କିଣାକିଣି କରୁଛନ୍ତି। ସେମାନଙ୍କ ପାଇଁ ତ୍ରିରଙ୍ଗା ଡିଜାଇନର ହେୟାର୍ କ୍ଲିପ, ଶାଢ଼ି, ଓଢ଼ଣି, ଚୁଡ଼ି, ମୁଦି, କାନଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ବିକ୍ରି ହେଉଛି। ଉଠାଦୋକାନୀ ସନ୍ତୋଷ ସାହୁଙ୍କ କହିବା ଅନୁସାରେ ତ୍ରିରଙ୍ଗା ଜିନିଷ କିଣିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ିଛି। ସେମାନେ ପସନ୍ଦକୁ ନଜରରେ ରଖି ବଜାରରେ ମଧ୍ୟ ପୋଷାକଠାରୁ ଆରମ୍ଭ କରି ବିଭିନ୍ନ ସଜବାଜ ଜିନିଷ ମିଳୁଛି। ସ୍ୱଳ୍ପ ଦାମ୍‌ରେ ସବୁ ଜିନିଷ ମିଳୁଥିବାରୁ ବେପାର ମଧ୍ୟ ଭଲ ହେଉଛି ବୋଲି ସେ କହିଛନ୍ତି।

ରିପୋର୍ଟ: **ସୁଚିସ୍ମିତା ସାହୁ, ଭୁବନେଶ୍ୱର**






















ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ୧୫ ଅଗଷ୍ଟ, ୨୦୨୫ Bhubaneswar, Friday, 15 August, 2025

## ଦିଲ୍ଲୀରେ ଆଜି



ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନକୁ ଗୁରୁବାର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏହା ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। (ଫଟୋ: ଚମନ୍ ଗୌତମ)

# ଆତ୍ମନିର୍ଭରଶୀଳତା ଦିଗରେ ଭାରତ

ନୂଆଦିଲ୍ଲୀ,୧୪।୮(ପି.ଟି.)

ଭାରତ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଥିବାବେଳେ ୨୦୪୭ ସୁଦ୍ଧା ବିକାଶିତ ରାଷ୍ଟ୍ର ହେବା ନେଇ ବଡ଼ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କହିଛନ୍ତି। ୭୯ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା ସହ ରପ୍ତାନି ବଢ଼ିଥିବାରୁ ଦେଶର ଅର୍ଥନୀତି ଅତ୍ୟନ୍ତ ଭଲ ସ୍ଥିତିରେ ରହିଛି। ଦୀର୍ଘବର୍ଷର ବିଦେଶୀ ଶାସନ ପରେ ଦେଶ ସ୍ୱାଧୀନ ହେବା ବେଳେ ଅତ୍ୟଧିକ ଦାରିଦ୍ର୍ୟ ରହିଥିଲା। ଗତ ୭୮ ବର୍ଷ ମଧ୍ୟରେ ସମସ୍ତ କ୍ଷେତ୍ରରେ ଆମେ ଅସାଧାରଣ ଉନ୍ନତି କରିଛେ। ଗତ ଆର୍ଥିକ ବର୍ଷରେ



ଦ୍ରୌପଦୀ ମୁର୍ମୁ

୬.୫ ପ୍ରତିଶତ ଜିଡିପି ଅଭିବୃଦ୍ଧି ସହ ଭାରତ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକ ମଧ୍ୟରେ ଦ୍ରୁତତମ ଅଭିବୃଦ୍ଧି ହାସଲ କରିପାରିଛି। ସୁଶାସନ ଏବଂ ଅନେକ ଜନକଲ୍ୟାଣକାରୀ ଯୋଜନା ବଳରେ ବହୁସଂଖ୍ୟାରେ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ରାଷ୍ଟ୍ରପତି କହିଛନ୍ତି।

### ୭୯ତମ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ନିର୍ଣ୍ଣାୟକ ଜବାବ ଅପରେଶନ ସିନ୍ଦୂର ଜରିଆରେ ଦିଆଯାଇଥିଲା। ଏଥିପାଇଁ ଦେଶର ଏକତା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧିକୁ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି। ପହଲଗାମରେ ଆତଙ୍କବାଦୀଙ୍କ ନିରୀହ ନାଗରିକଙ୍କୁ ହତ୍ୟା କରିବା ଅତ୍ୟନ୍ତ ଭୀରୁତାପୂର୍ଣ୍ଣ ଏବଂ ଅମାନବୀୟ କାର୍ଯ୍ୟ ଥିଲା, ଯାହାକୁ ରାଷ୍ଟ୍ରପତି କଡ଼ା ନିନ୍ଦା କରିଛନ୍ତି। ସୀମାରେ ଥିବା ସେମାନଙ୍କ ଭିତ୍ତିଭୂମିକୁ ଧ୍ୱଂସ କରି ସଶସ୍ତ୍ର ବଳ ଏହାର ରଣନୈତିକ ସ୍ପଷ୍ଟତା ଓ ବୈଷୟିକ ସାମର୍ଥ୍ୟ ପ୍ରଦର୍ଶନ କରିଥିଲା। ଆତଙ୍କବାଦ ବିରୋଧୀ ବୈଶ୍ୱିକ ଲଢ଼େଇରେ ଅପରେଶନ ସିନ୍ଦୂର ଏକ ଐତିହାସିକ ଘଟଣା। ଆତଙ୍କବାଦ ବିରୋଧରେ ମାନବୀୟତାର ଲଢ଼େଇର ଏକ ଉଦାହରଣ ଭାବେ ଅପରେଶନ ସିନ୍ଦୂର ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଜମ୍ମୁ-କଶ୍ମୀର ଉପତ୍ୟକାକୁ ରେଳ ସଂଯୋଗ ଏକ ବଡ଼ ସଫଳତା କରି ରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି। ରେଳ ଲାଇନ ନିର୍ମାଣ ଯୋଗୁ ଉକ୍ତ ଅଞ୍ଚଳରେ ବାଣିଜ୍ୟ ଓ ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ହେବା ସହ ନୂଆ ଆର୍ଥିକ ସମ୍ଭାବନା ପାଇଁ ବାଟ ଖୋଲିଦେବ ବୋଲି ରାଷ୍ଟ୍ରପତି କହିଛନ୍ତି।

## ସିଇଓଙ୍କୁ 'ମୃତ ଭୋଟର' କହିଲେ ମୁଁ ବଞ୍ଚିଛି

ପାଟନା, ୧୪।୮

ବିହାରରେ ନିର୍ବାଚନ କମିଶନ (ଇସି) ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍) କରିବା ପରେ ଗତ ୧ରେ ରାଜ୍ୟର ଚିଠା ଭୋଟର ତାଲିକା ଜାରି କରିଥିଲେ। ଏଥିରେ ଭୋଜପୁର ଜିଲା ଆରା ନିର୍ବାଚନମଣ୍ଡଳୀରେ ରହୁଥିବା ମିଣ୍ଟୁ ପାଶ୍ୱାନଙ୍କୁ ମୃତ ଦର୍ଶାଯାଇଥିଲା। ଗୁରୁବାର ମିଣ୍ଟୁ ବିଭିନ୍ନ ଦସ୍ତାବିଜ ସହ ପାଟନାସ୍ଥିତ ରାଜ୍ୟ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ କହିଛନ୍ତି, ସେ ମୃତ ନୁହନ୍ତି, ଜୀବିତ। ଏହି ଅବସରରେ ତାଙ୍କ ସହ ସିପିଆଇ(ଏମ୍ଏଲ୍) ଲିବରେଶନର ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଚିଠା ଭୋଟର ତାଲିକାର ଏହି ତ୍ରୁଟିକୁ ସଂଶୋଧନ କରାଯିବ ବୋଲି ସିଇଓ ତାଙ୍କୁ ଆଶ୍ୱାସନା ଦେଇଥିବା ମିଣ୍ଟୁ କହିଛନ୍ତି।



ମିଣ୍ଟୁ ପାଶ୍ୱାନ

## 'ଅପରେଶନ ସିନ୍ଦୂର' ହିରୋଙ୍କୁ ବୀରତା ସମ୍ମାନ

ନୂଆଦିଲ୍ଲୀ,୧୪।୮

ଅପରେଶନ ସିନ୍ଦୂରରେ ପ୍ରମୁଖ ଭୂମିକା ନେଇଥିବା ସଶସ୍ତ୍ର ବଳର ଅଫିସରମାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରିବା ନିମନ୍ତେ କେନ୍ଦ୍ର ସରକାର ଗୁରୁବାର ଘୋଷଣା କରିଛନ୍ତି। ବାୟୁସେନାର ୧୩ ଜଣ ଅଫିସରଙ୍କୁ ଯୁଦ୍ଧ ସେବା ମେଡାଲରେ ସମ୍ମାନିତ କରାଯିବାକୁ ଥିବାବେଳେ ୨୬ ଅଫିସରଙ୍କୁ ବାୟୁ ସେନା ମେଡାଲ ମିଳିବ। ସେହିପରି ୪ ଜଣ ବାୟୁସେନା ଅଫିସର ଓ ୨ ଜଣ ବରିଷ୍ଠ ସେନା ଅଫିସରଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ମେଡାଲରେ ପୁରସ୍କୃତ କରାଯିବ।

ସର୍ବୋତ୍ତମ ଯୁଦ୍ଧସେବା ମେଡାଲ ପାଇବାକୁ ଥିବା ଅଫିସରଙ୍କ ମଧ୍ୟରେ ଅଛନ୍ତି ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ନରନଦେଶ୍ୱର ତିୱାରୀ, ୱେଷ୍ଟର୍ନ ଏୟାର କମାଣ୍ଡ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା, ଡିଜି ଏୟାର ଅପରେଶନ୍ସ ଏୟାର ମାର୍ଶାଲ ଅୱଧେଶ ଭାରତୀ, ପୂର୍ବତନ ୱେଷ୍ଟର୍ନ ନାଭାଲ କମାଣ୍ଡର ଭାଇସ୍ ଆଡମିରାଲ ଏସ୍.ଜେ. ସିଂ ପ୍ରମୁଖ। ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ ତରୁନ ସୋବ୍‌ତିଙ୍କୁ ଉତ୍ତମ ଯୁଦ୍ଧସେବା ମେଡାଲ ମିଳିବ।

## ଦର୍ଶନ, ପବିତ୍ରା ଗିରଫ

ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୧୪।୮

କର୍ନାଟକର ବହୁ ଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟାକାଣ୍ଡ ମାମଲାରେ କନ୍ନଡ଼ ଅଭିନେତା ଦର୍ଶନ ଥୋଗୁଦୀପା ଏବଂ ତାଙ୍କ ବାନ୍ଧବୀ ତଥା ଅଭିନେତ୍ରୀ ପବିତ୍ରା ଗୌଡ଼ାଙ୍କର ଜାମିନ ଆବେଦନକୁ ଗୁରୁବାର ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଏହାପରେ ଉଭୟଙ୍କୁ ଗିରଫ କରାଯାଇଛି। ଗୁରୁବାର ଜେ.ବି. ପରଡିୱାଲା ଓ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଦର୍ଶନ, ପବିତ୍ରାଙ୍କ ସମେତ ମାମଲାର ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରି କହିଛନ୍ତି, ଲୋକପ୍ରିୟତା ନିର୍ବିଶେଷରେ ଆଇନ ଆଗରେ ସମସ୍ତେ ସମାନ। ଅଭିଯୁକ୍ତ ଯେତେ ବଡ଼ ସେଲିବ୍ରିଟି ହୋଇଥିଲେ ମଧ୍ୟ ସେମାନେ ଆଇନଠାରୁ ଊର୍ଦ୍ଧ୍ୱରେ ନୁହନ୍ତି। ଗତ ବର୍ଷ ଜୁନ୍ ୮ରେ କର୍ନାଟକର ଚିତ୍ରଦୁର୍ଗ ନିବାସୀ ରେଣୁକାସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ପବିତ୍ରାଙ୍କ ଇଙ୍ଗିତରେ ରେଣୁକାସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଦର୍ଶନ ସୁପାରି ଦେଇଥିଲେ।



ଦର୍ଶନ ଥୋଗୁଦୀପା ଓ ପବିତ୍ରା ଗୌଡ଼ା

## ସଂକ୍ଷେପରେ...

- ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଆମେରିକାରୁ ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଥିବାବେଳେ ଇସ୍‌ଲାମାବାଦ କୌଣସି ଦୁଃସାହସିକ କାର୍ଯ୍ୟ କଲେ ଏହାର ପରିଣାମ ଭୋଗିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।
- ଦିଲ୍ଲୀ ଏମ୍ସ ପରିସରରେ ଥିବା ମା' ଓ ଶିଶୁ ବ୍ଲକ୍‌ରେ ଗୁରୁବାର ନିଆଁ ଲାଗିଥିବବେଳେ କେହି ମୃତାହତ ହୋଇନାହାନ୍ତି।
- ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ବୈଠକ ବିଫଳ ହେଲେ ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଯାଇପାରେ ବୋଲି ୟୁଏସ୍ ଅର୍ଥ ସଚିବ ସ୍କଟ ବେସେଣ୍ଟ ଚେତାବନୀ ଦେଇଛନ୍ତି।
- ଜମ୍ମୁ-କଶ୍ମୀରକୁ ପୁନର୍ବାର ରାଜ୍ୟ ମାନ୍ୟତା ଫେରାଇବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ରକୁ ଜବାବ ମାଗିଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ୮ ସପ୍ତାହ ପରେ ହେବ। ରାଜ୍ୟ ମାନ୍ୟତା ଫେରାଇବା ନିମନ୍ତେ କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ଲାଗି ଶିକ୍ଷାବିତ୍ ଜହୁର ଅହମଦ ଭଟ୍ଟ ଏବଂ ସାମାଜିକ-ରାଜନୈତିକ କର୍ମୀ ଅହମଦ ମଲିକ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।
- ଉତ୍ତରପ୍ରଦେଶ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିଥିବା ସମାଜବାଦୀ ପାର୍ଟି ବିଧାୟିକା ପୂଜା ପାଲ୍‌ଙ୍କୁ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଦଳରୁ ବହିଷ୍କାର କରିଛନ୍ତି।
- ସିକ୍କିମରେ ବୃଦ୍ଧ ମାତାପିତାଙ୍କ ଯତ୍ନ ନେଉଥିବା ଲୋକଙ୍କୁ ସ୍ୱାଧୀନତା ଦିବସ ପାଳନ ଅବସରରେ ଶ୍ରବଣ କୁମାର ପୁରସ୍କାର ସହ ୧ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପୁରସ୍କାର ପାଇଁ ୧୯୯ ଜଣଙ୍କୁ ଚିହ୍ନଟ କରାଯାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ